A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 163
Monday, 18 August 2025, Balasore, Page : 8, ₹ 2/
ବାଲେଶ୍ୱର, ସୋମବାର,୧୮ ଅଗଷ୍ଟ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ମହାରାଷ୍ଟ୍ରର ରାଜ୍ୟପାଳ ସି.ପି ରାଧାକୃଷ୍ଣନ ହେଲେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ

ନୂଆଦିଲ୍ଲୀ , ୧୭/୦୮ (ନ୍ୟୁ.ଏ) : ମହାରାଷ୍ଟ୍ରର ରାଜ୍ୟପାଳ ସି.ପି ରାଧାକୃଷ୍ଣନ ହେବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ । ରବିବାର ତାଙ୍କ ନାଁ ଘୋଷଣା କରିଛନ୍ତି ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା । ବିଜେପି ସଂସଦୀୟ ବୈଠକରେ ତାଙ୍କ ନାଁ ଉପରେ ମୋହର ବାଜିବା ପରେ ଏହି ଘୋଷଣା କରାଯାଇଛି । ଚନ୍ଦ୍ରପୁରମ ପୋନୁସ୍ୱାମୀ ରାଧାକୃଷ୍ଣନ ବା ସି.ପି ରାଧାକୃଷ୍ଣନ ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ତାମିଲନାଡୁର ତିରୁପୁରରେ ଜନ୍ମ ହୋଇଥିଲେ । ୧୬ ବର୍ଷ ବୟସରୁ ସେ ଆରଏସ୍‌ଏସ୍ ଓ ଜନସଂଘ ସହ ଜଡ଼ିତ ହୋଇଥିଲେ । ତାଙ୍କର ଦୀର୍ଘ ରାଜନୀତିକ କ୍ୟାରିୟରରେ ସେ ଅନେକ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି । ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଭାବେ କାର୍ଯ୍ୟ କରିଥିଲେ ସି.ପି ରାଧାକୃଷ୍ଣନ । ତା'ପୂର୍ବରୁ ୧୯୯୮ ଓ ୧୯୯୯ରେ ସେ ଦୁଇ ଥର ତାମିଲନାଡୁର କୋଏମ୍ବାଟୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୨୪ ଜୁଲାଇ ୩୧ ତାରିଖରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ସି.ପି ରାଧାକୃଷ୍ଣନ । ତା'ପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ । ୨୦୨୩ ଫେବ୍ରୁଆରୀ ୧୮ରୁ ୨୦୨୪ ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡର ରାଜ୍ୟପାଳ ରହିଥିଲେ । ୨୦୨୪ ମାର୍ଚ୍ଚରୁ ଜୁଲାଇ ମାସ ପର୍ଯ୍ୟନ୍ତ ସେ ତେଲଙ୍ଗାନାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ । ସେହିଭଳି ୨୦୨୪ ମାର୍ଚ୍ଚରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ସେ ପୁଡୁଚେରୀର ଉପ-ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ତାମିଲନାଡୁ ବିଜେପିର ସଭାପତି ଥିବା ବେଳେ ସି.ପି ରାଧାକୃଷ୍ଣନ ଏକ ୯୩ ଦିନିଆ ରଥ ଯାତ୍ରା କରିଥିଲେ । ଏଥିରେ ନଦୀ ସଂଯୋଗୀକରଣ, ଆତଙ୍କବାଦର ନିପାତ ଓ ଜାତିପ୍ରଥାକୁ ସଂପୂର୍ଣ୍ଣ ଲୋପ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଉପ ରାଷ୍ଟ୍ରପତି ନିର୍ବାଚନ ହେବ । ଏନେଇ ଆସନ୍ତା ଅଗଷ୍ଟ ୭ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିଥିବା ବେଳେ ୨୨ ତାରିଖରେ ଏହାକୁ ଯାଂଚ କରାଯିବ । ଅଗଷ୍ଟ ୨୫ ହେଉଛି ନାମାଙ୍କନ ପ୍ରତ୍ୟାହାର କରିବା ଶେଷ ତାରିଖ । ଶେଷରେ ସେପ୍ଟମ୍ବର ୯ରେ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟିଂ ହେବ । ମତଦାନର ସମୟ ସକାଳ ୧୦ରୁ ଅପରାହ୍ନ ୫ଟା ଯାଏ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି । ଭୋଟିଂ ଶେଷ ହେବା ପରେ ସେହିଦିନ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ଅର୍ଥାତ ସେପ୍ଟେମ୍ବର ୯ ତାରିଖରେ ଦେଶକୁ ନୂଆ ଉପ ରାଷ୍ଟ୍ରପତି ମିଳିବେ । ଜୁଲାଇ ୨୧ରେ ରାତିରେ ଭାରତର ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ ଅପ୍ରତ୍ୟାଶିତ ଢଙ୍ଗରେ ଇସ୍ତଫା ଦେଇଥିଲେ । ଏଥିଯୋଗୁ ଉପ ରାଷ୍ଟ୍ରପତି ପଦ ଖାଲି ପଡ଼ିଛି । ତେଣୁ ଭାରତୀୟ ନିର୍ବାଚନ କମିଶନ ଏହି ପଦ ପୂରଣ ପାଇଁ ସେପ୍ଟେମ୍ବର ୯ରେ ଭୋଟ ହେବ ବୋଲି ଘୋଷଣା କରିଛନ୍ତି ।

ନବୀନ ପଟ୍ଟନାୟକ ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି

ଭୁବନେଶ୍ୱର, ୧୭/୦୮ (ଆ.ପ୍ର) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଥରେ ଅସୁସ୍ଥ ହୋଇଥିବା ସୂଚନା ମିଳିଛି । ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନବୀନ ପଟ୍ଟନାୟକଙ୍କର ଚିକିତ୍ସା ଡାକ୍ତର ଆଲୋକ ପାଣିଗ୍ରାହୀ କରୁଛନ୍ତି । ତାଙ୍କୁ ଡିହାଇଡ୍ରେସନ ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି । ଭୁବନେଶ୍ୱର ସମ୍ ଅଲ୍‌ଟିମେଟ୍ ମେଡିକେୟାର ପକ୍ଷରୁ କୁହାଯାଇଛି ଯେ, ନବୀନ ପଟ୍ଟନାୟକଙ୍କୁ ଆଜି ସନ୍ଧ୍ୟା ୫ଟା ୧୫ ମିନିଟ୍‌ରେ ଡିହାଇଡ୍ରେସନ୍ ହେତୁ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି । ତେବେ ନବୀନ ପଟ୍ଟନାୟକ ଅସୁସ୍ଥ ହେବା ଖବର ଜଣାପଡ଼ିବା ପରେ ଧୀରେଧୀରେ ହସ୍‌ପିଟାଲ ଆଡ଼କୁ ଦଳୀୟ ନେତାମାନଙ୍କର ଆଗମନ ହେଉଛି । ଭିଡ଼ ଆଶଙ୍କା କରି କମିସନରେଟ ପୁଲିସ ସତର୍କ ରହିଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି । ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନବୀନ ପଟ୍ଟନାୟକଙ୍କର ଚିକିତ୍ସା ଡାକ୍ତର ଆଲୋକ ପାଣିଗ୍ରାହୀ କରୁଛନ୍ତି । ତାଙ୍କୁ ଡିହାଇଡ୍ରେସନ ହୋଇଥିବା ସୂଚନା ମିଳିଛି । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି । ସୂଚନାଯୋଗ୍ୟ, ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କର ଗତ ଜୁଲାଇ ମାସରେ ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସର୍ଭାଇକାଲ୍ ଆର୍ଥ୍ରାଇଟିସ୍ ପାଇଁ ଏକ ସଫଳ ଅସ୍ତ୍ରୋପଚାର କରାଯାଇ ଥିଲା । ଏହି ଅସ୍ତ୍ରୋପଚାର ତାଙ୍କ ବ୍ୟକ୍ତିଗତ ଡାକ୍ତର ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । ଅସ୍ତ୍ରୋପଚାର ପରେ ସେ ଦୁଇରୁ ତିନି ଦିନ ରହିଥିଲେ । ତାଙ୍କୁ ୫-୭ ଦିନ ମଧ୍ୟରେ ଡିସଚାର୍ଜ କରାଯାଇଥିଲା । ଅପରେସନ ପରେ ନବୀନ ପଟ୍ଟନାୟକ ସକ୍ରିୟ ଏବଂ ସଚେତନ ଥିଲେ । ମୁମ୍ବାଇରେ ଚିକିତ୍ସା ସମୟରେ ନବୀନଙ୍କ ଭାଇ ପ୍ରେମ ପଟ୍ଟନାୟକ ଏବଂ ଭାଉଜ ଉପସ୍ଥିତ ଥିଲେ । ମୁମ୍ବାଇର ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ନବୀନ ପଟ୍ଟନାୟକ କହିଥିଲେ, ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୋର ଚିକିତ୍ସା ହେବ । ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଏହି ଚିକିତ୍ସା ହେବ । ମୋର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଚିକିତ୍ସା ହେବ । ଏଥି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ମାଗୁଛି । ଓଡ଼ିଆ ଭାଇଭଉଣୀଙ୍କର ଶୁଭକାମନା ଚାହୁଁଛି । ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ କହିଛନ୍ତି, ମୁଁ ଶୀଘ୍ର ସୁସ୍ଥ ହୋଇ ଫେରି ଆସିବି । ଓଡ଼ିଶାର ସମସ୍ତଙ୍କ ସେବା ଜାରି ରଖିବାକୁ ଅପେକ୍ଷା କରିଛି ।

ବଦଳିଯିବ ପିଏମଓର ଠିକଣା

ନୂଆଦିଲ୍ଲୀ, ୧୭/୦୮ (ନ୍ୟୁ.ଏ) : ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (PMO)ର ଠିକଣା ପରିବର୍ତ୍ତନ ହେବାକୁ ଯାଉଛି । ବର୍ତ୍ତମାନ, ପିଏମଓ ସାଉଥ୍ ବ୍ଲକରେ ଅବସ୍ଥିତ, ଯାହା ଆସନ୍ତା ମାସରେ ଏକଜିକ୍ୟୁଟିଭ୍ ଏନକ୍ଲେଭ୍ କୁ ସ୍ଥାନାନ୍ତରିତ ହେବ । ସେଂଟ୍ରାଲ୍ ଭିସ୍ତା ପ୍ରୋଜେକ୍ଟ ଅଧୀନରେ ନିର୍ମିତ ଏହି ନୂତନ ଏନକ୍ଲେଭରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବ୍ୟତୀତ କ୍ୟାବିନେଟ ସଚିବାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ ଉନ୍ନତ କନ୍‌ଫରେନ୍ସ ରୁମ ସୁବିଧା ମଧ୍ୟ ରହିବ । ଏହା ଉଲ୍ଲେଖନୀୟ ଯେ ନୂତନ ପିଏମଓ ପ୍ରଧାନମନ୍ତ୍ରୀଙ୍କ ବାସଭବନର ନିକଟତର ଓ ସାଉଥ୍ ବ୍ଲକରେ ଥିବା ପିଏମଓରେ ଆଧୁନିକ ସୁବିଧାର ଅଭାବ ଅଛି । ସେହି ସମୟରେ, ସ୍ଥାନର ମଧ୍ୟ ଅଭାବ ଅଛି । ସୂଚନା ଅନୁଯାୟୀ, ନୂତନ ପିଏମଓକୁ କିଛି ନୂତନ ନାମ ମଧ୍ୟ ଦିଆଯାଇପାରିବ । ପ୍ରଧାନମନ୍ତ୍ରୀ ତାଙ୍କର ତୃତୀୟ କାର୍ଯ୍ୟକାଳ ପୂର୍ବରୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପିଏମଓ ଜନସାଧାରଣଙ୍କର ହେବା ଉଚିତ । ଏହା ମୋଦୀଙ୍କ ପିଏମଓ ହୋଇ ରହିଯିବା ଉଚିତ ନୁହେଁ । ନିକଟରେ, ପ୍ରଧାନମନ୍ତ୍ରୀ ମୋଦୀ ଗୃହ ମନ୍ତ୍ରଣାଳୟ ଏବଂ କାର୍ମିକ ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ 'କର୍ତ୍ତବ୍ୟ ଭବନ-୩' ଉଦଘାଟନ କରିବା ସମୟରେ କହିଥିଲେ ଯେ ପ୍ରଶାସନିକ ଯନ୍ତ୍ରପାତି ଏବେ ବି ବ୍ରିଟିଶ ସମୟର କୋଠାରୁ କାମ କରୁଛି, ଯେଉଁଠାରେ ଆଲୋକ ଏବଂ ବାୟୁଚଳନର ଅଭାବ ରହିଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ ନର୍ଥ ବ୍ଲକ ଏବଂ ସାଉଥ ବ୍ଲକ ଗତ ୮ ଦଶନ୍ଧି ଧରି ଭାରତ ସରକାରଙ୍କ କାର୍ଯ୍ୟର କେନ୍ଦ୍ର ହୋଇଆସିଛି । ଉଭୟ ବ୍ଲକକୁ 'ଯୁଗେ ଯୁଗେ ଭାରତ ସଂଗ୍ରହାଳୟ' ନାମକ ଏକ ସାର୍ବଜନୀନ ସଂଗ୍ରହାଳୟରେ ପରିଣତ କରାଯିବ ।

ପଂଚାୟତ ନିର୍ବାଚନ ପାଇଁ କଂଗ୍ରେସର ଆଗୁଆ ପ୍ରସ୍ତୁତି, ନେତାଙ୍କୁ ଦିଆଗଲା ଟାସ୍କ

ଭୁବନେଶ୍ୱର, ୧୭/୦୮ (ଆ.ପ୍ର) : ପଂଚାୟତ ନିର୍ବାଚନ ପାଇଁ କଂଗ୍ରେସର ଆଗୁଆ ପ୍ରସ୍ତୁତି । ପଂଚାୟତ ନିର୍ବାଚ ସମେତ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଏକ ପରୀକ୍ଷା ଭାବେ ନେଇ ମିଶନ ଆରମ୍ଭ କରିବାକୁ ଯାଉଛି କଂଗ୍ରେସ । ଏଥିପାଇଁ ଆଜି କଂଗ୍ରେସ ଭବନରେ ବସିଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ । ୨୦୨୪ ନିର୍ବାଚନରେ ୧୦ ପ୍ରତିଶତରୁ ଅଧିକ ଭୋଟ ପାଇଥିବା ପ୍ରାର୍ଥୀଙ୍କୁ ନେଇ ହୋଇଥିଲା ବିଚାର ବିମର୍ଶ । ଏଥର ପ୍ରାର୍ଥୀମାନଙ୍କୁ ଦିଆଯାଇଛି ଟାସ୍କ । ପ୍ରାର୍ଥୀମାନେ ପ୍ରତି ମାସରେ ରିପୋର୍ଟ ସହ ୬ ମାସରେ ସମୀକ୍ଷା କରି ପରବର୍ତ୍ତୀ ନିଷ୍ପତ୍ତି ନେବାକୁ ଦଳ ରଣନୀତି ପ୍ରସ୍ତୁତ କରିଛି । ପଂଚାୟତ ନିର୍ବାଚନରୁ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଫର୍ମୁଲା କଷିଲାଣି କଂଗ୍ରେସ । 'ଭୋଟ ଚୋରି' ସମ୍ବିଧାନ ବଂଚାଅ, ଭଳି ପ୍ରସଙ୍ଗ ସହ ରାହୁଲଙ୍କ ବାର୍ତ୍ତାକୁ ଘରେ ଘରେ ପହଂଚାଇବାକୁ ପ୍ଲାନ କରିଛି କଂଗ୍ରେସ । ଆଜି କଂଗ୍ରେସ ଭବନରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ଯେଉଁଥିରେ ଗତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପ୍ରାର୍ଥୀଙ୍କ ସହ ବିଚାର ବିମର୍ଶ କରାଯାଇଥିଲା । ଯେଉଁମାନେ ୧୦ ପ୍ରତିଶତରୁ ଅଧିକ ଭୋଟ ପାଇଥିଲା ସେମାନଙ୍କ ସହ ସଭାପତି ଏବଂ ପ୍ରଭାରୀ ଆଲୋଚନା କରିଥିଲେ । ଆଉ ଦିଆଯାଇଥିଲା ଚିଗ ଟାସ୍କ ।୧- ପ୍ରତ୍ୟେକ ଅଂଚଳର ସ୍ଥାନୀୟ ସମସ୍ୟାକୁ ନେଇ ଲୋକଙ୍କ ସହ ଯୋଡି ହେବାକୁ ନିର୍ଦ୍ଦେଶ । ୨- ପଂଚାୟତ ନିର୍ବାଚନରେ ଭୋଟ ପ୍ରତିଶତ ବଢାଇବା ପାଇଁ କାର୍ଯ୍ୟ ଆରମ୍ଭ କରିବା । ୩- ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଘରେ ଘରେ ପହଂଚାଅ । ୪ - ସ୍ଥାନୀୟ ନିର୍ବାଚନ ମଣ୍ଡଳୀ ସ୍ତରରେ ଲଢେଇ ବେଳେ ସରକାରୀ ଦଳ ପକ୍ଷରୁ ଅସୁବିଧା ହେଲେ ଏକାଠି ଠିଆ ହୁଅ, ପିସିସିର ଟିମ ସମ୍ପୃକ୍ତ ପ୍ରାର୍ଥୀଙ୍କ ପଛରେ ଛିଡା ହେବ ଆଶ୍ୱାସନା ଦେଇଛି । ୫- ଯେଉଁମାନେ ଦଳ ଛାଡ଼ି ଚାଲିଯାଇଛନ୍ତି ସେମାନଙ୍କୁ ଫେରାଇ ଆଣିବା ଲାଗି ଉଦ୍ୟମ ହେବ । ପୁରୁଣା ପ୍ରାର୍ଥୀମାନେ କେତେ ଆକ୍ଟିଭ ଅଛନ୍ତି ତାହାର ଆକଳନ କରାଯାଉଛି । ପଂଚାୟତ ନିର୍ବାଚନ ସଫଳତାକୁ ପ୍ରାର୍ଥୀତ୍ୱର ମାନଦଣ୍ଡ ଭାବେ ଗଣାଯିବ । ସେଥିପାଇଁ ୬ ମାସିଆ ଟାସ୍କ ଦିଆଯାଉଛି । ପ୍ରତି ମାସରେ ହେବ ସମୀକ୍ଷା । ୨୦ ଦିନ ରାଜନୈତିକ ଓ ସାଙ୍ଗଠନିକ କାର୍ଯ୍ୟ କରିବେ ପ୍ରାର୍ଥୀ । କାମ ଦେଖି ଆଗକୁ ସେମାନେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ଆଗକୁ ନେତୃତ୍ୱ ନେବେ କି ନାହିଁ ତାହା ନିର୍ଦ୍ଧାରଣ କରାଯିବ । ଆଉ ଏଭଳି ଟାସ୍କକୁ ନେଇ ପୁଣି ସକ୍ରିୟ ହୋଇପଡ଼ିଛନ୍ତି ଗ୍ରାଉଣ୍ଡର ନେତାମାନେ । ପୂର୍ବ ନିର୍ବାଚନରେ ରାଜ୍ୟରେ ୧୦ ପ୍ରତିଶତରୁ ଅଧିକ ଭୋଟ ପାଇଥିବା କଂଗ୍ରେସ ପ୍ରାର୍ଥୀଙ୍କ ସଂଖ୍ୟା ୬୫ ରୁ ଅଧିକ ହୋଇଥିବା ବେଳେ ଆଗକୁ ୧୦ ପ୍ରତିଶତରୁ କମ ଭୋଟ ପାଇଥିବା ପ୍ରାର୍ଥୀ ମାନଙ୍କୁ ମଧ୍ୟ ଅଲଗା ଟାସ୍କ ଦେବ ଦଳ । ସେମାନଙ୍କର ସାମର୍ଥ୍ୟ ମଧ୍ୟ ପରଖାଯିବ ବୋଲି ହୋଇଛି ନିଷ୍ପତି ।

ଅଂଚଳରେ ମିଳୁନି କାମ; ଦାନ ଖଟିବାକୁ ଯାଉଛନ୍ତି ହଜାର ହଜାର ଶ୍ରମିକ

ଭୁବନେଶ୍ୱର, ୧୭/୦୮ (ଆ.ପ୍ର) : ଅଂଚଳରେ ମିଳୁନି କାମ । ଫଳରେ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାନ ଖଟିବାକୁ ଯାଉଛନ୍ତି ହଜାର ହଜାର ଶ୍ରମିକ । ହେଲେ ସରକାରୀ ତଥ୍ୟ ଭିନ୍ନ । ମାତ୍ର ୩୫ ଜଣ ଶ୍ରମିକ ଗଡପତି ଜିଲ୍ଲାରୁ ଯାଇଥିବା ରିପୋର୍ଟ । ଜିଲ୍ଲାର ସମସ୍ତ ସାତୋଟି ବ୍ଲକର ପ୍ରାୟ ୩୦ ହଜାରରୁ ଅଧିକ ଶ୍ରମିକ ସଂଗଠିତ ଓ ଅଣ ସଂଗଠିତ ଭାବରେ ବାହାର ରାଜ୍ୟରେ ନିର୍ମାଣ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି । କେତକ କ୍ଷେତ୍ରରେ ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ ହୋଇ ଦୁର୍ଘଟଣାର ଶିକାର ହେବା ଏବଂ ମୃତ୍ୟୁ ମୁଖରେ ପଡିବାର ଅନେକ ନଜିର ରହିଛି । ତଥ୍ୟ ଅନୁସାରେ ଗତ ୪ ବର୍ଷ ମଧ୍ୟରେ ୧୮ ଟି ଘଟଣା ନଜରକୁ ଆସିଥିବା ବେଳେ ବାହାର ରାଜ୍ୟରେ କାମ କରୁଥିବା ସମୟରେ ଅଘଟଣ ଘଟି ୧୪ ଜଣ ଶ୍ରମିକଙ୍କ ଜୀବନ ଯାଇଛି । ୪ ଜଣଙ୍କ ଅଙ୍ଗ କଟି ଯାଇଥିବା ପରିସ୍ଥିତିରେ ଉଦ୍ଧାର କରାଯାଇଛି । ଅଂଚଳରେ ମନେରଗା ଭଳି ଯୋଜନା ସଠିକ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି । ଠିକାଦାର ଜରିଆରେ ହେଉ ଅବା ନିଜସ୍ୱ ଉଦ୍ୟମରେ ଶ୍ରମିକ ବାହାର ରାଜ୍ୟକୁ କାର୍ଯ୍ୟ କରିବାକୁ ଗଲେ । ଏହାର ତଥ୍ୟ ଜିଲ୍ଲା ଶ୍ରମ ବିଭାଗ ପାଖରେ ରହୁ ନାହିଁ । ଶ୍ରମିକ ପଞ୍ଜିକରଣ ନେଇ ପାଂଚାୟତ ସ୍ତରରେ ପଂଚାୟତ ନିର୍ବାହୀ ଅଧିକାରୀ ମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଗାଁ ଗାଁ ରୁ ତଥ୍ୟ ନେଇ ପଞ୍ଜୀକରଣ କରିବା କଥା କିନ୍ତୁ ତାହା ସେମାନେ କରୁନଥିବା କାରଣରୁ ସରକାରଙ୍କ ନିକଟରେ ଦାଦନ ଶ୍ରମିକଙ୍କ ପ୍ରକୃତ ତଥ୍ୟ ରହୁନଥିବା କହିଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା । ଦାଦନ ରୋକିବାକୁ ଠୋସ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ବେଳେ ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ତଥ୍ୟ ବି ସରକାରଙ୍କ ନିକଟରେ ନାହିଁ । କେଉଁଠି ନା କେଉଁଠି ଶ୍ରମ ବିଭାଗର ତତ୍ପରତାର ଘୋର ଅଭାବ ରହିଛି । ଫଳରେ ଶ୍ରମିକ ସରକାରଙ୍କ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଛନ୍ତି ।

ADMISSION OPEN- 2025
MODERN
I.T.I
TRADE:
FITTER & ELECTRICIAN
Affiliated to NCVT, Govt. of India, New Delhi
STIPEND FACILITY FOR SC/ST/OBC STUDENTS
Special Concession for very poor & girl students
Sundari, P.O.- Sunhat, Balasore
9437485676, 8249839157, 9438214434

ନୂଆ ଏନଏସି ଚିଠା ବିଜ୍ଞପ୍ତି ପ୍ରକାଶ ପ୍ରସଙ୍ଗରେ ରାଜନୀତି ଆରମ୍ଭ

ଭୁବନେଶ୍ୱର, ୧୭/୦୮ (ଆ.ପ୍ର) :ନୂଆ ଏନଏସି ଚିଠା ବିଜ୍ଞପ୍ତି ପ୍ରକାଶ ପ୍ରସଙ୍ଗରେ ରାଜନୀତି ଆରମ୍ଭ । ଏହି ପ୍ରସଙ୍ଗରେ ବିଜେଡି କହିଛି, ନବୀନଙ୍କ ନିଷ୍ପତିକୁ ନିଜର କହି ନୂଆ ସରକାର ଘୋଷଣା କରୁଛି । ପୂର୍ବ ସରକାର ଅମଳରେ ୫୭ ଅଂଚଳକୁ ଏନଏସି ଘୋଷଣା କରାଯାଇଥିଲା । ସେହିପରି କଂଗ୍ରେସ କହିଛି ବର୍ଷ ବର୍ଷ ଧରି ପଂଚାୟତ ଲୋକେ ଚାହୁଁଛନ୍ତି ମ୍ୟୁନିସପାଲଟି କିମ୍ବା ଘଇଭରେ ରହିବା ପାଇଁ । ବାକି ଥିବା ପଂଚାୟତକୁ କେବେ ଘଇଉ ଘୋଷଣା କରାଯିବ । ତେବେ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ସହରୀକରଣ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁତ ପଛରେ । ଦିନେ ଦୁଇ ଦିନ ଭିତରେ ଆଉ ୯ଟି ତାଲିକା ପ୍ରକାଶ ପାଇବ । ୧୨ ନୂଆ ଏନଏସି ଚିଠା ବିଜ୍ଞପ୍ତି ପ୍ରକାଶ ପ୍ରସଙ୍ଗରେ ପ୍ରତକ୍ରିୟାରେ ବିଜେଡି କହିଛି ନବୀନଙ୍କ ନିଷ୍ପତିକୁ ନିଜର କହି ନୂଆ ସରକାର ଘୋଷଣା କରୁଛି । ନବୀନ ସରକାର ଯାହା ନିଷ୍ପତି ନେଇଥିଲେ ତାକୁ ବନ୍ଦ କରି ନିଜେ ନାଁ ନେବା ପାଇଁ ୧୨ ଏନଏସି ଘୋଷଣା କରାଯାଇଛି । ପୂର୍ବ ସରକାରରେ ୫୭ ଅଂଚଳକୁ ଏନଏସି ଘୋଷଣା କରାଯାଇଥିଲା । ଭାବିଚିନ୍ତି ନିଷ୍ପତି ନିଅନ୍ତୁ, ନହେଲେ ଆଗାମୀ ଦିନରେ ପ୍ରତି ଅଂଚଳରେ ଆନ୍ଦୋଳନ ଦେଖିବାକୁ ମିଳିବ ବୋଲି ବିଜେଡି କହିଛି । ସେହିପରି କଂଗ୍ରେସ କହିଛି ବର୍ଷ ବର୍ଷ ଧରି ପଂଚାୟତ ଲୋକେ ଚାହୁଁଛନ୍ତି ମ୍ୟୁନିସପାଲଟି କିମ୍ବା ଘଇଭରେ ରହିବା ପାଇଁ । ପୂର୍ବ ସରକାର ନିର୍ବାଚନ ପୂର୍ବରୁ ୬ଟି ଘଇଉକୁ ମ୍ୟୁନିସପାଲିଟି ଭାବରେ ଘୋଷଣା କରିଥିଲେ । ବାକି ଥିବା ପଂଚାୟତକୁ କେବେ ଘଇଉ ଘୋଷଣା କରାଯିବ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଏହାର ଜବାବରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ସହରୀକରଣ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁତ ପଛରେ । ତେଣୁ ଗତ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ୨୧ ଟି ଅଂଚଳକୁ ସହରୀକରଣ ପ୍ରକ୍ରିୟାରେ ସାମିଲ କରିବାକୁ ଡ୍ରାଫ୍ଟ ନୋଟିଫିକେସନ୍ କରିଛନ୍ତି । ୧୨ ନୂଆ NACର ତାଲିକା ପ୍ରକାଶ କରାଯାଇଛି । ଦିନେ ଦୁଇ ଦିନ ଭିତରେ ଆଉ ୯ଟି ତାଲିକା ପ୍ରକାଶ ପାଇବ । ପୁରୀ ମ୍ୟୁନିସିପାଲଟିକୁ ମ୍ୟୁନିସିପାଲ୍ କର୍ପୋରେସନରେ ପରିଣତ କରିବାର ନୋଟିଫିକେସନ୍ ମଧ୍ୟ ହୋଇସାରିଛି । ଆଗକୁ ସର୍ତ୍ତାବଳୀ ପୂର୍ଣ୍ଣ କରୁଥିବା ଅନ୍ୟ ଅଂଚଳକୁ ଘଇଉ, ମ୍ୟୁନିସପାଲିଟି କିମ୍ବା କର୍ପୋରେସନ ମାନ୍ୟତା ଉପରେ ଆଲୋଚନା ଓ ପ୍ରକ୍ରିୟା ଆରମ୍ଭ ହୋଇଛି ।

ପାକିସ୍ତାନରେ ବର୍ଷା ଓ ବନ୍ୟାର ତାଣ୍ଡବ ଲୀଳା, ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ

ଇସଲାମାବାଦ, ୧୭/୦୮ (ନ୍ୟୁ.ଏ) : ପାକିସ୍ତାନ ଓ ଏହା ଅଧିକୃତ କାଶ୍ମୀର (ପିଓକେ)ର ଅନେକ ଭାଗରେ ପ୍ରବଳ ବର୍ଷା ଓ ବନ୍ୟା ପ୍ରଳୟ ସୃଷ୍ଟି କରିଛି । ମୁଷଳଧାରାର ବର୍ଷା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । କର୍ତ୍ତୃପକ୍ଷଙ୍କ ଠାରୁ ମିଳି ଥିବା ସୂଚନା ଅନୁସାରେ, ସବୁଠୁ ଅଧିକ ମୃତ୍ୟୁ ଖୈବର ପଖତୁନଖ୍ୱା ପ୍ରଦେଶରେ ହୋଇଛି । ସେଠାରେ ହଠାତ୍ ବନ୍ୟା ଆସି ଅନେକ ଜିଲ୍ଲାକୁ ପ୍ରଭାବିତ କରିଛି । ବନ୍ୟାରେ ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇ ଯାଇଛି ଏବଂ ପିଓକେର ଗିଲଗିଟ-ବାଲଟିସ୍ତାନରେ କାରାକୋରମ ଓ ବାଲଟିସ୍ତାନ ଜାତୀୟ ରାଜପଥ ସହ ପ୍ରମୁଖ ସଡ଼କ ଅବରୋଧ ହୋଇ ଯାଇଛି । ପାକିସ୍ତାନୀ ଅଧିକାରୀମାନେ ଖୈବର ପଖତୁନଖ୍ୱାରେ ୨୧ ଅଗଷ୍ଟ ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସତର୍କ ସୂଚନା ଦେଇଛନ୍ତି । ପ୍ରଦେଶ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ପିଡିଏମଏ)ର ମୁଖପାତ୍ରଙ୍କ ଅନୁସାରେ , ଗତ ୨୪ରେ ହଠାତ୍ ଆସିଥିବା ବନ୍ୟାରେ ୧୪ ଜଣ ମହିଳା ଓ ୧୨ଜଣ ଶିଶୁ ସମେତ ଅତି କମ୍‌ରେ ୧୯୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଲୋକ ନିଖୋଜ ଅଛନ୍ତି । ବୁନେର ଜିଲ୍ଲାରେ ସବୁଠୁ ଅଧିକ ୯୨ମୃତ୍ୟୁ ହୋଇଥିବା ରେକର୍ଡ କରାଯାଇଛି । ଅନ୍ୟ ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ମାନସେହରା, ବାଜୋର, ବଟାଗ୍ରାମ, ଲୋଅର ଦୀର ଏବଂ ଶାଙ୍ଗଲା ସାମିଲ ଅଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଅଧ୍ୟକ୍ଷ ଲେଫ୍‌ଟେନାଂଟ ଜେନେରାଲ ଇନାମ ହାଇଦର ଇସଲାମାବାଦରେ ଆୟୋଜିତ ପ୍ରେସ୍ କନଫରେନ୍ସରେ କହିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାକିସ୍ତାନରେ ପାଣିପାଗର ସ୍ଥିତି ବଦଳୁଛି । ସେ କହିଛନ୍ତି ଯେ, ଜୁନରେ ମନସୁନ୍ ଆରମ୍ଭ ହେବା ପରେ ଗତ ବର୍ଷ ତୁଳନାରେ ୫୦ପ୍ରତିଶତ ଅଧିକ ବର୍ଷା ହୋଇ ସାରିଛି । ସେ ଚେତାବନୀ ଦେଇଛନ୍ତି ଯେ, ଏହି ମାସ ଆହୁରି ଅଧିକ ତୀବ୍ର ପାଗର ସମ୍ଭାବନା ରହିଛି । ପ୍ରଦେଶ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମହାନିର୍ଦ୍ଦେଶକ ଅସଫନ୍ଦିଆର ଖାନ ଖଟକ କହିଛନ୍ତି ଯେ, ଦୁନିଆରେ ଏମିତି କୌଣସି ପୂର୍ବାନୁମାନ ପ୍ରଣାଳୀ ନାହିଁ ,ଯାହା ବାଦଲଫାଟିବାର ସଠିକ୍ ସମୟ ଓ ସ୍ଥାନର ଭବିଷ୍ୟବାଣୀ କରି ପାରିବ ।

ପ୍ରବଳ ବର୍ଷା ସତ୍ୱେ ଉପଖଣ୍ଡସ୍ତରୀୟ ୭୯ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ

ଜି.ଉଦୟଗିରି, ୧୭/୦୮ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ପ୍ରବଳ ବର୍ଷା ସତ୍ୱେ ଉପଖଣ୍ଡ ସ୍ତରୀୟ ୭୯ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଭାରପ୍ରାପ୍ତ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିବା ବେଳେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୁମାର ବିଶି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଉପ ଜିଲ୍ଲାପାଳ ପତାକା ଉତୋଳନ କରିଥିଲେ । ଏହି ସାମୁହିକ ପ୍ୟାରେଡ ରେ ହବାକ ଉଚ୍ଚ ବିଦ୍ୟାଳୟର ଏନସିସି, ସ୍କାଉଟ, ରେଡକ୍ରସ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ସିନିୟର ଓ ଜୁନିୟର ଡିଭିଜନ, ସରସ୍ୱତୀ ଶିଶୁ ମନ୍ଦିର, ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ହେର୍ମନ ଇଂଲିଶ ମିଡ଼ିଅମ ସ୍କୁଲ, ମାଉଂଟ କାର୍ମେଲ ଇଂଲିଶ ମିଡ଼ିଅମ ସ୍କୁଲ,ଗୁଡ ସେଫର୍ଡ ଇଂଲିଶ ମିଡ଼ିଅମ ସ୍କୁଲ, ସେଂଟ ଭିନିସେଂଟ ଇଂଲିଶ ମିଡ଼ିଅମ ସ୍କୁଲ, ହାତୀଶାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ଅନ୍ୟାନ୍ୟ ସ୍କୁଲର ଛାତ୍ରୀ ଛାତ୍ର ଯୋଗ ଦେଇଥିଲେ । ଶେଷରେ ସାମୁହିକ ପ୍ୟାରେଡ ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଟ୍ରୁପ ଗୁଡ଼ିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଉପକାରାଗାରରେ ଥିବା ଅନ୍ତେବାସୀ ମାନଙ୍କୁ ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ଫଳ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଶିକ୍ଷକ ବିଜୟ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ପିଟି ସଞ୍ଜୟ କୁମାର ସାହୁ, ସରୋଜ କୁମାର ଦାସ ପତାକା ଉତୋଳନ ବ୍ୟବସ୍ଥା କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ଧାରା ବିବରଣୀ ସୁଧୀର କୁମାର ସାହୁ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ଶାନ୍ତନୁ ପ୍ରଧାନ ସହଯୋଗ କରିଥିଲେ । ସ୍ଥାନୀୟ ଅଂଚଳରେ ପ୍ରବଳ ବର୍ଷା ସତ୍ୱେ ୭୯ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇଥିଲା । ସେହିପରି ପ୍ରେସକ୍ଲବ, ଏନଏସି, କାର୍ଯ୍ୟାଳୟ, ଇନ୍ଦିରା ପ୍ରିୟଦର୍ଶିନି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଳିଙ୍ଗ ମହାବିଦ୍ୟାଳୟ, ସମସ୍ତ ସରକାରୀ ବେସରକାରୀ ସ୍କୁଲ ଓ ଅନୁଷ୍ଠାନ, ବ୍ୟବସାୟୀ ସଂଘ, ମୋଟର ଚାଳକ ସଂଘ, ସମସ୍ତ ପଂଚାୟତ କାର୍ଯ୍ୟାଳୟ ରେ ସ୍ୱାଧୀନତା ଦିବସ ପାଳନ ହୋଇଥିଲା ।

ପାବୁରିଆ ଠାରେ ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ

ଟିକାବାଲି, ୧୭/୦୮ (ଆ.ପ୍ର) : ପବିତ୍ର ଜନ୍ମାଷ୍ଟମୀ । ସବୁଠି ଆନନ୍ଦ ଉଲ୍ଲାସର ସହ ଏହି ପର୍ବ ପାଳନ ହେଉଥିବା ବେଳେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍ ଅନ୍ତର୍ଗତ ପାବୁରିଆ ଠାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ସହିତ ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଯାଉଛି । ଆଜି ସକାଳୁ ଗୋ ପୂଜନ,କଳଶ ଯାତ୍ରା ପରେ ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜାର୍ଚ୍ଚନା ପରେ ସ୍ୱାମୀଜୀଙ୍କ ସ୍ମୃତି ଚାରଣ ଅନୁଷ୍ଠିତ ହୋଇଛି । ଏହାପରେ ଘୃତ ଯଜ୍ଞ ଏବଂ ସନ୍ଧ୍ୟା ସମୟରେ ନାମ ସଂକୀର୍ତ୍ତନ ସହ ବିଭିନ୍ନ ପୂଜାର୍ଚ୍ଚନା ଆଦି କାର୍ଯ୍ୟକ୍ରମ ରହିଛି । ଗତ ୨୦୦୮ ମସିହା ଅଗଷ୍ଟ ୨୪ ତାରିଖରେ ଜନ୍ମାଷ୍ଟମୀ ପାଳନ ବେଳେ ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ । ସ୍ୱାମୀଜୀଙ୍କ ସହ ତାଙ୍କର ଚାରିଜଣ ସହଯୋଗୀଙ୍କୁ ଗୁଳିକରି ହତ୍ୟା କରିଥିଲେ ଦୁର୍ବୃତ୍ତ । ଫଳରେ ପରବର୍ତ୍ତୀ ସମୟରେ କନ୍ଧମାଳ ଜିଲ୍ଲାରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଆଂଚଳିକ କମିଟି ପାବୁରିଆ ସଭାପତି -ଗୋପବନ୍ଧୁ ପ୍ରଧାନ ସମ୍ପାଦକ -ଗୋପାଳ କୃଷ୍ଣ ନାୟକ ଶ୍ରଦ୍ଧାଞ୍ଜଳି ଆୟୋଜନ କମିଟି ପାବୁରିଆ -ସଂଯୋଜନା -ପ୍ରକାଶ ଚନ୍ଦ୍ର ନାୟକ,ସହସଂଯୋଜକ - ଉମେଶ ପ୍ରଧାନ କୋଷାଧକ୍ଷ - ଅଟଳ ବିହାରୀ ପାତ୍ରୀ ମୁଖ୍ୟ ଅତିଥି -ପ୍ରାଣନାଥ ଦିଗାଳ ଉପସ୍ଥାପକ - ସହଦେବ ପ୍ରଧାନ ମୁଖ୍ୟବକ୍ତା -ଅକ୍ଷୟ କୁମାର ବଳ ସ୍ଥାନୀୟ ସରପଂଚ -ସଞ୍ଜୟ କୁମାର ନାୟକ ଏବଂ ଜିଲ୍ଲା ର ଅନ୍ୟାନ୍ୟ ବ୍ଲକର ପଦାଧିକାରୀ ଯୋଗ ଦେଇଥିଲେ । ଏଣୁ ଜନ୍ମାଷ୍ଟମୀକୁ ନେଇ କନ୍ଧମାଳ ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି । ଗୋଟିଏ ଦିନରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ପଡୁଥିବାରୁ ସୁରକ୍ଷା ଦୃଷ୍ଟିରୁ ସାରା ଜିଲ୍ଲାରେ ମୋଟ ୧୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିବା ବେଳେ ତୁମୁଡ଼ିବନ୍ଧ ଜଲେଶପଟ୍ଟା ଆଶ୍ରମ ଓ ଚକାପାଦ ଆଶ୍ରମରେ ୨ ପ୍ଲାଟୁନ୍ ଲେଖାଏଁ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ବିଭିନ୍ନ ସ୍ଥାନରେ ନାକା ଲଗାଇ ପୋଲିସ୍ ପକ୍ଷରୁ ଗାଡ଼ି ମୋଟର ଯାଂଚ୍ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ଜରିପାଲ ଘରେ ବିତାଉଛନ୍ତି ଜୀବନ, ମିଳୁନାହିଁ ଆବାସ

ଯାଜପୁର, ୧୭/୦୮ (ଆ.ପ୍ର) : ସରକାର ପରେ ସରକାର ବଦଳୁଛନ୍ତି । ନେତାଙ୍କ ଭାଗ୍ୟ ବି ବଦଳୁଛି, ହେଲେ ଗରିବ ଲୋକଙ୍କ ଭାଗ୍ୟ ବଦଳୁନି । ସରକାର କହୁଛନ୍ତି କେହି ବି ଗରିବ ଲୋକ ଚାଳ ଘରେ ରହିବେ ନାହିଁ, ସେମାନଙ୍କୁ ପକ୍କା ଘର ଦିଆଯିବ । ହେଲେ ଗରିବ ଲୋକ ଏବେ ବି ଭଙ୍ଗା ଘରେ ଜୀବନ ବିତାଉଛନ୍ତି । ସ୍ୱାଧୀନତା ପରେ ବି ଏମାନେ ପରାଧୀନ ହୋଇ ରହିଛନ୍ତି । ଏମିତି ଏକ ଭଙ୍ଗା ଘରେ ରହି ଜୀବନ ବିତାଉଛନ୍ତି ଯାଜପୁର ସହରର ଏକ ଜନଗହଳି ପୂର୍ଣ୍ଣ (ରେଡ଼କ୍ରସ ଛକ,୧୦ ନମ୍ବର ୱାର୍ଡ) ସ୍ଥାନରେ ତିନ ମଜୁରିଆ ପରିବାରର ସଦସ୍ୟମାନେ । ଯାହା ଶୁଣିବାକୁ ମିଳେ ଏମାନେ ଯାଜପୁର ପୌ ।ରପାଳିକା ଠିକା କର୍ମଚାରୀ । ଆଜି ପର୍ଯ୍ୟନ୍ତ ସେମାନେ ଜରିପାଲ ଭିତରେ ଜୀବନ ବିତାଉଥିବା ଦେଖିବାକୁ ମିଳେ । ସ୍ୱଚ୍ଛଭାରତ ଅଭିଯାନ ସେମାନଙ୍କ ପାଇଁ ସାତ ସପନ। ଦିନ ମଜୁରିଆ, ଭଙ୍ଗା ଦଦରା ଜରିପାଲ ଘର ଯୋଗୁଁ ଏହି ପରିବାର ଭାରି ଦୁର୍ଦ୍ଦିନରେ ରହୁଛନ୍ତି । ସ୍ତ୍ରୀ, ପିଲାଙ୍କୁ ମିଶାଇ ୪ ଜଣ ପରିବାର । ବର୍ଷା ଦିନେ ଏମାନେ ଚଳିବା ପାଇଁ ବହୁ ସମସ୍ୟା ଦେଖାଦେଉଥିବା ଦେଖାଯାଏ । ଗୁହାଳ ଭଳି ଗୋଟିଏ ଜରିପାଳଘରେ ପରିବାର ଆଶ୍ରୟ ନେଇଛି । ବର୍ଷା ଅସରାଏ ହେଲେ ଘର ଭିତରେ ପାଣି ପଶୁଛି । ଏଣୁ ପଲିଥିନ ହିଁ ଏକମାତ୍ର ସାହା ଭରସା । ଯାହା ଶୁଣିବାକୁ ମିଳେ ସେପଟେ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବାକୁ କେତେ ଯେ ଗୁହାରି କରିଛନ୍ତି ତାର ହିସାବ ନାହିଁ । ତାଙ୍କ ଆଖି ଆଗରେ ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କା ଘର, ମୋ କୁଡ଼ିଆ, ନିର୍ମାଣ ଶ୍ରମିକ ଆବାସ, ପ୍ରଧାନମନ୍ତ୍ରୀ ଆବାସ ଆଉ ଅନ୍ତୋଦୟ ଗୃହ ଯୋଜନା ପ୍ରଚଳନ ହୋଇଛି । ହେଲେ କୌଣସି ଯୋଜନା ଯାଙ୍କୁ ଛୁଇଁ ପାରିଲାନି । ସବୁଥର ନିର୍ବାଚନ ପୂର୍ବରୁ କାଉନ୍ସିଲର ଓ କର୍ମୀ ପ୍ରତିଶ୍ରୁତି ଦିଅନ୍ତି ଘରଟିଏ ଦେବାକୁ ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ମିଳି ପାରିଲାନି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ଦରକାର ।

ମାଙ୍କଡ଼ ଗୋଡ଼ାଇବାରୁ ଆହତଙ୍କୁ କୁକୁର କାମୁଡ଼ା ଇଂଜେକ୍ସନ

ମାହାଙ୍ଗା, ୧୭/୦୮ (ଆ.ପ୍ର) : ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ପ୍ରଦାନରେ ଏବେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ଡାକ୍ତରମାନେ ଚିକିତ୍ସାରେ ଅବହେଳା କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନାହିଁ । ଅପରପକ୍ଷରେ ତା.୧୫.୦୮.୨୦୨୫ ରିଖରେ ମାହାଙ୍ଗାର ତୁଳସୀପୁର ଅଂଚଳର ଶରତ କୁମାର ନାୟକ ପଲ୍ଲୀସାହି ଦେଇ ଯାଉଥିବା ବେଳେ ହଠାତ୍ ଗାଡି ଉପରକୁ ମାଙ୍କଡ ଡେଇଁ ପଡିବାରୁ ସେ ଗାଡିରୁ ତଳକୁ ପଡିଯିବାରୁ ତାଙ୍କର ମୁହଁ ଓ ହାତରେ ଆଘାତ ଲାଗିଥିଲା । ସେ ତୁରନ୍ତ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କୁ ସବୁ କଥା କହିଥିଲେ । ଡାକ୍ତର କିନ୍ତୁ ତାଙ୍କ ଚିଠାରେ କୁକୁର କାମୁଡିବା ଇଂଜେକ୍ସନ ଲେଖିଥିବା ଜଣାପଡିବା ପରେ ପୁନର୍ବାର ଶରତ ନାୟକ ଯାଇ ଡାକ୍ତରଙ୍କୁ ପଚାରିବାରୁ ସେ ତାଙ୍କ ଚିଠାରୁ ସେଗୁଡିକୁ କାଟି ଦେଇଥିଲେ । ଯାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଗ୍ରାମାଞ୍ଚଳରେ ରୋଗୀ ସେବା ନାମରେ କିଭଳି ଡାକ୍ତରମାନେ ନିଜ ମନଇଚ୍ଛା ଔଷଧ ଲେଖି ଚିକିତ୍ସା କରୁଛନ୍ତି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଣୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ



ଜି.ଉଦୟଗିରି, ୧୭/୦୮ (ଆ.ପ୍ର) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଅଧାରୁ ପାଠ ପଢ଼ା ଛାଡ଼ି ସ୍କୁଲ ଯାଉନଥିବା, ଆଦୌ ନାଁ ଲେଖା ହୋଇନଥିବା ଓ ଶିକ୍ଷା ଓ ବିଦ୍ୟାଳୟ ଠାରୁ ଦୂରରେ ରହୁଥିବା ପିଲା ମାନଙ୍କୁ ଶିକ୍ଷା ଅଧିକାରୀ ଅନୁଯାୟୀ ଶିକ୍ଷାର ମୁଖ୍ୟ ସ୍ରୋତ କୁ ଫେରାଇ ଆଣିବା ପାଇଁ ରାଜ୍ୟ ବ୍ୟାପୀ ଆସ ସ୍କୁଲ ଯିବା ଅଭିଯାନ କରାଯାଉଛି । ଏହି କ୍ରମରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ହାତୀଶାଳ, ଟିଓୟୁପି ବିଦ୍ୟାଳୟ ଆଡାସି କୁପା ଓ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ତରଫରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ କୁନିକୁନି ପିଲାଙ୍କୁ ନେଇ ସହର ମଧ୍ୟରେ ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ସପ୍ତାହ ବ୍ୟାପୀ ଶ୍ରାବଣୀ ଉପାକର୍ମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଜଗତସିଂହପୁର, ୧୭/୦୮ (ଆ.ପ୍ର) : ପବିତ୍ର ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଅବସରରେ ଆର୍ଯ୍ୟ ସମାଜ, ଜଗତସିଂହପୁର ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେଉଥିବା ଶ୍ରାବଣୀ ଉପାକର୍ମର ଉଦଯାପନୀ ଉତ୍ସବ ଆଇ.ଟି.ଆଇ, ତରଦ୍ୱାପଡା ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୈଦିକ ଦେବଯଜ୍ଞ ସହ ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ସମୀର ରଞ୍ଜନ ଦାଶ ପୌରାହିତ୍ୟ କରିଥିବା ବେଳେ ଆର୍ଯ୍ୟ ସମାଜର ସଭାପତି ରଶ୍ମିରଂଜନ ମିଶ୍ର ଯଜମାନ ଆସନ ଅଳଙ୍କୃତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସୋମନାଥ ମହାରଣା,ସମ୍ପାଦକ ବିଜୟ ରଥ,ସଂଯୋଜକ ଚନ୍ଦ୍ରଜିତ ପରିଡା,ସନାତନ ବେହେରା, ଇଂ କିଶୋର ସାହୁ, ଗୋଲେଖ ମହାରଣା,ଦିଲ୍ଲୀପ ସାମନ୍ତରାୟ, ସୁଶ୍ରୀ ଅଙ୍କୁଶା,ସୁଚିତ୍ରା ମହାରଣା, ଶିଶୁ ପ୍ରତିଭା ଡି ଶ୍ରେୟାଂଶୀ, ଟାଇମସ ଗୁରୁକୁଳର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ । ପ୍ରକାଶ ଥାଉକି ରାକ୍ଷୀ ପୂର୍ଣ୍ଣିମା ଠାରୁ ଆରମ୍ଭ ଏହି ଶ୍ରାବଣୀ ଉପାକର୍ମ କାର୍ଯ୍ୟକ୍ରମ ଜୟ ହିନ୍ଦ ଭବନ, ହାଟବଜାର,ଗଜଲକ୍ଷ୍ମୀ ମଠ, ନବାପାଟଣା, କୈଳାସ ମୁନିଙ୍କ ବାସଗୃହ, ରାହୁଙ୍ଗ, ବିଜୟ ରଥଙ୍କ ବାସଗୃହ, ଜୟବଡ଼,ପତିତପାବନ ଜୀୟୁଙ୍କ ପୀଠ, ଗରାମ, ବାଲିକୁଦା, ଶାରଳା ଶ୍ରୀକ୍ଷେତ୍ର, ତିର୍ତୋଲ ଆଦି ସ୍ଥାନରେ ସୁଚାରୁରୂପେ ସମ୍ପାଦିତ କରାଯାଇ ଭାରତୀୟ ସନାତନ ସଂସ୍କୃତି ଓ ପରମ୍ପରାର ଆଧାର ବେଦ୍‌ଜ୍ଞାନ ତତ୍ତ୍ୱ ଜନମାନସରେ ପ୍ରସାର କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ସଭାପତି ଶ୍ରୀ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଆଯିବା ସହ ବୈଦିକ ପରିପ୍ରକାଶ ଓ ପ୍ରଚାର ନିମନ୍ତେ ଆର୍ଯ୍ୟ ସମାଜ, ଜଗତସିଂହପୁର ଚେଷ୍ଟିତ ବୋଲି ସଭାପତି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି ।

ପିପି କଲେଜରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ ବିଧାୟକ

ନିର୍ଣ୍ଣିତକୋଇଲି, ୧୭/୦୮ (ଆ.ପ୍ର) : ନିର୍ଣ୍ଣିତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟକୁ ମୁଖ୍ୟ ସଡ଼କରୁ ସଂଲଗ୍ନ କରୁଥିବା ସଂଯୋଗୀକରଣ ରାସ୍ତା, ବାଳକ ସାଧାରଣ ପ୍ରକୋଷ୍ଠ ଓ କଲେଜ କ୍ୟାଣ୍ଟିନ୍ ର ନୂତନ ଗୃହର ଶୁଭ ଉଦ୍‌ଘାଟନ କରାଯାଇଛି । କଲେଜ ଅଧ୍ୟକ୍ଷା ଡ଼ଃ.ତରୁଲତା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇ ଉକ୍ତ ପ୍ରକଳ୍ପ ଗୁଡ଼ିକୁ ଲୋକାର୍ପଣ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । କଲେଜର ଭିତିଭୂମିର ବିକାଶ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ସମାଜସେବୀ ତଥା କଲେଜର ପୂର୍ବତନ ସଭାପତି ପିତାମ୍ବର ସାହୁ, ଶିକ୍ଷାବିତ୍ ଦେବେନ୍ଦ୍ର ସାହୁ, ଅଧ୍ୟାପକ ରଶ୍ମୀରଂଜନ ପଟ୍ଟନାୟକ, ଅଧ୍ୟାପକ ଡ଼ଃ ଅଲେଖ ଚନ୍ଦ୍ର ସାମଲ ଯୋଗ ଦେଇଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ ପଦ୍ମଲୋଚନ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ଼ଃ ପ୍ରସନ୍ନ କୁମାର ଦାସ, ଅମରିଶ ସ୍ୱାଇଁ, ଶିଶିର କୁମାର ସ୍ୱାଇଁ,ପ୍ରଶାନ୍ତ ଭାରତୀ, ପ୍ରାତିଶ୍ରୀ ଦାସ,ମୁଖ୍ୟ ସହକାରୀ କ୍ଷୀରୋଦ ଚନ୍ଦ୍ର ମହାନ୍ତିଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ । ହରଘର ତ୍ରିରଙ୍ଗା ଓ ସଂସ୍କୃତ ସପ୍ତାହ ପାଳନ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ବିଧାୟକ ଶ୍ରୀ ପ୍ରଧାନ ପୁରସ୍କାର ପ୍ରଦାନ କରିବା ସହ କଲେଜ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ଼ଃ ପୁଷ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଯାଜପୁର ସଦର ଅଂଚଳରେ ସ୍ୱାଧୀନତା ଦିବସ ପାଳିତ



ଯାଜପୁର, ୧୭/୦୮ (ଆ.ପ୍ର) : ଯାଜପୁର ସଦର ଅଂଚଳରେ ଆନନ୍ଦ ଉଲ୍ଲାସର ସହ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସଦର ଥାନାରେ ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ଜାତୀୟ ପତାକା ଉତୋଳନ କରିଥିବା ବେଳେ ସରକାରୀ ଶିକ୍ଷ ତାଲିମ୍ ଅନୁଷ୍ଠାନରେ ଅଧ୍ୟକ୍ଷ ପଦ୍ମନ ଚରଣ ସେଠୀ, ଆଂଚଳିକ ପଂଚାୟତ ମହାବିଦ୍ୟାଳୟ ସୁଜନ ପୁରରେ ଅଧ୍ୟକ୍ଷ ସାମନ୍ତ ଭାନୁ ଦାସ, ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ,ଜଳ ସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ବଟକୃଷ୍ଣ ସାହୁ, ବଗୁଆଁ ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ବ୍ରଜ କିଶୋର ପାତ୍ରୀ, ମହେଶ୍ୱର ପୁର ପଂଚାୟତରେ ସରପଂଚ ସୁଜିତ୍ କୁମାର ରାୟ, ଜମଧର ପଂଚାୟତରେ ସରପଂଚ ବାଦଲ ଖୁଂଟିଆ, ବଗୁଆଁରେ ସରପଂଚ ଅନାହାର ବକ୍ଷନେ ଓ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନରେ ଆନନ୍ଦ ଉଲ୍ଲାସ ମଧ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ।

ମୂଲ୍ୟ ଅର୍ଥଗତ ମାତ୍ର ମୂଲ୍ୟବୋଧ ଆଦର୍ଶଗତ: ଲୋପାମୁଦ୍ରା ମହାନ୍ତି

ନୀଳଗିରି, ୧୭/୦୮ (ଆ.ପ୍ର) : ଭାରତ ସ୍ୱାଧୀନତାର ୭୮ ବର୍ଷପରେ ଦେଶବାସୀ ରାଜନୀତିକ ସ୍ୱାଧୀନତା ଛଡ଼ା ଆର୍ଥନୀତିକ ଓ ସାମାଜିକ ସ୍ୱାଧୀନତା ପାଇନାହାନ୍ତି । ଆଜି ସମ୍ବିଧାନର ମୌଳିକତା ଆମେ ହରାଇଛୁ । ସ୍ୱାଧୀନତା ଲୁହଲୋହୁର ଅତୀତ । ଆଜିର ପିଢ଼ି ଭାରତ ଇତିହାସ ପଢ଼ିବା ଜରୁରୀ । ଭାରତୀୟଙ୍କ ହାତରେ ସମ୍ବିଧାନକୁ ଟେକା ଯାଇଛି । ମୂଲ୍ୟ ଅର୍ଥଗତ ମାତ୍ର ମୂଲ୍ୟବୋଧ ଆଦର୍ଶଗତ ଅଟେ । ସାମାଜିକ ଗର୍ବବୋଧ ହିଁ ଅସ୍ମିତା । ଆଜି ବିଜେତା ପରାଜିତର ଇତିହାସ ଲେଖୁଛି । ଆମେ ଅନୁକରଣ କରିବା ବଦଳରେ ହନୁକରଣ କରୁଛୁ । ଆଜି ଅବକ୍ଷୟୀ ଲୋକଚରିତ୍ର ଭୟାବହ । ଆମ ଭାଷା ପୃଥିବୀର ଶ୍ରେଷ୍ଠଭାଷା । ଆମ ଚିନ୍ତନ ପ୍ରକ୍ରିୟାର ଲକ୍ଷ୍ମଣ ରେଖା ଅଛି । ଶିକ୍ଷାବର୍ଗରେ ବିଭାଗୀକରଣ କରିବାର ଅଧିକାର ଶାସକର ନାହିଁ । ଓଡିଆ ଜାତି ପୃଥିବୀର ପ୍ରଥମ ନୌବାଣିଜ୍ୟ କରିଥିବା ଜାତି ଅଟେ । ଆଜି ସ୍ୱାଧୀନତା ଦିବସରେ ମଧ୍ୟ ନିରାଶାର ଚିହ୍ନ ଦେଖାଦେଇଛି । ଆମେ ମନୋରଞ୍ଜନ ପ୍ରିୟ ହେଉଛୁ ମାତ୍ର ମୂଲ୍ୟବୋଧକୁ ଭୁଲିଯାଉଛୁ । ଅନ୍ୟକୁ ସ୍ୱାଧୀନତା ଦେଲେ ନିଜ ସ୍ୱାଧୀନତା ବୃଦ୍ଧ ହୁଏ । ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଅଧିକାର । ସ୍ୱାଧୀନ ଭାଷଣ, ସ୍ୱାଧୀନ ବିହାର, ସ୍ୱାଧୀନ ଜୀବନ ଓ ସ୍ୱାଧୀନ ସମିତି ସ୍ୱାଧୀନତାର ମୂଳଲକ୍ଷ୍ୟ , ଯାହା ଆଜି ଦେଖାଯାଉନାହିଁ । ମଣିଷ ସମାଜର ସଂସ୍ଥିତି ଆମର ଲକ୍ଷ୍ୟ । ସ୍ୱାଧୀନ ସମିତିରୁ ପରସ୍ପର ଭାବ ବିକଶିତ ହୁଏ । ପ୍ରତିବାଦ କରିବାର ଶକ୍ତି ହରେଇଲେ ମଣିଷ ମୂକ ଅଟେ । ଭାରତ ଆଜି ପ୍ରତିକ୍ରିୟାହୀନ । ଜନସାଧାରଣ, ସାମରିକ ଶାସନ, ବୌଦ୍ଧିକଶକ୍ତି ନିରୂପଣ ଓ ଅର୍ଥଗ ଉଦ୍ଦେଶ୍ୟଯୁକ୍ତ ବ୍ୟୟ ସ୍ୱାଧୀନତାର ଲକ୍ଷଣ ଅଟେ । ସାଂସ୍କୃତିକ କାର୍ଯ୍ୟକ୍ରମ ଆତ୍ମ ନିରୀକ୍ଷଣ, ଆତ୍ମ ସମୀକ୍ଷଣର ମାର୍ଗ ସାଜିବା ଜରୁରୀ । ସର୍ବଦା ଅର୍ଥ ହିଁ ସଙ୍କଟ ତିଆରି କରେ । ଶିକ୍ଷା ଆତ୍ମସଚେତନତା ସୃଷ୍ଟି କରେ । ଉତ୍ତୁରିବାକୁ ହେଲେ ସଂଗଠନ ଓ ସଂଘର୍ଷ ଆବଶ୍ୟକ । ସର୍ବୋପରି ଗୁଣର ପୂଜକ ହେଲେ ଦୃଷ୍ଟିକୋଣ ନିର୍ମାଣ ହୁଏ ବୋଲି ୭୯ ତମ ସ୍ୱାଧୀନତା ଦିବସରେ ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୬୪ତମ ଆଭାସୀ ଆଲୋଚନାଚକ୍ରରେ ସ୍ୱାଧୀନତାର ମୂଲ୍ୟବୋଧ ଶୀର୍ଷକରେ ମୁଖ୍ୟ ଅତିଥି ଓଡିଶାର ପ୍ରାକ୍ତନ ଆଇନମନ୍ତ୍ରୀ ନରସିଂହ ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଲେଖିକା ପ୍ରଫେସର ଲୋପାମୁଦ୍ରା ମହାନ୍ତି, ଭାଷାବିତ୍ ପ୍ରଫେସର ନଟବର ଶତପଥୀ ପ୍ରକାଶ କରିଛନ୍ତି । ଉକ୍ତ ଆସରରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ କୃତଜ୍ଞତା ଜ୍ଞାପନ କରିଥିବାବେଳେ ସୁଶ୍ରୀ ସ୍ମିତିପ୍ରଜ୍ଞା ମହାନ୍ତି ସ୍ୱାଗତ ସଙ୍ଗୀତ ତଥା ପ୍ରଫେସର ନଟବର ଶତପଥୀ ପୌରୋହିତ୍ୟ କରିଥିଲେ । ଏହି ଆଲୋଚନାଚକ୍ରରେ ବହୁ ଶ୍ରୋତା ଯୋଗଦାନ କରିଥିଲେ ।।

ଦେଶ ବିଭାଜନର ଏକ ଅତି ସମ୍ବେଦନଶୀଳ ଘଟଣା ବିଭାଜନ ବିଭୀଷିକା ସ୍ମୃତି ଦିବସ

କଳାହାଣ୍ଡି, ୧୭/୦୮ (ଆ.ପ୍ର) : ଅଗଷ୍ଟ ୧୯୪୭ ଦେଶ ସ୍ୱାଧୀନ ହେବା ପୂର୍ବରୁ ଯୋଉ ଇତିହାସ କୁ ଚାପି ରଖି ଦିଆ ଯାଇଥିଲା ସେହି ଇତିହାସ ସମଗ୍ର ଭାରତ ବାସୀଙ୍କୁ ଜାଣିବା ଜରୁରୀ କି ସେ ସମୟ କିପରି ହୃଦୟ ବିଦାରକ ରହିଥିଲା କେତେ କଷ୍ଟ ଦାୟକ ଥିଲା, ଆମକୁ ଦୋହଲାଇ ଦିଏ ସେହି କାଳଖଣ୍ଡ ୧୯୪୭ ଅଗଷ୍ଟ ୧୪ ତାରିଖରେ କଂଗ୍ରେସ ଦେଶକୁ ବିଭାଜନ କରି ଯୋଉ ନରସଂହାରର ତାଣ୍ଡବ ରଚିଥିଲା ତାହା ଦେଶ ବାସୀ କେବେ ଭୁଲି ପାରିବେ ନାହିଁ । ଯୋଉ ମାନେ ସହିଦ୍ ହୋଇଛନ୍ତି ଧନ ଜନ ପ୍ରାଣ ହରାଇଲେ ଲୁଟ ପାଟର ଶିକାର ହୋଇ ବିସ୍ଥାପିତ ହେଲେ ଧର୍ଷଣ ଶୋଷଣ ଅନ୍ୟାୟ ଅତ୍ୟାଚାର ଶିକାର ହୋଇ ପଳାୟନ କରିବା ପାଇଁ ବାଧ୍ୟ ହୋଇଥିଲେ ସେହି ଅମାନବୀୟ ଅକଥନୀୟ ନିର୍ଯାତନା ସହ୍ୟ କରିବା ବଦଳ ଅନେକ ନିଜ ଆତ୍ମ ସମ୍ମାନ ବଂଚାଇବା ପାଇଁ ଆତ୍ମାହୁତି ଦେଇଥିଲେ । ସେହି ସମୟର ଇତିହାସକୁ ଚାପି ଦେଇ କେବଳ ନିଜର ସୁଖ ସୁବିଧା ପାଇଁ ବାରମ୍ବାର ଦେଶ ଓ ଦେଶ ବାସୀଙ୍କୁ ସ୍ୱାଧିନତା ନାଁରେ ବଳି ପକାଇଲେ । ବର୍ତ୍ତମାନ ସେହି ସମୟର କଳା କାରନାମା ଦେଶ ବିରୋଧୀ ନୀତି ସମ୍ପର୍କରେ ଦେଶ ବାସୀ ଅବଗତ ହେଲା ପରେ, କଂଗ୍ରେସର ଏହି ହିନ ମାନସିକତା ପାଇଁ କଂଗ୍ରେସକୁ ଦେଶ ବାସୀ କେବେ ହେଲେ କ୍ଷମା ଦେବେ ନାହିଁ, ବିଭାଜନରେ ପ୍ରାଣ ହରାଇଥିବା ସେହି ଅମର ଆତ୍ମଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତ୍ୱର

ବଣାଇଁ, ୧୭/୦୮ (ଆ.ପ୍ର) : ବଣାଇଁ ବ୍ଲକ ଅନ୍ତର୍ଗତ ଟିକାୟତପାଲି ଥାନା ରାଜପଥ ୧୪୩ ଝିର୍ଡାପାଲି, ବଳାଣୀପାଟ ପିଠ ସମ୍ମୁଖରେ ମହୁଲପଦା, ଡାଲସୁଆଁ ଗାଁର ପ୍ରଦୀପ ନାଏକ କୌଣସି କାର୍ଯ୍ୟ ପାଇଁ ବାଇକ୍ ଯୋଗେ(ଓଡି୧୪ଏ ଏଫ୍ ୧୨୭୫)ଟୁଣିଆପାଲି ଅଂଚଳକୁ ଆସୁଥିବା ବେଳେ ଭାରସାମ୍ୟ ହେଉ କିମ୍ବା ଗାଡ଼ି ସହିତ ବାଡ଼େଇ ହେବା ଫଳରେ ମଝି ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରିବା ସହିତ ନିକଟସ୍ଥ ଟିକାୟତପାଲି ପୋଲିସ ଥାନାକୁ ସୂଚନା ଦେବା ଫଳରେ ପୋଲିସ ସହାୟତାରେ ପ୍ରଥମେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ବଣାଇଁକୁ ନେଇ ଥିବା ବେଳେ ପ୍ରଦୀପଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତ୍ୱ ହୋଇଥିବାରୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ଟିକାୟତପାଲି ଥାନା ପୋଲିସ ଦୁର୍ଘଟଣାର ଅଧିକ ତଦନ୍ତ ଜାରିରଖିଛି ।

ସେଇଥୋ ଆରମ୍ଭ
SEITHO ARAMBHA

ସୋମବାର, ୧୮ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା - ୩

ଭାରତୀୟ ସେନାର ଚାନ୍ଦିପୁର ସ୍ଥିତ ଷ୍ଟେସନ ମୁଖ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ଅବସରରେ 'ହର ଘର୍ ତିରଙ୍ଗା' ଅଭିଯାନ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୧୭/୦୮ (ଆ.ପ୍ର) : ଭାରତୀୟ ସେନା ଷ୍ଟେସନ ମୁଖ୍ୟାଳୟ (ଚାନ୍ଦିପୁର ଅନ୍ ସି) ଠାରେ ଦେଶର ୭୯ତମ ସ୍ୱାଧୀନତା ଦିବସକୁ ବହୁ ଆଡ଼ମ୍ବରରେ ୧୩ ରୁ ୧୫ ଅଗଷ୍ଟ ୨୦୨୫ ମଧ୍ୟରେ 'ହର ଘର୍ ତିରଙ୍ଗା' ଅଭିଯାନରେ ବିଭିନ୍ନ କାର୍ଯ୍ୟକ୍ରମ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପାଳିତ ହୋଇଯାଇଛି । ଏହି ଉତ୍ସବ ୧୩ ଅଗଷ୍ଟରେ ଷ୍ଟେସନ ଅଧୀନସ୍ଥ ପ୍ରତ୍ୟେକ ଘର, ବିଦ୍ୟାଳୟ, ପୁରୁଣା ସୈନିକ ସଂଘ ଏବଂ ସର୍ବସାଧାରଣ ଅନୁଷ୍ଠାନମାନଙ୍କୁ ଜାତୀୟ ପତାକା ବଂଟନ କରାଯିବା ସହ ତ୍ରିରଙ୍ଗା ଗର୍ବର ସହ ପ୍ରଦର୍ଶନ କରାଯାଇଥିଲା । ୧୪ ଅଗଷ୍ଟ ଦିନ ଏକ ତ୍ରି-ସେବା ମୋଟରସାଇକେଲ 'ତିରଙ୍ଗା ରାଲି' ଆୟୋଜିତ ହୋଇଥିଲା, ଯେଉଁଥିରେ ୨୦୦ରୁ ଅଧିକ ସଶସ୍ତ୍ର ବାହିନୀ କର୍ମଚାରୀ, ଭୂତପୂର୍ବ ସୈନିକ, ଏନସିସି କ୍ୟାଡେଟ, ଛାତ୍ରଛାତ୍ରୀ ଏବଂ ସାଧାରଣ ନାଗରିକ ସାମିଲ ହୋଇ ସହରର ପ୍ରମୁଖ ରାସ୍ତାଗୁଡ଼ିକୁ ଅତିକ୍ରମ କରି ଏକତା, ଶୃଙ୍ଖଳା ଏବଂ ସାମରିକ-ସାମାଜିକ ସମ୍ପର୍କକୁ ପ୍ରଦର୍ଶନ କରିଥିଲେ । ସ୍ୱାଧୀନତା ଦିବସ ଅବସରରେ, ଷ୍ଟେସନ ମୁଖ୍ୟାଳୟରେ ଲେଫ୍ଟନାଂଟ କର୍ଣ୍ଣେଲ ଏକେ ବୋଇତିଙ୍କ ଦ୍ୱାରା ପତାକା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହୋଇଥିଲା । ପରେ ଦେଶପ୍ରେମ ଭରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏମଏପି ଆବାସ, ଇସିଏଚଏସ, ଚାନ୍ଦିପୁର ସ୍କୁଲ ଏବଂ ଇଏସଏମଏଲ ପରିସରରେ ସମାପ୍ତରୋଳ ସମାରୋହ ଉତ୍ସବ ଅତି ଆଡ଼ମ୍ବରରେ ପାଳିତ ହୋଇଥିଲା । ବିଶେଷ ସାମୁଦାୟିକ ସମ୍ପର୍କ ପଦକ୍ଷେପରେ ବେତନଟି ଗାଁର ଭୂତପୂର୍ବ ସୈନିକ, ବୀର ନାରୀ, ବୀର ମାତା ଓ ଭିଭିଏନଭି ଏମତବ୍ଲୁ କାର୍ଯ୍ୟକ୍ରମ ଏବଂ ମୟୂରଭଞ୍ଜର ମହାରାଜ ପ୍ରତାପ ଚନ୍ଦ୍ର ସ୍କୁଲ ଓ କଲେଜ ସହ ମିଳିତ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ୨୭ଟି ସରକାରୀ ବିଦ୍ୟାଳୟରୁ ୭୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଲେଫ୍ଟନାଂଟ କର୍ଣ୍ଣେଲ ସନ୍ତୋଷ ପଣ୍ଡା, ଆଡ଼ମିନିଷ୍ଟ୍ରେଟିଭ କମାଣ୍ଡାଂଟ, ଷ୍ଟେସନ ମୁଖ୍ୟାଳୟ ବାଲେଶ୍ୱର (ଚାନ୍ଦିପୁର ଅନ୍ ସି) ଦ୍ୱାରା ସମ୍ମାନିତ କରାଯାଇଥିଲା । ସେ ତାଙ୍କ ଅଭିଭାଷଣରେ 'ହର ଘର ତିରଙ୍ଗା'ର ପ୍ରକୃତ ଆତ୍ମା ଏକତା, ଗର୍ବ ଏବଂ ରାଷ୍ଟ୍ର ପ୍ରତି ସାମୂହିକ ଦାୟିତ୍ୱବୋଧ ବୃଦ୍ଧି କରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ନାଗରିକ, ଭୂତପୂର୍ବ ସୈନିକ ଏବଂ ଯୁବକମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ସଶସ୍ତ୍ର ବାହିନୀ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଦୃଢ଼ କରିଥିଲା । ପ୍ରବଳ ବର୍ଷା ସତ୍ତ୍ୱେ, ସମସ୍ତ କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଭାବେ ଚାଲିଥିଲା, ଯାହା ଏକତାର ସଂକେତ ଦିଏ । ଚାରିଟି ଜିଲ୍ଲାରେ ଥିବା ଭୂତପୂର୍ବ ସୈନିକ ଲିଗ୍ (ଇଏସଏମଏଲ) ସ୍ଥାନୀୟ ନାଗରିକମାନଙ୍କୁ ସକ୍ରିୟ ଭାବେ ସଂଗଠିତ କରି, ସ୍ୱାଧୀନ ରାଲିର ଆୟୋଜନ ଏବଂ ଗ୍ରାମୀଣ ଓ ସହରାଂଚଳରେ ଏଚଜିଟି ବାର୍ତ୍ତାକୁ ପ୍ରସାରିତ କରିଥିଲେ ।

ବିଜ୍ଞାପିତ ଅଂଚଳ ପରିଷଦ ତାଲିକାରେ ବାଲିଆପାଳ ବାଦ୍

ବାଲିଆପାଳ, ୧୭/୦୮ (ଆ.ପ୍ର) : ରାଜ୍ୟରେ ଆଜି ୧୨ ବ୍ଲକକୁ ମହାବିଜ୍ଞପିତ ଅଂଚଳ ପରିଷଦ ଭାବରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବାଲେଶ୍ୱର ଜିଲା ଏହି ୧୨ ମଧ୍ୟରୁ ସିମୁଳିଆ ଓ ବସ୍ତା ବ୍ଲକ ଅନ୍ତର୍ଭୁକ୍ତ ଅଛି । ମାତ୍ର ପୂର୍ବରୁ ଏନଏସି ଭାବରେ ଘୋଷଣା ହୋଇଥିବା ବାଲିଆପାଳ ବ୍ଲକ ଏଥିରୁ ବାଦ ପଡିଛି । ଯାହାକୁ ନେଇ ଏବେ ବୁଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପ...ନାୟକ ବାଲିଆପାଳକୁ ଏନଏସି ଘୋଷଣା କରିଥିଲେ । ଏନଏସି ଘୋଷଣାର ଶ୍ରେୟ ନେଇ ରାଜନୈତିକ ଦଳ ସମେତ କିଛି ସଂଗଠନ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା । ବାଲିଆପାଳ ତହସିଲ ପକ୍ଷରୁ ଏନେଇ ସର୍ଭେ କରାଯିବା ସହ ଏନଏସି ଅଂଚଳରେ ଥିବା ପଂଚାୟତ ମାନଙ୍କେର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ତେବେ ଏନଏସିକୁ ନେଇ ଅନେକ ଆଶାବାଦୀ ଥିବା ବେଳେ ଆଜିର ବିଜ୍ଞପ୍ତି ବାଲିଆପାଳବାସୀଙ୍କ ଦୀର୍ଘ ଦିନ ଦାବିକୁ ନିରାଶ କରିଛି । ତୁରନ୍ତ ଏହାର ପୁନଃ ବିଚାର କରା ନ ଗଲେ ବିରାଟ ଜନ ଆନ୍ଦୋଳନ ହେବ ବୋଲି ବହୁ ସଂଗଠନ ଚେତାବନୀ ଦେଇଛି ।

ତାରିଣୀ ଇଭେଂଟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସିମୁଳିଆ, ୧୭/୦୮ (ଆ.ପ୍ର) : ତାରିଣୀ ଇଭେଂଟ ମାର୍କୋଣା ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାରିଣୀ ଇଭେଂଟର ସଭାପତି ଶଶୀକାନ୍ତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିମୁଳିଆ ଥାନାଅଧିକାରୀ ଶ୍ରବଣ କୁମାର ମହାରଣା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟ ନିମନ୍ତେ ପରିଆବରଣ ରଥକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ରଥ ପ୍ରତ୍ୟେକ ପ୍ରୋଗ୍ରାମ ନାଁରେ ଗୋଟିଏ ଗଛ ଗାଁକୁ ଗାଁ ବୁଲି ବୃକ୍ଷ ରୋପଣ କରିବା ସହିତ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବ । ଅନୁଷ୍ଠାନ ପକ୍ଷରୁ ଏଭଳି ନିଆରା ଢଙ୍ଗରେ କାର୍ଯ୍ୟକ୍ରମ କରୁଥିବାରୁ ତାଙ୍କୁ ବିଭିନ୍ନ ମହଲରେ ଭୁୟସୀ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇବା ନିମନ୍ତେ ପ୍ରତିଶ୍ରୁତି ବଦ୍ଧ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

ଲଙ୍ଗଳେଶ୍ୱର ପ୍ରେସକ୍ଲବ ତରଫରୁ ସ୍ୱାଧୀନତା ଦିବସ ପାଳିତ

ଖପରାପଦା,୧୭/୦୮ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଲଙ୍ଗଳେଶ୍ୱର ପ୍ରେସକ୍ଲବ ଆନୁକୂଲ୍ୟରେ ୭୯ ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଭାରତ ବର୍ଷ କୁ ସ୍ୱାଧୀନ କରିବାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ, ତେଣୁ ସେମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ସୁନାଗରିକ ଭାବରେ ଗଢି ତୋଳିବା ପାଇଁ ମୁଖ୍ୟ ଅତିଥି ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଦୈନିକ ଓଡ଼ିଆ ଖବରକାଗଜ ଧ୍ୱନିପ୍ରତିଧ୍ୱନି ପ୍ରାଣ ପ୍ରତିଷ୍ଠାତା ସୃଷ୍ଟିଧର ପରିଡା, ସମ୍ମାନିତ ଅତିଥି ଭାବେ ସିଂଲା ଥାନା ଅଧିକାରୀ ଅଭିମନ୍ୟୁ ବେହେରା, ସିଟି ସ୍କୁଲର ଅଧକ୍ଷ ସଞ୍ଜୟ କୁମାର ଦାସ, ଦୁର୍ଗା ପ୍ରସନ୍ନ ମହାବିଦ୍ୟାଳୟର ଅଧକ୍ଷ ସୁବ୍ରତ କୁମାର ନନ୍ଦି, କାର୍ଯ୍ୟକ୍ରମର ସଂଯୋଜକ ତଥା ସଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ, ସାମ୍ବାଦିକ ପ୍ରଫୁଲ କୁମାର ପାତ୍ର ଯୋଗଦେଇ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ । ସାମ୍ବାଦିକ ରାଧାଗୋବିନ୍ଦ ଦାସ ଧନ୍ୟବାଦ ଦେବା ସହ ରାଜକିଶୋର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ଲବର ସମ୍ପାଦକ କମଳାକାନ୍ତ ଦାସ ଓ ପ୍ରଦୀପ କୁମାର ଜେନା ପୁରସ୍କାର ବିତରଣକୁ ପରିଚାଳନା କରିଥିଲେ । ଏହି ଅବସରରେ ସ୍ଥାନୀୟ ୧୦ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇ ଥିଲା । ଶେଷରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେସକ୍ଲବ ପକ୍ଷରୁ ପୁରସ୍କାର ବିତରଣ କରା ଯାଇ ଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଗୀତ ଓ ପିରାମିଡ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦୁର୍ଗାପ୍ରସନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସିଟି ସ୍କୁଲ, ସଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ, ଗଞ୍ଜା ନୋଡାଲ ସ୍କୁଲ, ବିବେକାନନ୍ଦ ସ୍କୁଲ, ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିର, ସରସ୍ୱତୀ ଶିଶୁମନ୍ଦିର,ଏସ ଟି ଡାଭିଆର ସ୍କୁଲ ର ତିନି ହଜାର ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । କ୍ଲବର ସାମ୍ବାଦିକ ଦିଲ୍ଲିପ କୁମାର ଜେନା, ସୁବାସ ଦାସ, ଅମୂଲ୍ୟ ଦାସ,ଗୋପୀ କୃଷ୍ଣ ପଣ୍ଡା, ପ୍ରିୟରଞ୍ଜନ ପାତ୍ର, ସତ୍ୟରଞ୍ଜନ ସାହୁ, ଉପଦେଷ୍ଟା ମୁରଲୀଧର ଦାସ, ଅଞ୍ଜଳି ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

ଅନ୍ତରାରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସାମ୍ବାଦିକ ସମ୍ମିଳନୀ

ଖଇରା,୧୭/୦୮ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତରା ନାବାଳିକା ଦୁଷ୍କର୍ମ ଘଟଣାକୁ ନେଇ ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସାମ୍ବାଦିକ ସମ୍ମିଳନୀ । ଚେୟାରମ୍ୟାନ ଅଭିଲିପ୍ସା ସାହୁ, ପୀଡ଼ିତାଙ୍କ ମାଆ ଏବଂ ଦଳୀୟ କର୍ମୀ ମଂଚାସୀନ ଥିଲେ । ଦୁଷ୍କର୍ମ ଖବର ଶୁଣି ପ୍ରଥମେ ମର୍ମାହତ ହୋଇପଡିଲି । ପରଦିନ ସକାଳେ ଭଦ୍ରକ ମେଡିକାଲରେ ପହଂଚି ଚିକିତ୍ସା ନିମନ୍ତେ ସମସ୍ତ ବ୍ୟବସ୍ଥା କଲି, ସେ ଝିଅଟି ମୋ ଝିଅ ପରି । ଯେତେ ଟଙ୍କା ଲାଗିବ ଲାଗୁ ପଛେ ଭଲ କରି ଘରକୁ ଫେରେଇ ଆଣିବି । ବିବାହ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ନେବି । ତା ମାଆକୁ ଆବାସ ଯୋଜନା ଗୃହ ପ୍ରଦାନ ସହିତ ପରିବାର ସମସ୍ତ ଖର୍ଚ୍ଚ ବହନ କରିବି । ଯେଉଁମାନେ ଅପପ୍ରଚାର କରି ବିଜେପି ଦଳକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ କଦାପି ଛଡ଼ା ଯିବନି । ଡବଲ ଇଞ୍ଜିନ ସରକାର ଲୋକଙ୍କ ସରକାର । ଲୋକମାନେ କିପରି ଶାନ୍ତି ଶୃଙ୍ଖଳାରେ ରହିବେ ସେ ଦାୟିତ୍ୱ ମୋର । ପୀଡ଼ିତାକୁ ନେଇ ବଣୁଆ, ଛାମୁଆ ଓ କୁଚକ୍ରୀ ଗୋଷ୍ଠୀ ମାନେ ଯେଉଁ ହୀନ ରାଜନୀତି କରୁଛନ୍ତି ସେମାନଙ୍କ ଚକ୍ରାନ୍ତକୁ ସଫଳ ହେବାକୁ ଦେବି ନାହିଁ । ପୂର୍ବତନ ବିଧାୟକ ସମୟରେ ଏଭଳି କେତେ ଘଟଣା ଘଟିଛି ସେତେବେଳେ ଯାଇଥିଲ କୁଆଡେ । ବର୍ତ୍ତମାନ ହୀନ ରାଜନୀତି କରୁଛ । ଅନ୍ୟ ଦଳକୁ ବିଧାୟକଙ୍କର ପ୍ରଶ୍ନ ଥିଲା ବଳାତ୍କାରୀ ଜଣଙ୍କ କେଉଁ ଦଳର ? ଏମିତି ଅନେକ କଥା କହି ହୀନ ରାଜନୀତି କରୁଥିବା ଅନ୍ୟ ଦଳକୁ କଟୁ ସମାଲୋଚନା କରିଥିଲେ ବିଧାୟକ । ଯଦି ଭଦ୍ରକରେ ପୀଡ଼ିତା ଜଣକ ଭଲ ନ ହୁଏ ଆବଶ୍ୟକ ପଡିଲେ ବାହାର ରାଜ୍ୟକୁ ନେଇ ଭଲ କରି ଘରକୁ ଫେରେଇ ଆଣିବି । ମୁଁ କାମରେ ବିଶ୍ୱାସ କରେ କଥାରେ ନୁହେଁ । ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ହେଉ କି ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କିମ୍ବା ଅନ୍ୟ କେହି ହେଉ, କାହାରି ହୀନ ଚକ୍ରାନ୍ତକୁ ପଦ୍ମଲୋଚନ ପଣ୍ଡା ବରଦାସ୍ତ କରିବ ନାହିଁ ବୋଲି ବକ୍ତବ୍ୟରେ କହିଥିଲେ । ପୀଡ଼ିତାଙ୍କ ମାଆ ମଂଚରେ ବସିଥିଲେ ମଧ ଗଣମାଧ୍ୟମ ସାମ୍ନାରେ ସେଭଳି କିଛି ବକ୍ତବ୍ୟ ରଖିପାରି ନଥିଲେ । ଅଧ୍ୟକ୍ଷା ଶ୍ରୀମତୀ ସାହୁଙ୍କ ବକ୍ତବ୍ୟ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଥିଲା । ଏଥିରେ ଇଲେକ୍ଟ୍ରୋନିକ ଓ ପ୍ରଂଟ ମିଡିଆ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ଭୋଗରାଇ ବିଜେପି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୋଗରାଇ, ୧୭/୦୮ (ଆ.ପ୍ର) : ଭାରତୀୟ ରାଜନୀତିର ଯୁଗ ପୁରୁଷ, ପୂର୍ବତନ ପ୍ରଧାନମନ୍ତ୍ରୀ, ମହାନ ଜନ ନାୟକ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ତାଙ୍କ ନେତୃତ୍ୱ, ଦୂରଦର୍ଶିତା ଏବଂ ରାଷ୍ଟ୍ରଭକ୍ତି ଭାରତୀୟ ରାଜନୀତିକୁ ନୂତନ ଦିଗ ଦେଖାଇଥିଲା । ଅଟଳ ଜୀଙ୍କ ଆଦର୍ଶ, ସାଧନା ଓ ସେବାଭାବ ସଦା ସର୍ବଦା ଆମ ପାଇଁ ପ୍ରେରଣାଦାୟୀ ହୋଇ ରହିବ । ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭୋଗରାଇ ବିଜେପି କାର୍ଯ୍ୟାଳୟ ଥାନାଛକରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ଉତ୍ସବ କାର୍ଯ୍ୟକ୍ରମରେ ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ଅଂଶୁମାନ ମହାନ୍ତି, ସଞ୍ଜୀବ ସାହୁ, ରାଧାକାନ୍ତ ପ୍ରଧାନ, ରଞ୍ଜନ ନାୟକ, ବ୍ରଜକିଶୋର ମହାନ୍ତି ଓ ସମସ୍ତ ମଣ୍ଡଳ ସଭାପତି, ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ ସଭାପତି ଓ ବିଜେପିର କାର୍ଯ୍ୟକର୍ତ୍ତା ଯୋଗ ଦେଇ ମହାନ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର



ସିମୁଳିଆ, ୧୭/୦୮ (ଆ.ପ୍ର) : ସିମୁଳିଆ ଥାନାରେ ଝିଅକୁ ରଡ଼ ସାହାଯ୍ୟରେ ନିର୍ମମ ମାଡ଼ ମାରିଥିବା ନେଇ ଝିଅର ମାଆ ସିମୁଳିଆ ଥାନାରେ ଅଭିଯୋଗ । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ପଂଚାୟତ କୁଣିଆରୀ ଗ୍ରାମର ଶାନ୍ତିଲତା ସାହୁ ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ଝିଅ ସସ୍ମିତା ଦତ୍ତ ଦଶ ବର୍ଷ ତଳେ ସେହି ଥାନା ଅଂଚଳ ଈଶ୍ୱରପୁର ପଂଚାୟତ ଈଶ୍ୱରପୁର ଗ୍ରାମର ମହେଶ୍ୱର ଦତ୍ତ ପୁଅ ଉମାକାନ୍ତ ଦତ୍ତ ଭଲ ପାଇ ବିବାହ କରିଥିଲେ । ମାତ୍ର କିଛି ଦିନ ଭଲରେ କଟିବା ପରେ ସ୍ୱାମୀ ମଦ ପିଇ ଝିଅ ସସ୍ମିତାକୁ ମାଡ଼ ମାରନ୍ତି । ପରୋକ୍ଷରେ ପରିବାର ଲୋକ ଆଉ ଏପରି ନ କରିବା ପାଇଁ ବୁଝାସୁଝା କରି ଆସନ୍ତି । ମାତ୍ର ଶୁକ୍ରବାର ଦିନ ସନ୍ଧ୍ୟା ସମୟରେ ଉମାକାନ୍ତ ମଦ୍ୟପାନ କରି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଏକ ଲୁହା ରଡ଼ ସାହାଯ୍ୟରେ ସସ୍ମିତାକୁ ନିର୍ଘୃମ ମାଡ଼ ମାରିଥିଲେ । ଫଳରେ ପିଠି, ମୁଣ୍ଡ ଓ ହାତରେ କ୍ଷତାକ୍ତ କରି ପକାଇଥିଲେ । ଖବର ପାଇ ପରିବାର ଲୋକେ ଗୁରୁତର ଅବସ୍ଥାରେ ଝିଅ ସସ୍ମିତାକୁ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତି କରି ନ୍ୟାୟ ନିମନ୍ତେ ସିମୁଳିଆ ଥାନାରେ ମା ଶାନ୍ତିଲତା ଅଭିଯୋଗ କରିଥିବା ଜଣାଯାଇଛି । ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଆଜି ତାକୁ ଚିକିତ୍ସା ନିମନ୍ତେ ଭଦ୍ରକ ମେଡିକାଲକୁ ପଠାଇ ଦିଆଯାଇଛି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

ବିଧାୟକ ବାପାଙ୍କ ନାମରେ ନାମିତ ବିଦ୍ୟାଳୟରେ ଅବ୍ୟବସ୍ଥାରେ ପଢୁଛନ୍ତି ଛାତ୍ରଛାତ୍ରୀ

ସିମୁଳିଆ, ୧୭/୦୮ (ଆ.ପ୍ର) : ସିମୁଳିଆ ବ୍ଲକର ଶ୍ୟାମସୁନ୍ଦରପୁର ଉଚ୍ଚ ବିଦ୍ୟାଳୟ ଏବେ ସମସ୍ୟା ଘେରରେ ଛନ୍ଦି ହୋଇପଡିବା ଘଟଣା ସ୍ଥାନୀୟ ଶିକ୍ଷାପ୍ରେମୀ ଜନସାଧାରଣଙ୍କ ମନ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ବହୁ ପୁରାତନ ଛାତ୍ରଛାତ୍ରୀ ଦେଶବିଦେଶରେ ପ୍ରତିଷ୍ଠିତ । ସଂପ୍ରତି ବିଦ୍ୟାଳୟ ୩୦୧ ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ଜଣାଯାଇଛି । ବିଦ୍ୟାଳୟର ଶ୍ରେଣୀଗୃହ ଓ ଶିକ୍ଷକ ଅଭାବରୁ ଶିକ୍ଷାଦାନରେ ନାନାବିଧ ସମସ୍ୟା ସୃଷ୍ଟି ହୋଇଛି । ସୂଚନାରୁ ପ୍ରକାଶ ଶ୍ୟାମସୁନ୍ଦରପୁରରେ ଥିବା ବିଦ୍ୟାଳୟଟି ୧୯୮୬ମସିହାରେ ବିଧାୟକ ପଦ୍ମଲୋଚନ ପଣ୍ଡା ବାପାଙ୍କ ନାମ କାଳନ୍ଦୀ ଚରଣ ଉଚ୍ଚ ବିଦ୍ୟାଳୟ ନାମରେ ନିର୍ମାଣ ହୋଇଥିଲା । ହେଲେ ଏହି ବିଦ୍ୟାଳୟଟି ବିଭିନ୍ନ ସମସ୍ୟା ଦେଇ ଯୁଝି ହେଉଛି । ଅଷ୍ଟମରୁ ଦଶମ ତିନୋଟି ଶ୍ରେଣୀ ନିମନ୍ତେ ମାତ୍ର ୫ଟିରେ ପୁରୁଣା ଗୃହରେ ରଙ୍ଗ ମରାଯାଇ ୨ଟି ଶ୍ରେଣୀ ଗୃହରେ ଶିକ୍ଷାଦାନ କରା ଯାଉଛି । ପାଚେରୀ ନ ଥିବାରୁ ଅବାଧରେ ଗୋରୁ ଗାଈ ପଶିବା ସହ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି । ଛାତ୍ରୀଙ୍କ ନିମନ୍ତେ ଶୌଚାଳୟ ୫ଟିରେ ନିର୍ମିତ ହୋଇଥିଲେ ବି ପାଣି ବ୍ୟବସ୍ଥା ନ ଥିବାରୁ ତାହା ବ୍ୟବହାର ଯୋଗ୍ୟ ହୋଇ ପାରୁ ନାହିଁ । ଯାହା ଫଳରେ ଛାତ୍ରୀ ମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ପାଣି କଥା ନ କହିବା ଭଲ, ନିଜସ୍ୱ ରୋଷେଇ ଘର ମଧ୍ୟ ନାହିଁ । ସ୍କୁଲର ଫାଟକ ନାହିଁ, ଲାଇବ୍ରେରୀ ନାହିଁ । କମ୍ପୁଟର ଅଛି ଶିକ୍ଷକ ଅଭାବରୁ କମ୍ପୁଟର ଶିକ୍ଷାଦାନ ହୋଇ ପାରୁ ନାହିଁ । ପିଲାଙ୍କ ଅଭିଯୋଗ ଅନୁଯାୟୀ ଖେଳିବା ନିମନ୍ତେ ଖେଳ ସରଞ୍ଜାମ ନାହିଁ । ୫ଟି ଶ୍ରେଣୀଗୃହ ହୋଇଥିଲେ ବି ତାହା ଏ ପର୍ଯ୍ୟନ୍ତ ପ୍ଲାଷ୍ଟରିଙ୍ଗ ହୋଇନାହିଁ । ସେଥିରେ ରୋଷେଇ ନିମନ୍ତେ ଜାଳେଣି କାଠ ରହୁଛି । ଫରକା ନ ଥିବାରୁ ଅଧିକାଂଶ ସମୟରେ ମାଙ୍କଡ଼ ଆସି ପିଲାମାନଙ୍କୁ ହଇରାଣ କରୁଥିବା ପିଲାମାନେ ପ୍ରକାଶ କରିଛନ୍ତି । ୫ଟିରେ କାର୍ଯ୍ୟ ଅଧପାହାନ୍ତିରା ହୋଇଥିବା ଯୋଗୁଁ ଅଭିଭାବକ ଓ ଗ୍ରାମବାସୀ ଏ ସଂକ୍ରାନ୍ତରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ଜଣାଇଥିଲେ । ଅଭିଯୋଗ ପାଇ ବିଧାୟକ ଶ୍ରୀ ପଣ୍ଡା ବିଦ୍ୟାଳୟକୁ ଯାଇ ବିଦ୍ୟାଳୟରେ ପହଂଚି ହୋଇଥିବା ୫ଟି କାର୍ଯ୍ୟକୁ ଉଦାରକ୍ଷ କରିବା ସହ ୫ଟି କାର୍ଯ୍ୟ କରିଥିବା ଠିକାଦାରଙ୍କ ନାମରେ ତୁରନ୍ତ ପୋଲିସରେ ଅଭିଯୋଗ କରିବାକୁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବା ସହ ଭିଜିଲାନ୍ସ ତଦନ୍ତ କରିବା ନିମନ୍ତେ ପ୍ରକାଶ କରିଥିଲେ ।

ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ଗୌଡିୟ ମଠରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ

ନୀଳଗିରି, ୧୭/୦୮ (ଆ.ପ୍ର) : ନୀଳଗିରି ବସଷ୍ଟାଣ୍ଡ ନିକଟସ୍ଥ ଶ୍ରୀ ଶ୍ରୀ ଶ୍ୟାମସୁନ୍ଦର ଗୌଡିୟ ମଠ ରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅତ୍ୟନ୍ତ ଆନନ୍ଦ ଉତ୍ସାହର ସହିତ ପାଳିତ ହୋଇ ଯାଇଛିଂଚ । ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ, ମଠ ମହାରାଜ ଭକ୍ତି ବୈଭବ ବୈଷ୍ଣବ ମହାରାଜଙ୍କ ମାର୍ଗ ଦର୍ଶନ ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଏ ଥିଲା । ଶନିବାର ରାତ୍ର ଘ ୧୨.୩୦ ମିନିଟ ସମୟରେ ରୋହିଣୀ ନକ୍ଷତ୍ର, ଅଷ୍ଟମୀ ତିଥିରେ, ଅବତାରୀ କୃଷ୍ଣଙ୍କର ଆବାହନ ଓ ମହାଭିଷେକ କରାଯାଇ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା । ଏହି ଉତ୍ସବରେ ମଠରେ ଅବସ୍ଥାନ କରୁଥିବା, ନିଷ କିଂଚନ ମହାରାଜ, ମହନ୍ତର ମହାରାଜ, ବ୍ରହ୍ମଚାରୀ କାହ୍ନାଇ ପ୍ରଭୁ, ଦୀନବନ୍ଧୁ ପ୍ରଭୁ,ମୁନା ପ୍ରଭୁ, ସୁରେଶ ପ୍ରଭୁ, ସରୋଜ ପ୍ରଭୁ, ସଞ୍ଜୟ ପ୍ରଭୁ , ମାଧବ ପ୍ରଭୁ, କ୍ରିଷ୍ଣା ପ୍ରଭୁ ଓ ମିଳନ ପ୍ରଭୁ ପ୍ରମୁଖ ଉପସ୍ଥିତ ରହି, ଉକ୍ତ ଦୁଇ ଦିନର କାର୍ଯ୍ୟକ୍ରମରେ ଭଜନ, କୀର୍ତ୍ତନ ସହିତ ଉତ୍ସବକୁ ଭକ୍ତିମୟ ଓ ରସମୟ କରିଥିଲେ । ଆଜି ମଠ ପରିସରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ଶହ ଶହ କୃଷ୍ଣ ପ୍ରେମୀ ଶ୍ରଦ୍ଧାଳୁ ପ୍ରସାଦ ସେବନ କରି ଆନନ୍ଦିତ ହୋଇଥିବା ଦେଖାଯାଇଛି ।

ଓଡ଼ିଶାବାସୀଙ୍କ ତପସ୍ୟାରୁ ଗଙ୍ଗାଧରଙ୍କ ଜନ୍ମ : ପ୍ରଫେସର ମଣୀନ୍ଦ୍ର ମେହେର

ନୀଳଗିରି, ୧୭/୦୮ (ଆ.ପ୍ର) : ଦାରିଦ୍ର୍ୟ ମଧ୍ୟରୁ ସ୍ୱଚ୍ଛବାଦିତାର ଜନ୍ମ । ଗଙ୍ଗାଧର ଗଙ୍ଗୋତ୍ରି ଭଳି ପବିତ୍ର । ଗଙ୍ଗାଧର ଭାରତୀୟ ସଂସ୍କୃତି, ଶାନ୍ତି, ମୈତ୍ରୀ ଓ ସଦଭାବନାର ପ୍ରତୀକ । ନଦୀର ଜଳ ଜନନୀର କ୍ଷୀର । କାର୍ଯ୍ୟରେ ଶ୍ରଦ୍ଧାଥିଲେ ସଫଳତା ଆସେ । ଓଡ଼ିଶାବାସୀଙ୍କ ତପସ୍ୟାରୁ ଗଙ୍ଗାଧରଙ୍କ ଜନ୍ମ । ଗଙ୍ଗାଧର ମାଟି ଓ ମଣିଷର ଆକାଂକ୍ଷିତ ବ୍ୟକ୍ତିତ୍ୱ । ଗଙ୍ଗାଧାରା ପ୍ରବାହିତ କରିବାପାଇଁ ଗଙ୍ଗାଧର ଜନ୍ମିତ । ମେହେରଙ୍କ କାବ୍ୟକବିତା ତାଙ୍କ ଆତ୍ମଜୀବନୀ ଅଟେ । ସ୍ରଷ୍ଟାମାନେ କୋଠା ତୋଳିବା ପାଇଁ ଜନ୍ମହୁଅନ୍ତି ନାହିଁ । ଦାରିଦ୍ର୍ୟ ଓ ଧନ ସଂପତ୍ତିର ବହୁ ଊର୍ଦ୍ଧ୍ୱରେ ଗଙ୍ଗାଧର । ବିଦ୍ୟାଳୟରେ ଶିକ୍ଷା ସମାପ୍ତ ହୁଏ ନାହିଁ । ପ୍ରକୃତି ନିତ୍ୟ ବୃହତ୍ ଶିକ୍ଷାୟତନ । ଗଙ୍ଗାଧର ଚେତନାର ଶୀର୍ଷ ସୀମାରେ ଅଧିରୂଢ଼ ଥିଲେ । ଶିକ୍ଷାଭିମାନରୁ ମୁକ୍ତହେଲେ ଜୀବନ ସ୍ୱଚ୍ଛ ହେବ । ମଣିଷ ଶ୍ରଦ୍ଧାକୁ ସଜେଇ ରଖୁ । ଗଙ୍ଗାଧର ପ୍ରାଚୀନ କାବ୍ୟବିଦ୍ୟାକୁ ଆଧୁନିକତାର ପୁଟ ଦେଇଛନ୍ତି । ଗଙ୍ଗାଧର ପ୍ରାଚୀନ କାବ୍ୟବିଦ୍ୟାର ମୌଳିକ ପୁଟକାର । ଦ୍ରୌପଦୀ ମର୍ତ୍ତ୍ୟର ବିଜୁଳି । ମନରେ ପିପାସା ଜାଗ୍ରତ ହେବା ଅର୍ଥ ବ୍ୟାକୁଳତାକୁ ଜନ୍ମଦେବା । କାବ୍ୟ ବକ୍ତବ୍ୟ ଓ ଭାଷାର ସୌନ୍ଦର୍ଯ୍ୟ । କାବ୍ୟର ଗୋପନ ଭାବ ସୌନ୍ଦର୍ଯ୍ୟ ରୂପେ ପ୍ରକାଶିତ । କବିର ସାଧନା, ପ୍ରଜ୍ଞା ଓ ପରିକଳ୍ପନାରୁ ମୌଳିକତାର ଜନ୍ମ । କୀଚକ ଭିତରେ ସୌନ୍ଦର୍ଯ୍ୟ ପିପାସାଥିବାରୁ କୀଚକ ନିଷ୍ଠିତ ସୌନ୍ଦର୍ଯ୍ୟ ପିପାସୁ । କଳ୍ପନା ନିୟନ୍ତ୍ରଣରେ ରହିଲେ ସୌନ୍ଦର୍ଯ୍ୟ ସୃଷ୍ଟି ହୁଏ । ସୌନ୍ଦର୍ଯ୍ୟ ଜନିତ ଉଦଗ୍ରୀବତାରେ ମନୋବିଜ୍ଞାନ ନିହିତ ଥାଏ । କଳ୍ପନା ସମୟେ ସମୟେ ପାଣ୍ଡିତ୍ୟରେ ରୂପାନ୍ତରିତ ହୁଏ । ମନରେ ଥିବା ଦ୍ୱନ୍ଦ୍ୱ ଯାହା ଆବେଗପୂର୍ଣ୍ଣ ତାହା ନାଟକୀୟତାକୁ ଗ୍ରହଣ କରେ । ନାଟକୀୟତାର ଗତି କ୍ଷୀପ୍ର ଥିବାରୁ ପାଠକର ଉତ୍କଣ୍ଠା ବଢେ । ରସ ଉପଲବ୍ଧି ପାଇଁ ଅନେକ ରୂପକ ପ୍ରସ୍ତୁତି ଲୋଡା । ଆହରଣରେ ସିଦ୍ଧହସ୍ତତା ଗଙ୍ଗାଧରଙ୍କ ସ୍ୱକୀୟତା । ସର୍ବୋପରି ଭାରତୀୟ ଜ୍ଞାନ ପରମ୍ପରାରେ ଗଙ୍ଗାଧର ସ୍ୱତନ୍ତ୍ର, ସ୍ମରଣୀୟ ବୋଲି ଗଙ୍ଗାଧର ମେହେରଙ୍କ ୧୬୫ତମ ଜୟନ୍ତୀ ଅବସରରେ ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୬୩ ତମ ଆଭାସୀ ଆଲୋଚନାଚକ୍ରରେ ଆଲୋଚକଗଣ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସୁଶ୍ରୀ ନିବେଦିତା ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଆଲୋଚକ ଭାବରେ ପ୍ରଫେସର କମ୍ବୁପାଣି ସାମନ୍ତ, ପ୍ରଫେସର ନଟବର ଶତପଥୀ ଓ ପ୍ରଫେସର ମନୀନ୍ଦ୍ର ମେହେର ଯୋଗଦାନ କରିଥିଲେ । ଶେଷରେ ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟ ଜଳେଶ୍ୱରର ଅଧ୍ୟାପିକା ଡ. ମୋନାଲିସା ଦାଶ ସମସ୍ତଙ୍କୁ ଧନ୍ୟବାଦ ପୂର୍ବକ କୃତଜ୍ଞତା ଜଣାଇଥିଲେ । ଏହି ଆସରରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପୁନରୁଦ୍ଧାର ଜରୁରୀ

ଭାରତୀୟଙ୍କ ଲୋକ କଳା, ପରମ୍ପରା ଓ ସଂସ୍କୃତି ଆମ ଜାତିର ମୂଲ୍ୟବୋଧକୁ ଗୌରବାନ୍ୱିତ କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶର ଲୋକ କଳା ମଧ୍ୟରେ ଘୋଡାନାଚ, କେଳା କେଳୁଣୀ ନାଚ, ବାଉଁଶ ରାଣୀ ଖେଳ, ଦାସ କାଠିଆ, ପାଲା, ଖଞ୍ଜଣୀ ଭଜନ, ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଆମ ଐତିହ୍ୟ ଓ ସଂସ୍କୃତିର ଅଳଙ୍କାର ସଦୃଶ । ଏବେ ଏସବୁ ଲୋକ କଳା ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ବସିଲାଣି । ଏହାର ପ୍ରମୁଖ କାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି ଲୋକ କଳାର ପ୍ରଚାର ଓ ପ୍ରସାର ଦିଗରେ ଆନ୍ତରିକତା ମନୋଭାବର ଅଭାବ ପରିଲକ୍ଷିତ ହେଉଛି । ଫଳରେ ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ମହାନତାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଥିବା ଲୋକ କଳା ଏବେ ଅବକ୍ଷୟର ଦ୍ୱାରଦେଶରେ ଦଣ୍ଡାୟମାନ ହେବା ଭଳି ପରିସ୍ଥିତି ଦେଇ ଗତି କରୁଛି । ଏହି ପ୍ରାଚୀନ ଲୋକ କଳା ଭାରତୀୟ ମହାନ ସଂସ୍କୃତି ଓ ପରମ୍ପରା ଦ୍ୱାରା ଭାରତ ବର୍ଷର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଜାଗ୍ରତ କରିବା ଦିଗରେ ବିଶେଷ ସହାୟକ ଦାୟିତ୍ୱ ନିର୍ବାହ କରିବା ଏକ ମାଇଲ ଖୁଣ୍ଟ ସଦୃଶ ବୋଲି ପ୍ରତୀୟମାନ ହୁଏ । ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ପୁରାତନ ଉତ୍କଳ ତଥା ଅଧୁନା ଓଡିଶା ପ୍ରଦେଶର ପୁରପଲ୍ଲୀରେ ଉତ୍ପାଦିତ ଶସ୍ୟକୁ ସୁଗୃହରେ ଥିବା ଢିଙ୍କିରେ କୁଟି ସେଥିରୁ ଚାଉଳ ସଂଗ୍ରହ କରି ଦୈନନ୍ଦିନ ଖାଦ୍ୟ ଭାବେ ଜୀବନ ଅତିବାହିତ କରୁଥିଲେ । ମାତ୍ର ବୈଜ୍ଞାନିକ ଯୁଗର ଚାକଚକ୍ୟ ଜ୍ଞାନ କୌଶଳ ଯୋଗୁଁ ପ୍ରାଚୀନ ପରମ୍ପରାର ଏକ ପ୍ରାଚୀନ ଆୟୁଧ ଢିଙ୍କି ପରମ୍ପରା ବିଲୁପ୍ତ ହୋଇଗଲାଣି । ସେହିପରି ପ୍ରାଚୀନ କାଳରୁ ଓଡ଼ିଶା ତଥା ଭାରତର ବିଭିନ୍ନ ଗ୍ରାମାଂଚଳରେ ଯନ୍ତ୍ର ସହାୟତାରେ କୃଷି କ୍ଷେତକୁ ନଦୀ ଓ ପୁଷ୍କରିଣୀରୁ ପାଣି ମଡାଇ ଚାଷୀ ମାନେ ନିଜ ନିଜର ଜମିକୁ ଶସ୍ୟ ଶ୍ୟାମଳା କରି ଉତ୍ପାଦିତ ଖାଦ୍ୟ ଶସ୍ୟକୁ ପ୍ରାଚୀନ ଯୁଗରୁ ଭୋକିଲା ପେଟକୁ ଖାଦ୍ୟ ଯୋଗାଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ତାହା ମଧ ସାମ୍ପ୍ରତିକ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରଭାବରେ ବିଲୁପ୍ତ ହୋଇଗଲାଣି । ସେହିପରି ସେଣା ଓ ଶୋଡୁଅର ପ୍ରାଚୀନ ପରମ୍ପରା ଓ ସ୍ମୃତି ଧ୍ୱଂସାଭିମୁଖୀ । ଭାରତୀୟ ସଂସ୍କୃତିର ମହାନ ପର୍ବ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ଭାବେ କାହିଁ କେଉଁ ଆବାହମାନ କାଳରୁ ପାଳିତ ହୋଇ ଆସୁଛି । ମାତ୍ର ଆଧୁନିକତାର ପ୍ରଭାବରେ ଇଂରାଜୀ ନବବର୍ଷକୁ ଯେଉଁ ଭଳି ଢଙ୍ଗରେ ଭାରତୀୟ ମାନେ ପାଶ୍ଚାତ୍ୟ ସଭ୍ୟତାର ମୋହରେ ପଡି ପାଳନ କରୁଛନ୍ତି ତାହା ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥାକୁ ବାଟବଣା କରିଦେଇଛି । ମାତ୍ର ଭାରତୀୟ ସଂସ୍କୃତି, ଐତିହ୍ୟ, ଆଧ୍ୟାତ୍ମିକ ଚିନ୍ତା ଚେତନାର ମହାନ ପରମ୍ପରା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ପାଳନ କରିବା ପାଇଁ ଆମ ବଂଶଜ ମାନଙ୍କର କୁଣ୍ଠାବୋଧ କଣ ପାଇଁ ତାହା ସାମ୍ପ୍ରତିକ ବିଧି ବ୍ୟବସ୍ଥା ମଧ୍ୟରେ ଜଳ ଜଳ ହୋଇ ଦୃଶ୍ୟମାନ ହେଉଛି । ନିଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ଆମର ବଂଶଜ ମାନେ ପାଶ୍ଚାତ୍ୟ ସଭ୍ୟତାର ମାୟାରେ ବାୟା ହୋଇ ଆମ ଦେଶ ଭାରତ ବର୍ଷ ଓ ଓଡିଶା ପ୍ରଦେଶର ପ୍ରଧାନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା କେତେଦୂର ଯୁକ୍ତି ଯୁକ୍ତ ତାହା ଆମ ଭାରତୀୟ ସଂସ୍କୃତିର ବାଟବଣା ବଂଶଜ ମାନଙ୍କୁ ପ୍ରଶ୍ନ କରାଯାଇପାରେ । ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତୀୟ ସଂସ୍କୃତିର ବଂଶଜ ମାନେ ନିଜକୁ ପାଶ୍ଚାତ୍ୟ ସଭ୍ୟତାର ମୋହରୁ ନିଜକୁ ମୁକ୍ତ କରି ଇଂରାଜୀ ନବବର୍ଷ ପାଳନ ବଦଳରେ ଭାରତୀୟ ସଂସ୍କୃତିର ମହାନତା ବହନ କରୁଥିବା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ତଥା ଓଡିଆ ନୂଆବର୍ଷକୁ ଧାର୍ମିକ ରୀତିନୀତି ଅନୁଯାୟୀ ପାଳନ କରିବା ସହ ଭାରତୀୟ ସଂସ୍କୃତିକୁ ଗୌରବାନ୍ୱିତ କରି ଆମ ବଂଶଜ ମାନଙ୍କ ମନରେ ବୁଢିଆଣୀ ପରି ବସା ବାନ୍ଧି ଥିବା ପାଶ୍ଚାତ୍ୟ ସଭ୍ୟତାର ଛାପକୁ ବିଲୁପ୍ତ କରି ଧର୍ମ ଓ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ଦିଗରେ ଯତ୍ନବାନ ହେବାକୁ ପ୍ରୟାସ କରିବା ଜରୁରୀ ହୋଇପଡ଼ିଛି । ଭାରତୀୟ ସଂସ୍କୃତିର ମହାନ ପର୍ବ, ଲୋକ କଳା, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ପାଇଁ କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା ତଥା ଭାରତ ବର୍ଷର ଭବିଷ୍ୟତ ପଢି ମାନେ ଏବେ ଠାରୁ ସଜାଗ ନ ହେଲେ ସର୍ବ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଜନମାନସର ଚିତ୍ରପଟରେ ଅଦୃଶ୍ୟ ହୋଇଯିବ ଏଥିରେ ଦ୍ୱିମତ ନାହିଁ । ଭାରତୀୟ ପ୍ରାଚୀନ ଲୋକନୃତ୍ୟ, ଲୋକ କଳା, ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଯତ୍ନବାନ ହୋଇ ଏହାର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

ଶ୍ରୀ ସିଦ୍ଧବଳଦେବଙ୍କ ପାଦପଦ୍ମ ଉଦ୍ଧାର

॥ ଶ୍ରୀହରିଗୁରୁଆଶ୍ରିତ ଅତୀଶ ॥

ଶ୍ରୀ ତୁଳସୀ କ୍ଷେତ୍ର ନାମରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରସିଦ୍ଧ । ଦ୍ୱାପର ଯୁଗରେ କୁରୁକ୍ଷେତ୍ର ଯୁଦ୍ଧରେ ଶ୍ରୀକୃଷ୍ଣ ଅଗ୍ରଜ ଶ୍ରୀ ବଳରାମ ତହିଁରେ ଯୋଗଦାନ ନକରି ତୀର୍ଥପର୍ଯ୍ୟଟନ ଛଳରେ ଉତ୍କଳ ଭୂମିର ଅଂଚଳକୁ ଆସି ବହୁ ଦୁଷ୍ଟ ରାକ୍ଷସ ମାନଙ୍କୁ ବିନାଶ କରିଥିଲେ ପୁଣ୍ୟତୋୟା ବୈତରଣୀ ଦକ୍ଷିଣ ଦିଗରେ ଅବସ୍ଥିତ ଲଳିତଗିରିର କନ୍ଦରା ନିବାସୀ ଗୋ, ବ୍ରାହ୍ମଣ ଓ ସାଧୁସନ୍ଥଙ୍କୁ କଷ୍ଟ ପ୍ରଦାନକାରୀ ମହାପ୍ରତାପୀ କନ୍ଦରାସୁରଙ୍କୁ ମହାପ୍ରଭୁ ଶ୍ରୀବଳରା ବିନାଶ କରି ତାର ପୁତ୍ରୀ 'ତୁଳସୀ'ଙ୍କୁ ବିବାହ କରିଥିଲେ । କଳିଯୁଗେ ତୁଳସୀ ବଣରୁ ପ୍ରଭୁଙ୍କ ଦିବ୍ୟ ମଣିବିଗ୍ରହ ଆବିଷ୍କୃତ ହୋଇ ଭାଇ ଭଉଣୀ ସାଙ୍ଗରେ ତୁଳସୀ କ୍ଷେତ୍ରରେ ପୂଜା ପାଉଛନ୍ତି ଶ୍ରୀବଳଦେବଜୀଉ ନାମରେ । ୧୯୦୬ ମସିହାରେ ବଡ଼ବାବାଜୀ ଶ୍ରୀ ରାଧାରମଣ ଦେବ ଅପ୍ରକଟ ହେବ ସମୟରେ ପ୍ରିୟ ଶିଷ୍ୟ ଶ୍ରୀପାଦ ରାମଦାସ ବାବାଜୀ ମହାଶୟଙ୍କୁ ନିଜ କରତାଳ ପ୍ରଦାନ କରି (ଭଜ) ନିତାଇ ଗୌର ରାଧେଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ନାମ କରିବାକୁ କହିଲେ ଓ ଜୀବର ଦ୍ୱାରେ ଦ୍ୱାରେ ଯାଇ ତାଙ୍କୁ ହରିନାମ ଶୁଣାଇବ ଅଚିରେ । ତାଙ୍କ ଆଦେଶକୁ ଜୀବନ ସାରା ପାଳନ କରିଥିଲେ ଶ୍ରୀ ରାମଦାସ ବାବାଜୀ ମହାରାଜ ଶ୍ରୀକ୍ଷେତ୍ର ଧାମକୁ ଆସୁଥିଲେ ଓ ଝାଞ୍ଜପିଟା ମଠାରେ ରହୁଥିଲେ ସେହି ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ରାଜା, ଜମିଦାର, ଶିଷ୍ୟ ଓ ଭକ୍ତମାନେ ନିଜ ଗ୍ରାମରେ ଚତୁର୍ଥପ୍ରହର, ଅଷ୍ଟପ୍ରହର ଓ ଚବିଶ ପ୍ରହର କରିବା ପାଇଁ ଶ୍ରୀ ରାମଦାସ ବାବାଜୀଙ୍କୁ ନିମନ୍ତ୍ରଣ କରୁଥିଲେ ଓ ବାବାଜୀ ମହାଶୟ ଯାଉଥିଲେ ତାଙ୍କ ଉପସ୍ଥିତିରେ ସେ ଅଂଚଳ ଆଧାତ୍ମିକ ବାତାବରଣରେ ପୂରିଉଠୁଥିଲା ।

କେନ୍ଦ୍ରାପଡ଼ା ଗୋପ ଅଂଚଳର ଗ୍ରାମବାସୀଏରେ ତାଙ୍କ ଗ୍ରାମକୁ ଆସି ଚବିଶ ପ୍ରହର ନାମ ସଂକୀର୍ତ୍ତନ କରିବାକୁ ଶ୍ରୀ ରାମଦାସ ବାବାଜୀ ମହାଶୟଙ୍କୁ ନିମନ୍ତ୍ରଣ କରିଥିଲେ ୧୯୨୯ ମସିହା ଫେବୃଆରୀ ମାସରେ ବାବାଜୀ ମହାଶୟ ଗୋପ ଅଂଚଳକୁ ଆସିଥିଲେ ଓ ଚବିଶ ପ୍ରହର ନାମ ସଂକୀର୍ତ୍ତନ ବଡ଼ ଜାକଜମକରେ ହୋଇଥିଲା ନାମ ସହିତ ଅନେକ ଲୋକ ପ୍ରସାଦ ସେବନ କରିଥିଲେ । ଚବିଶ ପ୍ରହର ନାମଯଜ୍ଞ ଶେଷରେ ବିରାଟ ନଗର ସଂକୀର୍ତ୍ତନ ଶୋଭା ଯାତ୍ରା ସହ ନିଜେ ଶ୍ରୀ ରାମଦାସ ବାବାଜୀ ମହାଶୟ ଗୋପଗ୍ରାମକୁ ପରିକ୍ରମା କରିବାକୁ ବାହାରିଲେ ସମୟ ପ୍ରାୟ ସକାଳ ୧୦ ଘଂଟା ହେବ ବହୁ ପୁରୁଷ ନାରୀ, ବୃଦ୍ଧ ଓ ଶିଶୁଙ୍କ ହରିବୋଲ ହୁଳହୁଳି ଶବ୍ଦରେ ଗୋପଗ୍ରାମ ପ୍ରକମ୍ପିତ ହେଉଥିଲା । ଗୋପଗ୍ରାମ ଶେଷ ମୁଣ୍ଡରେ ଏକ ପୁଷ୍କରିଣୀ ଥାଏ । ସେହି ପୁଷ୍କରିଣୀରେ ଦଳ ଭର୍ତି ହୋଇଥାଏ ଏବଂ ଗୋଟିଏ ମାତ୍ର ତୁଠରେ ଗୋଟିଏ ପଥର ପଡ଼ିଥାଏ ଯେଉଁଥିରେ କି ଗ୍ରାମବାସୀ ଲୋକ ଗୋଡ଼ ଧୋଇ ଘାସାଘଷି କରନ୍ତି । ଲୁଗାପଟା ସଫା କରିବା ସହିତ ଗାଧୁଆ ପାଧୁଆ କରନ୍ତି ।

ବାବାଜୀ ମହାରାଜ କୀର୍ତ୍ତନ ମଣ୍ଡଳୀ ସହ ନଗର ପରିକ୍ରମା କରୁଥିବା ସମୟରେ ସେହି ପୁଷ୍କରିଣୀ ପାଖରେ ଅଟକିଗଲେ ଓ କୀର୍ତ୍ତନ ମଣ୍ଡଳୀ ଆଗକୁ ନଯାଇ ସେହିଠାରେ ଠିଆ ହୋଇ ନାମ କୀର୍ତ୍ତନ କଲେ ସେହି ସମୟରେ ସେହି ପୋଖରୀରେ ବଳରାମ କର ନାମକ ଜଣେ ବ୍ରାହ୍ମଣ ଗାଧୋଇ ସାରି ସେହି ପଥରରେ ପାଦ ଘଷୁଥିଲେ ସେ ଯିବା ପର୍ଯ୍ୟନ୍ତ ବାବାଜୀ ମହାଶୟ ଅପେକ୍ଷା କରି ରହିଲେ ଓ ଗଲା ପରେ ସେହି ପଥରକୁ ମୁଣ୍ଡିଆ ମାରି ଆଲିଙ୍ଗନ କଲେ ସେ ପୋଖରୀର ପାଣିକୁ ମୁଣ୍ଡରେରେ ଛିଂଚ୍ କିଛି ଉଦରସ୍ଥ କଲେ । ତାପରେ ସବୁ ଅବାକ ହୋଇଯିବାର ଦେଖି ବାବାଜୀ ମହାଶୟ କହିଲେ 'ଶ୍ରୀବଳଦେବଜୀଉ ଲଳିତଗିରିରେ କନ୍ଦରାସୁରକୁ ମାରି ଆସିବା ପରେ ଏହି ସିଦ୍ଧ ପୁଷ୍କରିଣୀରେ ପାଦ ଧୋଇଥିଲେ ।' ତା ପରେ ବାବାଜୀ ମହାଶୟଙ୍କ ଇଙ୍ଗିତରେ ଲୋକମାନେ ଉକ୍ତ ପଥରଟିକୁ ଉପରକୁ ଆଣିଥିଲେ ସମସ୍ତେ ହରିବୋଲ ହୁଳହୁଳିରେ ସେ ସ୍ଥାନ ଫାଟି ପଡୁଥାଏ । ଉପରକୁ ଆସିବାରୁ ବାବାଜୀ ମହାଶୟ ସେହି ପଥର ଦେହରେ ଶ୍ରୀ ସିଦ୍ଧବଳ ଦେବଜୀଉଙ୍କ ପାଦ ପଦ୍ମ ଅଙ୍କିତ ଥିବା ସମସ୍ତଙ୍କୁ ଦେଖାଇଲେ ଏହା ଦେଖି ସବୁ ଚକିତ ହୋଇଗଲେ । ଉକ୍ତ ପଥରକୁ ଶ୍ରୀ ଅମରେଶ୍ୱର ମହାଦେବଙ୍କ ମନ୍ଦିରକୁ ନିଆଗଲା ହରିନାମ ସହିତ ବାବାଜୀ ମହାଶୟଙ୍କ ନିର୍ଦ୍ଦେଶରେ ସେହି ଦିନ ମାଘ ମାସ କୃଷ୍ଣ ଦ୍ୱାଦଶୀ ତିଥି ହୋଇଥିଲା । ସେହି ପୁଷ୍କରିଣୀ ସିଦ୍ଧପୁଷ୍କରିଣୀ ନାମରେ ନାମିତ ହେଲା । ତାପରେ ବାବାଜୀ ମହାଶୟଙ୍କୁ ଯଥୋଚିତ ସମ୍ମାନ ଦିଆଯାଇ ବିଦାୟ ଜଣାଗଲା । ତାପର ବର୍ଷ ସେ ଦିବ୍ୟ ପାଦପଦ୍ମକୁ ଏକ ଛୋଟ ମନ୍ଦିର କରି ସେହି ତିଥିରେ ସ୍ଥାପନ କରାଗଲା ଏବଂ ପ୍ରତିବର୍ଷ ମାଘ କୃଷ୍ଣ ଦ୍ୱାଦଶୀ ତିଥିରେ ପାଦପଦ୍ମ ଉଦ୍ଧାରର ସ୍ମରଣ ଦିବସ ରୂପେ ପାଳନ କରାଯାଉଛି ଆଜି ପର୍ଯ୍ୟନ୍ତ ।

ଏହିପରି ଅନେକ ଥର କେନ୍ଦ୍ରାପଡ଼ା ଜିଲ୍ଲାକୁ ବାବାଜୀ ମହାଶୟ ଆସିଛନ୍ତି ଓ ଶ୍ରୀ ବଳଦେବ ଜୀଉଙ୍କୁ ଦର୍ଶନ କରିବା ସହିତ ମନ୍ଦିର ମଧ୍ୟରେ ହରିନାମ ସଂକୀର୍ତ୍ତନ କରିଛନ୍ତି । ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ଷଡ଼ଭୁଜ ଗୌରାଙ୍ଗ ବିଗ୍ରହ ବାବାଜୀ ମହାଶୟଙ୍କ ଦିଗଦର୍ଶନରେ ପ୍ରତିଷ୍ଠା କରାଯାଇଛି ଜୟ ବଡ଼ଠାକୁର ଜୟ ବଳିଯାଉଛୁ ।

ମୋ : ୬୩୭୧୫୮୦୫୨୪

ତର୍କ ଓ ମୀମାଂସା

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଏଥି ଦୁଇଟି ଶବ୍ଦରୁ ତିନିଜଣ ବା ତିନି ଆଙ୍କିଆ ସ୍ତରର ବ୍ୟକ୍ତିଗଣ ବା ପର୍ଯ୍ୟାୟ ଉତ୍ଥାପକ ପରିଚାଳକ ନିଷେଇଛନ୍ତି । ଦୁଇ ଗୋଷ୍ଠୀ ବା ଦୁଇ ବ୍ୟକ୍ତି ବା ଦୁଇ ଚରିତ୍ର ନହେଲେ ତର୍କ ହୋଇନପାରେ । ଆଉ ଦୁଇ ତର୍କ ମଧ୍ୟରେ କାହାର ଭୁଲ କାହାର ଠିକ ଏହା ଶାସଜ୍ଞାନ ଉପସ୍ଥିତି ବୁଦ୍ଧି ଓ ଅଭିଜ୍ଞତାରୁ ମୀମାଂସା ଦେବାକୁ ହୁଏ । ତର୍କର ମୂଳଭିତ୍ତି ହେଉଛି 'ରଙ୍ଗ ଆଣ୍ଡ ରାଇଟ' । ଏହା ସଂକ୍ଷିପ୍ତ 'ଖ୍ୱାର' ଯାହା ତର୍କବାଦୀ । ଏଥିରେ କୌଣସି ପକ୍ଷ କେବେ ନିଜ ଭୁଲଥିବା ସ୍ୱୀକାର କରନ୍ତି ନାହିଁ । ଘଟଣା ନିଶ୍ଚେ ଘଟିଛି, ଏକଥା ସତ୍ୟ ହେଲେ ଘଟଣାଟି କ'ଣ ? ଏଥିର ବି ଦୁଇଟି ସ୍ତର ଅଛି, ଘଟଣାରେ ଆଇନର ସତ୍ୟଦିଗ କ'ଣ ଓ ଅଭିଯୋଗ କ'ଣ ? ଏଇଥିରେ ନ୍ୟାୟ ଦିଗ ଖୋଜା ଯାଇ ମୀମାଂସା କରାଯାଏ ।

ମୀମାଂସାରେ ଜଣେ ଖୁସି ହୁଏ ଆଉଜଣେ ଦୁଃଖିତ ଅପମାନିତ ମନେକରେ । ଏପରିକି ବିଦ୍ରୋହାତ୍ମକ ଚିନ୍ତାରେ ଆସି ଏକ ଭିନ୍ନ ଅପରାଧ ଘଟାଇ ପାରନ୍ତି ଏସବୁ ପାଇଁ ରାଜଦଣ୍ଡ ନୀତିର ଭୟକୁ ଜାହିର କରାଯାଏ । ଏପରି ଗୁରୁତର ଅପରାଧୀକୁ ଜେଲ ଜୋରିମାନା ଏପରିକି ଉମରକୈଦ ବା ପ୍ରାଣଦଣ୍ଡ ବିଧାନର ନଜିର ରହିଛି । ସଂସାର ହୋଇଛି ବାଘ ସିଂହ ପରି ମାଂସାଶି ପ୍ରାଣୀ ରହିବେ । ହରିଣ, କୁଟ୍ରା, ଛାଗ, ମେଣ୍ଢା, ଠେକୁଆ ପରି ତୃଣଭୋଜୀ ପ୍ରାଣୀ ରହିବେ । ଜଙ୍ଗଲରେ ଏକ ଜଳାଶୟ ଏଥିରୁ ସମସ୍ତେ ତୃଷ୍ଣା ଲାଗିଲେ ଜଳପାନ କରିବେ, ପରସ୍ପର ଫନ୍ଦି କରି ଜୀବନ ସଂଘର୍ଷରେ ବଂଚିବେ ମାତ୍ର ଏସବୁ ମଧ୍ୟରେ ଖାଦ୍ୟ ଖାଦକ ସ୍ତର ରହିଛି । ପ୍ରାଣାନ୍ତକ ବା ପ୍ରାଣହାରିବା ବେଳର ଚିତ୍କାର ତୃଣଭୋଜୀ ମାନେ ଶିକାର ହେଲାବେଳେ କରିଥାନ୍ତି । ଏପରି ମନୁଷ୍ୟ ବୀରତ୍ୱ ଦେଖାଇ ବାଘ ସିଂହ ପରି ହିଂସ୍ର ଜନ୍ତୁକୁ ତାର ଗୁଳିଗୋଳାରେ ହତ୍ୟା କେବେ ସଂପୃକ୍ତ ଜନ୍ତୁଟିର ଆର୍ତ୍ତନାଦ ଶୁଣାଯାଏ । ଏହି ଆର୍ତ୍ତ ଜୀବଟିର ଆର୍ତ୍ତନାଦ କିନ୍ତୁ କେହି ଶୁଣି ତତ୍କାଳ ପ୍ରତିବାଦ ପ୍ରତିକାର କରନ୍ତି ନାହିଁ ।

ମନୁଷ୍ୟ ବି ଏହି ବାଘ ସିଂହ ଗୁଣ ବିଶିଷ୍ଟ । ମାଛ, ମାଂସ ପ୍ରତି ଏତେ ଲାଳସା ପୂର୍ଣ୍ଣ ଲୋଲୁପ ଦୃଷ୍ଟି ନିରୀହ ଜୀବ ପ୍ରତି କଠୋର ମନୋବୃତ୍ତି ଯହିଁରେ ତାର ଅଙ୍ଗକୁ ଟୁକୁରା ଟୁକୁରା ରକ୍ତ ଜବୁଜୁବୁରେ ଜୀବନ ଛଟପଟ ଦୟାର୍ଦ୍ର ବିବେକୀ ନ ହୋଇ ତାକୁ ଅମୋଦୀ ଭୋଜନର ଅଂଶ କରୁଛନ୍ତି । ତଫାତ ବାଘ ସିଂହ ବିଲୁଆ କୁକୁର ଶାଗୁଣା କୁଆ କଂଚା ମାଂସ ଖାଆନ୍ତି ମନୁଷ୍ୟ ତାକୁ ସିଝିକରି ପୋଡ଼ିକରି, ତେଲପାକ କରି ମସଲାଦି ମିଶାଇ ଭୋଜନ କରୁଛି । ନିରୀହ ପଶୁପକ୍ଷୀ ଯେପରି ଅପରାଧ କରି ଜନ୍ମ ହୋଇଛନ୍ତି କେବଳ ଅପମୃତ୍ୟୁ ଭୋଗିବା ପାଇଁ । ପ୍ରଜାପତି ବ୍ରହ୍ମାଙ୍କର ସୃଷ୍ଟିରେ ଏପରି ଭ୍ରମକୁ ପଶୁପତି ଶଙ୍କରଙ୍କର ପଶୁରକ୍ଷା ପାଇଁ ତ୍ରିଶୂଳ ଧାରଣ ପ୍ରକୃତରେ ଯେ କଣ କାମ କରୁଛି ଏହା ଭାବିବା କଥା, ଭଗବାନ ବିଷ୍ଣୁ ସେ ପାଳନକର୍ତ୍ତା ପୋଷଣକର୍ତ୍ତା ସେ ନାନାଦି ଶସ୍ୟ, ଫଳ, ମୂଳ ଶାଗପତ୍ର, ତେରମୂଳୀ ସୃଷ୍ଟି ଦ୍ରବ୍ୟକୁ ମନୁଷ୍ୟ ପାଇଁ ଭୋଜ୍ୟ ଦ୍ରବ୍ୟ କରି ଏହାକୁ ଶାସଜ୍ଞାନରେ ଏସବୁ ବଂଶ ବୃଦ୍ଧି କରାଇ ନିଜର ବଂଶବୃଦ୍ଧି ସହିତ ଆଗେଇ ନେଇ ଚେଇ ଚାଲିଲେ ଭୋଜ୍ୟ ଦ୍ରବ୍ୟ ମାନରେ ଅଭାବ ରହିବ ନାହିଁ । ହେଲେ ମନୁଷ୍ୟ କ'ଣ କରୁଛନ୍ତି ? କ'ଣ ଭାବୁଛନ୍ତି ? ଜଙ୍ଗଲରେ ବି ନିଶ୍ଚିଂତକ ଶିକାର ପାଇଁ ହିଂସ୍ର ବାଘ ସିଂହକୁ ଶେଷ କରି କରି ମନୁଷ୍ୟ ଚାଲିଛି । ଯାନବାହାନ ବଡ଼ ବଡ଼ ଯନ୍ତ୍ର ବାହାରିବା ପରେ ହାତର ଆଉ ଆବଶ୍ୟକ ପଡୁନାହିଁ । ହାତିଧରା ଖେଦା ଲୋକ କଥାରେ ଅଛି ଇତିହାସରେ ଅଛି ଯୁଦ୍ଧରେ ଗଜବାହିନୀ କଥା ଅଛି ମାତ୍ର ଏବେ ହାତିଙ୍କ ପାଇଁ ଜଙ୍ଗଲରେ ବୃକ୍ଷ ନାହିଁ ଯେ ସେମାନେ ଭୋଜନ କରିବେ, ଜଳାଧାର ପୁଷ୍କରିଣୀ ଜଙ୍ଗଲରେ ପୋତା ପୋତି ନହେଲେ କଳକାରଖାନା ପାଇଁ ଜଙ୍ଗଲ ଜମି ଆଃ ହାତି ମରିବା ସର୍ବଦା ଖବର ପଢ଼ିବାକୁ ଶୁଣିବାକୁ ମିଳୁଛି ।

ପୂର୍ବେ ଧାନ ବିଲରେ ବର୍ଷା ଉତ୍ତାରେ କେତେ ଉଚ୍ଚମର ତୁନାମାଛ କରାଣ୍ଡୀ, ଦଣ୍ଡକିରି, ମହୁରାଳୀ, ବୋତଲଖାର୍ଡ୍, ବାଳିଗୁଣ୍ଡୁରି, କଉ, ଗର୍ଡ଼ିଶା, ତୋଡ଼ି, ଘଷିପଟା, ଚିଙ୍ଗୁଡ଼ି, କାଙ୍କଡ଼ା ଜନ୍ମ ହୋଇ କ୍ଷେତ୍ରର ହିଡ଼ ବାଡ଼ ମଧ୍ୟରେ ଦୁଇ ତିନି ମାସ ବଂଶ ବିସ୍ତାର କରିବା ବେଳେ ମନୁଷ୍ୟର ଆହାରରେ କଂ। ପିତା ଶୁଖୁଆରେ ଆସୁଥିଲେ । ଏମିତି ବେଳ ହେଲା ଧାନକ୍ଷେତ୍ରରେ ପୋକମରା ବିଷ ପ୍ରୟୋଗ ବହୁଳ ଭାବରେ ହେଲା ଏସବୁ ବିଲୁପ୍ତ । ବଡ଼ ବଡ଼ ରାସ୍ତା ତିଆରି ହେଲା ବହୁ ମାନବ ଆବସ କଳକାରଖାନା ବ୍ୟାପକ ଭାବରେ ବସିଲା, ଏପାଇଁ ତୋଟା ଜଙ୍ଗଲ ବହୁ ବଡ଼ ବଡ଼ ଗଛ ମାନ ବାରମ୍ୟାର କଟା ଚାଲିଛି । ବୃକ୍ଷ ରୋପଣ ଖାତା କଲମର ହେବା ଶୁଣା ଯାଉଛି କାହିଁ ବୃକ୍ଷରାଜୀ । ଲୋକ ପର୍ଯ୍ୟାୟ କ୍ରମରେ ଜାଳେଣୀ ପାଇଁ ଗଛ ଲଗାଇ ଗଛ ହାଣୁଥିଲେ ରନ୍ଧନ ଗ୍ୟାସ ସହଜରେ ମିଳିବାରୁ ଏ ଦିଗରେ କେହି ମନ ଦେଉନାହାଁନ୍ତି । ଜାଳକୁମେ କାଠ ନାହିଁ କି କରତକଳ ନାହିଁ, କମାର ଘରେ କୁରାଢ଼ି ଟାଙ୍ଗିଆ ତିଆରି କରାଯାଉନାହିଁ । ଏସବୁ ଅନ୍ୟାୟ ଘଟଣା କି ନ୍ୟାୟ ଘଟଣା କେହି ବୁଝିବାରେ ନାହିଁ ଏ ପାଇଁ ତର୍କ ନାହିଁକି ମୀମାଂସା ନାହିଁ । ଜନସ୍ୱାର୍ଥ ମାମଲା କରୁଛି କିଏ ? ସବୁ ଯେପରି ପ୍ରଳୟ ଦିଗକୁ ଶୀଘ୍ର ଶୀଘ୍ର ଦଉଡ଼ିବାରେ ଲାଗିଛି । ପ୍ରକୃତି ବିଚିତ୍ର କେଉଁଠି ଜଳବାୟୁ କିପରି କେଉଁ ପ୍ରବଳ ଉଚ୍ଚସ୍ଥାନ କେଉଁ ନୀଚରୁ ଆହୁରି ନୀଚ ସ୍ଥାନ କେଉଁଠି ନଦୀ, କେଉଁଠି ମରୁଭୂମି ପର୍ବତମାଳା କେଉଁ ଜଳବନ୍ଦୀ କେଉଁଠି ବାଲୁକା ବନ୍ଦୀ, ଏ ମଧ୍ୟରେ ସର୍ବତ୍ର ଜୀବଜନ୍ତୁ ମନୁଷ୍ୟ ବସ କଲେ ଏକପ୍ରକାର ଭାବନା ନାହିଁ ଏକ ପ୍ରକାର ଖାଦ୍ୟ ନାହିଁ । ଏଥିରେ ଏହି ଏହି ଅଂଚଳରେ ମାନବ ବଂଚିବା ପାଇଁ ଖାଦ୍ୟ ପାନୀୟ ବାସଗୃହରେ ବସତି ସହିତ ତତ ସ୍ଥାନରେ ଅଭାବ ଓ ଭାବ ପାଇଁ ଅନ୍ୟ ଅଂଚଳ ସମ୍ପର୍କରେ ଆସୁଛନ୍ତି । ଏ ପାଇଁ ଅଭାବ ପାଇଁ ଆମଦାନୀ, ଭାବ ପାଇଁ ରପ୍ତାନୀ ହେଉଛି । ଏଥିରୁ ସୁଖ୍ୟାଳାରେ ପୁଅ ଖୋଳାଉଛନ୍ତି ବଣିକ ଦଲାଲ ଓ ତତସ୍ଥାନ ସରକାରମାନେ । ପଣ୍ୟକର ଆଦି ବହୁ ପ୍ରକାର କରରେ ରାଜକୋଷକୁ ଧନ ଆଣିବା ତତ ସ୍ଥାନ ସରକାର ମାନଙ୍କର କାର୍ଯ୍ୟ । ଏଇଥିରେ ଜଳ ପାଇଁ ସ୍ଥଳ ପାଇଁ ଆକାଶ ପାଇଁ ଖାଦ୍ୟ ଦ୍ରବ୍ୟ ପାଇଁ ବ୍ୟବହାର ଦ୍ରବ୍ୟ ପାଇଁ ଓ ରାଜକର ପ୍ରଜାଙ୍କ ଠାରୁ ଅଧିକ ପ୍ରାପ୍ତି ପାଇଁ ଦେଶ ଦେଶ ମଧ୍ୟରେ ମନ ମାଳିନ୍ୟ ଯୁଦ୍ଧ ଦାନା ବାନ୍ଧୁଛି । ଯୌବନ ବେଳେ ଯୌନ ସାଥି ବରକାର ପୁରୁଷଙ୍କର ଦୁର୍ଦ୍ଦାନ୍ତ ଯୁବକ ଯୌନଚର୍ଯ୍ୟା ପାଇଁ ସୁନ୍ଦରୀ ନାରୀ ମାନଙ୍କ ପାଇଁ ବି ସାମାଧାର ଉତ୍ପାତ ଭୟ ଦେଖାଇ କାଣ୍ଡ ଘଟାଉଛନ୍ତି । ପ୍ରତ୍ୟେକ ଦେଶରେ ବିଚାରାଳୟ ଅଛି । ସେହି ଦେଶର ଘଟଣାର ସିନା ସେମାନେ ନ୍ୟାୟ ଦେଉଛନ୍ତି ମାତ୍ର ସେ ଦେଶର ଲୋକେ ଅନ୍ୟତ୍ର ଅଘଟଣ ଘଟାଇ ସେ ଦେଶର ସ୍ୱାଧୀନତାରେ ହସ୍ତକ୍ଷେପ କରି ପ୍ରବଳ ଅଶାନ୍ତି ସୃଷ୍ଟି କରୁଛନ୍ତି ଏ ପାଇଁ ପ୍ରତ୍ୟେକ ଦେଶର ବିଚାରାଳୟ କିଛି ନ୍ୟାୟ ଏମିତି ରଖି ଦେଶର ଲୋକ ଅନ୍ୟତ୍ର ହିଂସା ଉଦାଉଛନ୍ତି ତା ପାଇଁ ଖୋଜି ଖୋଜି ସେ ଅପରାଧୀକୁ ଦଣ୍ଡିତ କରୁନାହାଁନ୍ତି । ଦେଶର ସରକାର ଅପରାଧୀଙ୍କୁ ଏମିତି ପ୍ରଶ୍ରୟ ଦେଇ ଦେଶକୁ ଯୁଦ୍ଧ ପଥକୁ ଭିଡ଼ି ଧ୍ୱଂସପଥକୁ ନେଉଛନ୍ତି ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

କିଶୋରୀ ଚରଣ ଦାସ 'ଠାକୁର ଘର'ର ସ୍ରଷ୍ଟା

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆଧୁନିକ ଓଡ଼ିଆ କଥା ସାହିତ୍ୟରେ କିଶୋରୀ ଚରଣ ଦାସ ଏକ ସୁପରିଚିତ ନାମ । ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଆ ଗଳ୍ପ ସାହିତ୍ୟର ଗତି ଯେତେ ବେଳେ ଧୀର ହୋଇଯାଇଥିଲା ଏବଂ ଯେତେବେଳେ ରାଜକିଶୋର ରାୟ, ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ପ୍ରବୀଣ କଥାକାରମାନେ ବିଶ୍ରାମରତ ଅବସ୍ଥାକୁ ଆସିଯାଇଥିଲେ, ସେତିକି ବେଳେ ଯେଉଁମାନେ କଥା ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରି, ଏହାର କଳେବର ବୃଦ୍ଧି କରାଇଥିଲେ, ସେମାନଙ୍କ ମଧ୍ୟରେ କିଶୋରୀ ଚରଣ ଅନ୍ୟତମ । ସ୍କୁଲରେ ପଢୁଥିବା ବେଳେ କବିତା ଲେଖାରୁ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା । ସେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ । ତେବେ ମୁଖ୍ୟତଃ ଗଳ୍ପ ଓ ଉପନ୍ୟାସ ପାଇଁ ସେ ଅବିସ୍ମରଣୀୟ ରହିବେ । ପରଦା ତଳେ ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ । ଏହା ନବୀନ ପତ୍ରିକାରେ ପ୍ରକାଶିତ ହୋଇଥିଲା । କବିତାରୁ ଗଳ୍ପ କ୍ଷେତ୍ରକୁ ଲମ୍ଫ ପ୍ରସଙ୍ଗରେ ଏକଦା ଏକ ସାକ୍ଷାତ୍କାର ଅବସରରେ ସେ କହିଥିଲେ ସେ ଯାହା କହିବାକୁ ଚାହୁଁଛନ୍ତି, ତାହା ଅଳ୍ପରେ ସାରିହେବନାହିଁ । ତେଣୁ ସେ କ୍ଷେତ୍ର ପରିବର୍ତ୍ତନ କରିଥିଲେ । ଏହା ସତ୍ତ୍ୱେ କବିତା ଲେଖା ସଂପୂର୍ଣ୍ଣ ଛାଡ଼ିପାରି ନଥିଲେ । ଲେଖିବାକୁ ଭଲଲାଗେ, ତେଣୁ, ସେ ଲେଖୁଥିଲେ । ତାଙ୍କ ଲିଖିତ ଉପନ୍ୟାସ ସଂଖ୍ୟା ସାତ ଏବଂ ଗଳ୍ପ ସଂକଳନ ସଂଖ୍ୟା କୋଡ଼ିଏ । ସମୟ ନାହିଁ ତାଙ୍କର ଆତ୍ମଚରିତ । କଟକର ଖଟବିନ ସାହିରେ ଜନ୍ମ ହୋଇଥିବା କିଶୋରୀ ଚରଣଙ୍କର ଶୈଶବ ଓ କୈଶୋର ଓଡ଼ିଶାର ବିଭିନ୍ନ ସ୍ଥାନରେ କଟିଥିଲା । କାରଣ, ପିତା ଥିଲେ ସରକାରୀ ଚାକିରିଆ । ବଦଳି ଯୋଗୁଁ ବିଭିନ୍ନ ସ୍ଥାନରେ କିଛି କିଛି କାଳ ରହିବାକୁ ପଡୁଥିଲା । କେନ୍ଦ୍ରାପଡ଼ା ହାଇ ସ୍କୁଲରୁ ମାଟ୍ରିକ, ରେଭେନ୍ସାରୁ ସ୍ନାତକ ପରେ ସେ ପାଟନା ବିଶ୍ୱବିଦ୍ୟାଳୟରେ ଇତିହାସ ବିଷୟରେ ସ୍ନାତକୋତ୍ତର ପଢ଼ିଥିଲେ ।

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ତିନିବର୍ଷ ପରେ ଇଣ୍ଡିଆନ୍ ଅଡ଼ିଟ୍ ଆଣ୍ଡ ଏକାଉଂଟସ୍ ସର୍ଭିସରେ ଯୋଗ ଦେଇଥିଲେ । ବୃତ୍ତିଗତ ଜୀବନର ପ୍ରାୟ କୋଡ଼ିଏ ବର୍ଷ କଟିଥିଲା କାଲକାତା ଓ ଦିଲ୍ଲୀରେ । କିଛି କାଳ ବିଦେଶରେ ମଧ ରହିଥିଲେ । ତାଙ୍କର ଗୁଡ଼ିଏ ସାହିତ୍ୟର ସୃଷ୍ଟି ଓଡ଼ିଶା ବାହାରେ । ତଥାପି ପ୍ରାୟ ସବୁଥିରେ ଓଡ଼ିଆ ଜୀବନର ଚିତ୍ର ଦେଖିବାକୁ ମିଳେ । ଅବସର ପରେ ସେ ଜନ୍ମ ସ୍ଥାନ ଖଟବିନ ସାହିକୁ ହିଁ ଶେଷ ଠିକଣା ଭାବେ ବାଛିଥିଲେ ଏବଂ ଜୀବନର ଶେଷ ଉଣେଇଶ ବର୍ଷ ଏଠାରେ ହିଁ କଟିଥିଲା । ସ୍ୱାସ୍ଥ୍ୟଗତ କାରଣରୁ ୨୦୦୪ ଅଗଷ୍ଟ ଆଜିର ଦିନରେ ଦିଲ୍ଲୀର ଏମ୍ସରେ ତାଙ୍କର ପରଲୋକ ହୋଇଥିଲା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

'ଗୁରୁ ବଚନ କି କରିବ, ଯାହାର ଯେମନ୍ତ ସ୍ୱଭାବ'

॥ ଡକ୍ଟର ସୁରେଶ କୁମାର ନାୟକ ॥

ଗୁରୁଦେବ ହେଉଛନ୍ତି ସର୍ବଶକ୍ତିମାନ । କେବଳ ସେତିକି ନୁହେଁ, ତାଙ୍କୁ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ସଂପର୍କରେ ସବୁ କଥା ଜଣାଥିଲା । କ'ଣ ଘଟିଛି, କ'ଣ ଘଟୁଛି ଏବଂ କ'ଣ ଘଟିବ ତାହା ଅତି ସହଜରେ ସେ କହିଦେଉଥିବାରୁ ତାଙ୍କୁ ସର୍ବଜ୍ଞାତା କୁହାଯାଏ । ଗୁରୁଦେବଙ୍କୁ ବୁଝିବାକୁ ହେଲେ ବ୍ୟକ୍ତିକୁ ଏହି ବସ୍ତୁବାଦୀ ଦୁନିଆର ସମସ୍ୟା ଠାରୁ ଦୂରରେ ରହି ନିରାସକ୍ତ ଭାବେ ତାଙ୍କ ଉପରେ ଧ୍ୟାନସ୍ଥ ହେବାକୁ ପଡ଼ିବ । ଏହାକଲେ ଗୁରୁଦେବ କ'ଣ କହୁଛନ୍ତି ତାହା ଆମେ ଯେଉଁଠାରେ ଥିଲେ ମଧ ଶୁଣି ପାରିବା । ଭଗବାନଙ୍କ ପ୍ରତି ଯାହାର ଭକ୍ତିଭାବ ଅଧିକ ଏବଂ ଯିଏ ଗୁରୁଙ୍କୁ ଈଶ୍ୱରଙ୍କ ସ୍ୱରୂପ ମନେ କରେ, ସମସ୍ତ ଶାସ୍ତ୍ରର ଶିକ୍ଷା ପାଇବାକୁ ସେ ସମର୍ଥ ହୁଏ । ଗୁରୁଙ୍କର ଉପଦେଶକୁ ଯିଏ ଅକ୍ଷରେ ଅକ୍ଷରେ ପାଳନ କରେ, ତାଙ୍କର ମହିମାକୁ ଅଜ୍ଞାତ ମାନଙ୍କ ମଧ୍ୟରେ ଜୀବନ ପର୍ଯ୍ୟନ୍ତ ପ୍ରଚାର କରେ ସିଏ ହେଉଛି ପ୍ରକୃତ ଶିଷ୍ୟ । ଯେତେବେଳେ ଧର୍ମର ଗ୍ଲାନି ହୁଏ ଓ ଅଧର୍ମ ବୃଦ୍ଧି ପାଏ; ଧର୍ମ ସଂସ୍ଥାପନ ନିମିତ୍ତ ଭଗବାନ ଅବତାର ଗ୍ରହଣ କରନ୍ତି । କେତେବେଳେ ସେ ରାମ ରୂପରେ ଆସନ୍ତି, କେତେବେଳେ କୃଷ୍ଣ, କେତେବେଳେ ଶିବ, ଆଉ କେତେବେଳେ ସାଇ ରୂପରେ । ତେବେ ଭଗବାନ ଯେତେବେଳେ ଗୁରୁ ରୂପରେ ଆସନ୍ତି, ତାହା ସର୍ବାପେକ୍ଷା ମହିମାନ୍ୱିତ ହୋଇଯାଏ । କାରଣ ଏହି ରୂପରେ ଭଗବାନଙ୍କୁ କ୍ରୁର ହେବାକୁ ପଡ଼େ ନାହିଁ, ହିଂସାର ଆଶ୍ରୟ ନେବାକୁ ହୁଏନାହିଁ, କାହାର ବିନାଶ କରିବାକୁ ହୁଏନାହିଁ । ଭଗବାନ ଯିଏ ଚିର କଲ୍ୟାଣକାରୀ, ଯିଏ ସକଳ ସୃଷ୍ଟିର ସ୍ରଷ୍ଟା, ତାଙ୍କର ସ୍ୱାଭାବିକ ଗୁଣର ସଜୀବ ପରିପ୍ରକାଶ ହୁଏ ଗୁରୁ ରୂପରେ । କେବଳ କଲ୍ୟାଣ କାମନା ହୋଇଯାଏ ଏହି ଅବତାରର ଅଭିପ୍ରାୟ । ସାଧୁ ଓ ଦୁଷ୍ଟ ସମସ୍ତେ ତାଙ୍କର ସମାନ କରୁଣାର ବରାଭୟରେ ଉପକୃତ ହୁଅନ୍ତି ଆମ ମାନଙ୍କର ପରମ ସୌଭାଗ୍ୟ ଯେ କଳିକାଳର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନ ତ୍ରାହି ତ୍ରାହି ଡାକ ଦେଉଥିବାବେଳେ ସଦଗୁରୁରୂପୀ ଗୁରୁଦେବଙ୍କର ସାନ୍ନିଧ ଲାଭ କରିବାକୁ ଆମେ ସମର୍ଥ ହୋଇଛୁ । କେତେ ତପସ୍ୟାର ଏହାପରି ଭୟାଲତା ନାହିଁ । ସୁତରାଂ ଭକ୍ତଗଣ, ଆଶ୍ରିତଗଣ ଆଉ ମୁହୂର୍ତ୍ତେ ବି ହେଳା କରିବା ନାହିଁ । ଗୁରୁକୃପା ବୃଷ୍ଟିକରି ଚାଲିଛନ୍ତି; ଆସ, ସମୟ ଗଳିଯିବା ପୂର୍ବରୁ ତାର ସୁଯୋଗ ନେଇଯିବା । ଗୁରୁଦେବ ଆମମାନଙ୍କୁ ତାଙ୍କ ମାର୍ଗଦର୍ଶନରେ କହିଛନ୍ତି ଗୁରୁଙ୍କ ଠାରେ ଧ୍ୟାନସ୍ଥ ହେବାର ତିନିଟି ପର୍ଯ୍ୟାୟ ରହିଛି । ପ୍ରଥମ ପର୍ଯ୍ୟାୟରେ ଗୁରୁ ଯାହା କହିବେ ତାହା ମନର ତରଙ୍ଗ ମଧ ଦେଇ ଭକ୍ତ ନିକଟକୁ ଯାଏ । ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ତାହା ଶ୍ରବଣ କରେ ଏବଂ ତୃତୀୟ ପର୍ଯ୍ୟାୟରେ ଭକ୍ତ ଶ୍ରବଣ କରିବା ସହିତ ଗୁରୁଙ୍କ ଦର୍ଶନ କରିଥାଏ । ଚେତନା ସ୍ତର ପବିତ୍ର ହେଲେ ଭକ୍ତ ଏହି ତିନିଟି ପର୍ଯ୍ୟାୟ ମଧ ଦେଇ ସହଜରେ ଗତି କରିବା ସହିତ ଗୁରୁଙ୍କ ଆଶୀର୍ବାଦ ଲାଭ କରିଥାଏ । ଗୁରୁଦେବ କହିଛନ୍ତି ଚିତ୍ତ ଯେତେବେଳେ ସ୍ଥିର ଏବଂ ଶାନ୍ତ ହୁଏ ସେତେବେଳେ ଆମେ ଈଶ୍ୱରଙ୍କ କଥା ଶୁଣିପାରୁ । ବିକୃତ ଭାବ, ଅସ୍ଥିରତା ଏବଂ ବସ୍ତୁବାଦୀ ଚିନ୍ତାରୁ ମନକୁ ମୁକ୍ତ କଲେ ଶରୀର ଭିତରେ ଥିବା ଠାକୁରଙ୍କୁ ଉପଲବ୍ଧି କରିହେବ । ଅନେକ ସମୟରେ ମନ ଭିତରେ ଥିବା ଏହି ଈଶ୍ୱର ପବିତ୍ର ମାର୍ଗରେ ଯାତ୍ରା କରୁଥିବା ଭକ୍ତମାନଙ୍କୁ ଦର୍ଶନ ଦେବା ନିମନ୍ତେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି ଏବଂ ଆମେ ମାନଙ୍କୁ ଦର୍ଶନ କରିଥାଉ । ତାଙ୍କର ସର୍ବ ବ୍ୟାପକ କ୍ଷମତା ଥିବାରୁ ଏକ ସମୟରେ ସେ ସବୁଠାରୁ ଉପସ୍ଥିତ ଥାଆନ୍ତି । ଗୁରୁଙ୍କ ଅଧୀନରେ ରହି ସାଧନା କରୁଥିବା ଲୋକଟି କେବେ ବି ବାଟ ବଣା ହୋଇନଥାଏ । ସଦଗୁରୁ ସ୍ୱୟଂ ବ୍ରହ୍ମ ସ୍ୱରୂପ । ଯେଉଁ ଶ୍ରଦ୍ଧାଳୁ ବା ଶିଷ୍ୟ ନିଜର ସର୍ବନିମ୍ନ ସାମାନ୍ୟତମ ଯୋଗ୍ୟତା ରଖିଥାନ୍ତି ତାଙ୍କ ପାଇଁ ଯୋଗ୍ୟ ଗୁରୁ କଦାପି ଅଭାବ ରହିବନାହିଁ । କିନ୍ତୁ ଆମ ମାନଙ୍କ ଭିତରେ ଥିବା ଅଜ୍ଞାନତା ସେମାନଙ୍କୁ ସହଜରେ ଚିହ୍ନି ପାରିନଥାଏ । ଯେଉଁ ବ୍ୟକ୍ତିଙ୍କର ଚିତ୍ତ ବିଶୁଦ୍ଧ, ଯେଉଁମାନଙ୍କ ଠାରେ ସମସ୍ତ ସଦଗୁଣ ପୂର୍ଣ୍ଣ ହୋଇରହିଛି କେବଳ ସେହିଅଳ୍ପ କେତେଜଣ ସେପରି ମହାତ୍ମା ମାନଙ୍କୁ ଚିହ୍ନି ପାରନ୍ତି । ମହାତ୍ମା ମାନଙ୍କର ସତସଙ୍ଗର ଉପକାର ଲାଭ କରନ୍ତି । ଏ ସୃଷ୍ଟି, ଏ ଜଗତ ଯେ ଯାଏଁ ନିଜ ସୃଷ୍ଟିତ୍ୱକୁ ବଜାୟ ରଖିଛି ସତ୍ୟାନୁସନ୍ଧାନ ପଥରେ ଉଦ୍ୟମୀ ମଣିଷଟିକୁ, ପଥ ଦେଖାଇବା ପାଇଁ ସେତେ ଦିନ ପର୍ଯ୍ୟନ୍ତ ଗୁରୁ ଓ ଭଗବାନ ନିଶ୍ଚିନ୍ତ ଭାବରେ ରହିଛନ୍ତି । ଉଦ୍ୟମୀ ସାଧକ ସମର୍ପିତ ଆଶ୍ରିତ ମାନଙ୍କୁ ନିଶ୍ଚିନ୍ତ ଭାବରେ ଗୁରୁଙ୍କର ସାକ୍ଷାତ ମିଳିବ । ଗୁରୁଦେବଙ୍କ କୃପା ମିଳିଲେ ସକଳ ସନ୍ଦେହ ଦୂର ହୋଇ ଅପରୋକ୍ଷ ଅନୁଭୂତି ଲାଭ ହୋଇଥାଏ । ଗୁରୁଙ୍କ ଆଧାତ୍ମିକ ନିର୍ଦ୍ଦେଶ ଗୁଡ଼ିକ ସ୍ପଷ୍ଟ ଭାବେ ହୃଦୟଙ୍ଗମ କରି ସୁଚାରୁରୂପେ ପାଳନ କଲେ ଗୁରୁଦେବଙ୍କ ଅଖଣ୍ଡ ସୌଭାଗ୍ୟ ଆଶୀର୍ବାଦ ମିଳିଥାଏ । ବ୍ରହ୍ମସ୍ୱରୂପ ଗୁରୁଦେବଙ୍କ ପ୍ରତି ଏହି ଅନୁଚିନ୍ତନ ସମୟରେ ମନେପଡୁଛି ଶ୍ରୀମଦ ଭାଗବତର ପବିତ୍ର ଧାଡ଼ିଟି - 'ଗୁରୁ ବଚନ କି କରିବ, ଯାହାର ଯେମନ୍ତ ସ୍ୱଭାବ ।'

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨

ଗଣିଆ ଅଗ୍ନିଶମ ବିଭାଗରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଣିଆ, ୧୭/୦୮ (ଆ.ପ୍ର) : ଗଣିଆ ଅଗ୍ନିଶମ ବିଭାଗ ପରିସରରେ ବୃକ୍ଷ ରୋପଣ ଓ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଣିଆ ସରପଂଚ ଗିରିଧାରୀ ସେଠୀ, ଫରେଷ୍ଟ ଗାର୍ଡ କୁନି ଓଝା, ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଅଗ୍ନିଶମ ବିଭାଗ ପରିସରରେ ଆମ୍ବ, ବେଲ, ଅଁଳା, ପିଜୁଳି, ଆତ ଆଦି ପ୍ରାୟ ୫୦ରୁ ଅଧିକ ବୃକ୍ଷ ରୋପଣ କରାଯାଇଥିଲା । ଅଗ୍ନିଶମ ଅଧିକାରୀଙ୍କ ପ୍ରଚେଷ୍ଟାରେ ବିଭାଗ ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷ ଠାରୁ ଆରମ୍ଭ କରି ଫଳ, ପନିପରିବା ବୃକ୍ଷ ଲଗାଯାଇଥିବା ଦେଖିବାକୁ ମିଳିଛି । ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବୃକ୍ଷ ରୋପଣର ନିହାତି ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ମାରୱାଡ଼ି ଯୁବାମଂଚର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ

ସିନାପାଲି, ୧୭/୦୮ (ଆ.ପ୍ର) : ଅଖିଳ ଭାରତୀୟ ମାରୱାଡ଼ି ଯୁବା ମଂଚ ସିନାପାଲି ଶାଖା ତରଫରୁ ସ୍ଥାନୀୟ ଅଗ୍ରେସନ ଭବନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି । ସ୍ଥାନୀୟ ଯୁବା ମଂଚର ପୂର୍ବତନ ସମ୍ପାଦକ ଯୁବା ଦୀପକ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ବିଧି ଅନୁଯାୟୀ ପୂଜା ପାଠ କରାଯାଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏ ଅବସରରେ ଚକାଡ଼ୋଳା ଭଜନ ମଣ୍ଡଳୀ ଦଭଜନ ପରିବେଷଣ କରିଥିଲେ । ଜନ୍ମେଜୟ ପଣ୍ଡା ପୂଜା କାର୍ଯ୍ୟ ସଂପାଦନା କରିଥିବା ବେଳେ ଯୁବାମଂଚ ସଭାପତି ହୀରାଲାଲ ଅଗ୍ରୱାଲ, ସମ୍ପାଦକ ଯୁବା ଗଣେଶ କୁମାର ଅଗ୍ରୱାଲ ଓ କୋଷାଧ୍ୟକ୍ଷ ରାଜେଶ କୁମାର ଅଗ୍ରୱାଲଙ୍କ ସହିତ ମାରୱାଡ଼ି ସମାଜ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବିଜେପି କାର୍ଯ୍ୟାଳୟ ଠାରେ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଦଶପଲ୍ଲା, ୧୭/୦୮ (ଆ.ପ୍ର) : ଭାରତର ଇତିହାସ ପୃଷ୍ଠା କୁ ଅବଲୋକନ କଲେ ଅନେକ ମହାନାୟକଙ୍କ ନାମ ପରିଲକ୍ଷିତ ହୁଏ । ସେହି ମହାନାୟକଙ୍କ ମଧ୍ୟରୁ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନାମ ଅନ୍ୟତମ । ମହାନ୍ ଦେଶପ୍ରେମୀ ଓ ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ, ଭାରତୀୟ ଜନତା ଦଳର ପ୍ରତିଷ୍ଠାତା, ପଦ୍ମ ବିଭୂଷଣ ତଥା ଭାରତ ରତ୍ନ ପ୍ରାପ୍ତ ସ୍ୱର୍ଗତ ପରମ ପୂଜ୍ୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଆଜି ସାରା ଦେଶ ଜଣାଉଛି । ଏହି ପୁଣ୍ୟତିଥିରେ କନ୍ଧମାଳ ସାଂସଦଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ବଳବେହେରାଙ୍କ ତତ୍ତ୍ୱାବଧାନରେ ଦଶପଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ବିଜେପି ନେତା ରାଘବ ମଲ୍ଲିକଙ୍କ ସହିତ ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ବାଜପେୟୀଙ୍କ ପ୍ରତିଛବି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିଲେ ଓ ମହାନାୟକ ବାଜପେୟୀଙ୍କ ଦେଶ ପ୍ରତି ଅବଦାନ ଓ ତାଙ୍କର ଗୁଣ ଗାନ କରିଥିଲେ । ପରେ ଏକ ସଭାକାର୍ଯ୍ୟ କରିଥିଲେ ।

ଜୀବେଦୟା ଫାଉଣ୍ଡେସନ ପକ୍ଷରୁ ସ୍ୱାଧୀନତା ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଜଗତସିଂହପୁର, ୧୭/୦୮ (ଆ.ପ୍ର) : ଜୀବେଦୟା ଫାଉଣ୍ଡେସନ, ମାର୍କଣ୍ଡପୁର, ଜଗତସିଂହପୁର ଆନୁକୂଲ୍ୟରେ ୭୯ତମ ସ୍ୱାଧୀନତା ଦିବସ ବଡ଼ବାଗ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ସର୍ବାଙ୍ଗ ସୁନ୍ଦରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୌରପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅନୁଷ୍ଠାନର ଉପଦେଷ୍ଟା ଅକ୍ଷୟ ପାତ୍ର, ତ୍ରିଲୋଚନ ସାହୁ ଏବଂ ଉପସଭାପତି, ଡ଼ଃ ସୁବ୍ରତ କୁମାର ଲେଙ୍କା ଯୋଗଦେଇ ପିଲାମାନଙ୍କୁ ଅଭିବାଦନ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ନଟରାଜ କଳା ପ୍ରତିଷ୍ଠାନ, ବିରିଡ଼ି ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏକ ନାଟକ ମଂଚସ୍ଥ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମାର୍କଣ୍ଡପୁର ଗ୍ରାମର ସମସ୍ତ ବର୍ଗର ଜନସାଧାରଣଙ୍କର ପୂର୍ଣ୍ଣ ସହୋଯୋଗ କରିଥିଲେ । ଜୀବେଦୟା ଫାଉଣ୍ଡେସନର ସଦସ୍ୟ, ଶୁଭକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କୃଷ୍ଣଚନ୍ଦ୍ର ସେଠୀ ପରିଚାଳନା କରିଥିଲେ ।

ରାଧେ ରାଧେ ଆଶ୍ରମରେ ମହାସମାରୋହରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ଯାଜପୁର, ୧୭/୦୮ (ଆ.ପ୍ର) : ଯାଜପୁର ସହରରେ ଥିବା ଯୋଡିକୂଅ ଛକ ନିକଟରେ ଅବସ୍ଥିତ ରାଧେ ରାଧେ ଆଶ୍ରମରେ ମହାସମାରୋହରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଅଛି । ଯାଜପୁର ସହର ସହିତ ବିଭିନ୍ନ ସ୍ଥାନରୁ ବହୁ ମାତ୍ରାରେ ଶ୍ରଦ୍ଧାଳୁମାନେ ଆସି ଜନ୍ମାଷ୍ଟମୀ ଉତ୍ସବ ପାଳନ କରିଥିଲେ । ଯଥାବିଧି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା । ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ଜନ୍ମାଷ୍ଟମୀ ମହାସମାରୋହରେ ପାଳନ କରିବା ସହିତ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଭାବେ ଚାନ୍ଦୁଭାଇ, ଲୁଲୁଭାଇ, ନିଳାଦ୍ରୀ ଭାଇ, ଗୋପାଳ ନନା ପ୍ରମୁଖ ଉପସ୍ଥିତ ରହି ଜନ୍ମାଷ୍ଟମୀ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମାପନ କରିଥିଲେ ।

ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ସମାରୋହ ପାଳିତ

ରଣପୁର, ୧୭/୦୮ (ଆ.ପ୍ର) : ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଫ୍ରେଣ୍ଡସ କ୍ଲବ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ମହୋଛବ ପଡିଆଠାରେ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସ ପାଳନ ସମାରୋହ ଧୂମାଧାମରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନ ସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ମାନିତ ଅତିଥିଭାବେ ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ସରପଂଚ ଚିତରଞ୍ଜନ ପ୍ରଧାନ, ଫ୍ରେଣ୍ଡସ କ୍ଲବ ସମ୍ପାଦକ ମିର୍ଜା ଫକିରୁଦ୍ଦିନ ବେଗ ଓ ସହସମ୍ପାଦକ ସମ୍ବିତ କୁମାର ସାହୁ ପ୍ରମୁଖ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ କୁନି ସଂଗ୍ରାମୀ ବାଜି ରାଉତ ନିଜ ଜୀବନକୁ ବାଜି ଲଗାଇ ଇଂରେଜମାନଙ୍କୁ ନଦୀ ପାର କରି ନ ଥିଲା ଫଳରେ ରାଗରେ ଗୋରା ସାହେବମାନେ ତାଙ୍କୁ ଗୁଳି ହତ୍ୟା କରିଥିଲେ ବୋଲି ତହସିଲଦାର ସର୍ବଦମନ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ସେହିପରି ବାପୁଜୀ ଗାନ୍ଧୀ ବାଡି ଖଣ୍ଡେ ଧରି ଅହିଂସା ଡାକରାରେ ସାରା ବିଶ୍ୱ ଦୋହଲିଯାଇଥିଲା । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପଂଚସଖା ବାନର ସେନା ପରି ବହୁ ସଂଗ୍ରାମୀ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ପରିଶେଷରେ ଗୋରାମାନେ ୧୯୪୭ମସିହା ଅଗଷ୍ଟ ୧୪ତାରିଖ ରାତି ୧୨ଟାରେ ଭାରତ ଛାଡି ପଳାଇଥିଲେ ବୋଲି ଫ୍ରେଣ୍ଡସ କ୍ଲବ ସଭାପତି ନାୟକ ମନ୍ତବ୍ୟରେ କହିଥିଲେ । ଏହି ପ୍ୟାରେଡ ଉତ୍ସବରେ ୨୩ଟି ସବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ନିଜନିଜର ଦେଶାତ୍ମକ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ସୁଜିତ କୁମାର ସାହୁ, ଉପସଭାପତି ବଲ୍ଲଭ ପ୍ରଧାନ ପ୍ରମୁଖ ମଂଚ ପରିଚାଳନା କରିଥିଲେ । ପ୍ୟାରେଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ । ସୁଶାନ୍ତ ନାୟକ, ମିର୍ଜାଫର ହୁସେନ ଖାଁ, ରଶ୍ମୀକାନ୍ତ ଷଡଙ୍ଗୀ, ଜଗନ ନାୟକ, ସଦାଶିବ ସାହୁ, ବିଷିକେଶନ ସାହୁ, ଅକ୍ଷୟିଆ ରଣା, ମିର୍ଜିସିରାଜଦ୍ଦିନ ବେଗ, ମିର୍ଜାଫର ହୁସେନ ଖାଁ, ସନ୍ତୋଷ କୁମାର ତୃଷ୍ଟି, ଅସଫ ଅଲ୍ଲୀ ଖାଁ, ଧନେଶ୍ୱର ସାହୁ, କୈଳାସ ଚନ୍ଦ୍ର ସାହୁ, ସର୍ଦ୍ଦାର ଆକ୍ସତ ଅଲ୍ଲୀ ଖାଁ, ଓହାବ ଖାଁ, ମନୋଜ କୁମାର ମଲ୍ଲିକ ଓ ତପନ କୁମାର ସାହୁଙ୍କ ସମେତ ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ସହଯୋଗକରି ପରିଚାଳନା କରିଥିଲେ ।

ଆଇ ଫିଟନେସ୍ ଜିମ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ସହ ପୁରସ୍କାର ବିବରଣୀ

କୁକୁଡ଼ାଖଣ୍ଡି, ୧୭/୦୮ (ଆ.ପ୍ର) : ସ୍ଥାନୀୟ ଗାନ୍ଧୀନଗର ନିକଟସ୍ଥ 'ଆଇ୍ ଫିଟନେସ୍ ଜିମ୍' ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସକାଳେ ତ୍ରିରଙ୍ଗା ପତାକା ଉତୋଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପତାକା ଉତୋଳନ କାର୍ଯ୍ୟ 'ଆଇ୍ ଫିଟନେସ୍' ଜିମ୍‌ର ସ୍ଥାପକ ଓ ପ୍ରଶିକ୍ଷକଙ୍କ ହସ୍ତରେ ସମ୍ପନ୍ନ ହୋଇଥିଲା । ଏହି ସମୟରେ ଜିମ୍ ସଦସ୍ୟମାନେ, ସ୍ଥାନୀୟ ଯୁବସମାଜ ଓ ଅତିଥିମାନେ ଉପସ୍ଥିତ ରହିଆସିଥିଲେ । ପତାକା ଉତୋଳନ ପରେ, ସ୍ୱାଧୀନତା ସେନା ମାନଙ୍କ ବଳିଦାନ ଓ ଦେଶର ପ୍ରଗତି ରେ ଯୁବ ପିଢ଼ିଙ୍କ ଭୂମିକା ବିଷୟରେ ଉଦ୍ବୋଧନ ଦିଆଯାଇଥିଲା । 'ଆଇ୍ ଫିଟନେସ୍' ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା, ଯୁବ ମାନଙ୍କ ମଧ୍ୟରେ ଶାରୀରିକ କୁଶଳତାର ପ୍ରାସଙ୍ଗିକତା ଓ ଫିଟନେସ୍‌ର ମାଧ୍ୟମରେ ଜୀବନ ରେ ଶୃଙ୍ଖଳା ବଦ୍ଧତା ବିଷୟରେ ବିଶେଷ ଆଲୋଚନା କରାଯାଇଥିଲା । ପରବର୍ତ୍ତୀ ସମୟରେ ଜିମ୍‌ର ସଦସ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିମ୍ ପକ୍ଷରୁ ଆୟୋଜିତ କରାଯାଇଥିଲା । ସଂଧ୍ୟା ସମୟରେ ବିଜେତାଙ୍କ ପୁରସ୍କାର ବିତରଣୀ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଅଙ୍କୁଜ ଶର୍ମା, ସମାଜସେବୀ ତଥା ମଡେଲର ଏସ୍ ଅଜିତ୍ ପାତ୍ର, ଗୁରୁପ୍ରୀତ ସିଂହ, ଗଣେଶ ନାୟକ, ମିନତି ପଣ୍ଡା, ଗିର୍ଜାନନ୍ଦନ ମିଶ୍ର, ଟ୍ରେନର ରାକେଶ ସାବତ, ଶୁଭଶ୍ରୀ ସାହୁ, ସୁନୀଲ ରାଓ, ବାଳ ରାଜୁ, ଆଶୁତୋଷ ଦାଶ, ଆଲୋକ ଦାଶଙ୍କ ଉପସ୍ଥିତରେ କୃତି ହାସଲ କରିଥିବା ବିଜେତା ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ତତ୍ ସହ ଶରତ ଶର୍ମାଙ୍କ ଓ ସୋନାୟୁ ଦାସ, ସହଯୋଗୀ ପତିତପାବନ ଚୌଧୁରୀ, ରୋହିତ ବଳେଇଙ୍କୁ ମଧ୍ୟ ମଂଚସ୍ଥ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏଥିରେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବା ଓ ଦୈହିକ ଜୀବନରେ ବ୍ୟାୟାମକୁ ଅଭ୍ୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ ସମାଜସେବୀ ଶ୍ରୀ ପାତ୍ର । ଶେଷରେ ସଙ୍ଗୀତ ଗାନ ସହ ନୃତ୍ୟ ପରିବେଷଣ କରାଯାଇ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା ।

ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା ଅଭିଯାନ

ରାୟଗଡ଼, ୧୭/୦୮ (ଆ.ପ୍ର) : ରାୟଗଡ ପୌରାଂଚଳର ଇନ୍ଦିରାନଗର ଓ ଅଶୋକ ନଗର ଅଂଚଳରେ ଶନିବାର ଆସ ଆମେ ସ୍କୁଲ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପିଲାଏ ହାତରେ ପ୍ଲାକାର୍ଡ ଧରି ସାହି ସାହି ବୁଲି ସଚେତନତାର ସ୍ଲୋଗାନ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଏଥିରେ ସାମିଲ ହୋଇଥିଲେ । ଅଠର ବର୍ଷରୁ କମ୍ ସମସ୍ତ ଶିଶୁ ପାଠପଢିବେ ଏଥିପାଇଁ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ପରେ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସ୍‌ଏମ୍‌ସି ଅଧ୍ୟକ୍ଷା ଜି ସ୍ୱପ୍ନା ସଭାପତିତ୍ୱ କରିଥିଲେ । ଓସେପା ନିର୍ଦ୍ଦେଶନାମା ଅନୁସାରେ ବିଦ୍ୟାଳୟର ବିକାଶ ସଂପର୍କିତ ବିଷୟବସ୍ତୁମାନ ଆଲୋଚନା ହୋଇଥିଲା । ଏଥିରେ ପ୍ରମିଳା ପଣ୍ଡା, ବାସନ୍ତି ମିଶ୍ର, ପ୍ରଭାତ ସେନାପତି, ସୋନାଲିସା ସାମଲ, ରଞ୍ଜିତା ସାମନ୍ତରାୟ, ମନୋରମା ସାହୁ, ନୀଳାଂଚଳ ମିଶ୍ର ଓ ପିଲାଙ୍କ ପିତାମାତା, ଅଭିଭାବକ ପ୍ରମୁଖ ଯୋଗଦେଇଥିଲେ । ବୈଠକ ପ୍ରାରମ୍ଭରେ ସ୍ୱର୍ଗତ ଶିକ୍ଷୟିତ୍ରୀ ନମିତା ମାଝୀଙ୍କ ସ୍ୱର୍ଗବାସରେ ସମସ୍ତେ ନୀରବ ପ୍ରାର୍ଥନା କରିଥିଲେ ଓ ନୀଳାଂଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସକ୍ଷମ କାର୍ଯ୍ୟାଳୟରେ ବିକାଶ ପୁରୁଷ ସ୍ୱର୍ଗତ ବାଜପେୟୀଙ୍କ ପୁଣ୍ୟ ତିଥି ପାଳନ

ରାୟଗଡ଼ା, ୧୭/୦୮ (ଆ.ପ୍ର) : ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀ ପୁଣ୍ୟ ତିଥି ଅବସରରେ ଶନିବାର ଦିନ ରାୟଗଡା ସକ୍ଷମ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ, ସମାଜ ସେବୀ ଏବଂ ସାମ୍ବାଦିକ ମାନେ ଏକ ସ୍ମୃତି ସଭା ସହ ଏକ ଆଲୋଚନା ଚକ୍ରରେ ଏକତ୍ରିତ ହୋଇଥିଲେ । ତେବେ ଜିଲ୍ଲାର ବିକାଶରେ ନିଜକୁ ସାମିଲ୍ କରିବା ପାଇଁ ମୁଖ୍ୟ ବକ୍ତା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ତେବେ ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ଡକ୍ଟର ବାଦଲ କୁମାର ତା ମୁଖ୍ୟ ବକ୍ତା ଏବଂ ବିଦ୍ୟୁଲତା ହୁଇକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟା ଭୂଷଣ ପଣ୍ଡା ପରିଚାଳନା କରଥିଲେ ଏବଂ ଶ୍ୟାମ କୁମାର ଦାଶ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ । ଆଲୋଚନା ଚକ୍ରରେ ରାମଚନ୍ଦ୍ର ସାହୁ, ଯୋଗେଶ୍ୱର ଦାଶ, ଦୀପକ ତୃଷ୍ଟି, ଜୟଦେବ ସେଠ, ଗଣେଶ ସାହୁ, ଏମ ବିଦ୍ୟା ସାଗର, ବିଜୟ ଦାଶ, ପ୍ରମୋଦ କୁମାର ପଣ୍ଡାଡି ନାଗରାଜୁ, ଜି. ହରି କ୍ରିଷ୍ଣା, ଧର୍ମ ସିଙ୍ଗ ନାଗ ପ୍ରମୁଖ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ ।

ଏକ୍ସ କେଡ଼ର ଶିକ୍ଷକ ସଂଘର ଭବ୍ୟ ବିଦାୟ ସମ୍ବର୍ଦ୍ଧନା

ସିନାପାଲି, ୧୭/୦୮ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଏକ୍ସ କେଡ଼ର ଶିକ୍ଷକ ସଂଘ ତରଫରୁ ରବିବାର ଏକ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ସମାବେଶର ଆୟୋଜନ କରାଯାଇଥିଲା । ଏନେଇ ସ୍ଥାନୀୟ ପିଏମଶ୍ରୀ ହାଇସ୍କୁଲ ପରିସରରେ ସିଆରସିସି ତରୁଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବରେ ସିନାପାଲି ଗୋଷ୍ଠି ଶିକ୍ଷାଧିକାରୀ ଯତିଂନ୍ଦ୍ର କୁମାର ସେଠ, ବିଶିଷ୍ଟ ଅତିଥି ବୋଡ଼େନ ବ୍ଲକ ଶିକ୍ଷାଧିକାରୀ ରୁଦ୍ରେଶ୍ୱର ମେହେର ଓ ମୁଖ୍ୟବକ୍ତା ଭାବରେ ସାହିତ୍ୟିକ ବୈଷ୍ଣବ ମେହେର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏକ୍ସକେଡ଼ର ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ରାଜ୍ୟ ଉପସଭାପତି ସପ୍ତମ କିଶୋର ବେହେରା, ନୂଆପଡ଼ା ଜିଲ୍ଲା ଏକ୍ସକେଡ଼ର ସଂଘ ସଂପାଦକ ଭୋଜରାମ ଅହୀର, ବରିଷ୍ଠ ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ମେହେର, ଜିଲ୍ଲା ପ୍ରାଥମିକ ସିଟି ଶିକ୍ଷକ ସଂଘ ସଭାପତି ପଂଚାନନ ଖମାରୀ ଉପସ୍ଥିତ ଥିଲେ । ଏହି ସମାବେଶରେ ସଂଘର ଜିଲ୍ଲା ସଭାପତି ରହିଥିବା ବରିଷ୍ଠ ସଂଗଠକ ଅରୁଣ କୁମାର ଯୋଷୀଙ୍କ ସହ ଦୁର୍ଯ୍ୟୋଧନ ହରପାଲ ଓ ମନଧର ହଂସଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏ ଅବସରରେ ଶିକ୍ଷା ଜୀବିକା ପାଇଁ ନହୋଇ ଜୀବନ ପାଇଁ ହେବା ଆବଶ୍ୟକ ଯାହା ସମାଜକୁ ଶୃଙ୍ଖଳିତ ଓ ସଂସ୍କାରିତ କରିବାରେ ସହାୟକ ହେବ ବୋଲି ବକ୍ତାଗଣ ମତ ଦେଇଥିଲେ । ପ୍ରାରମ୍ଭରେ ଲୂଡେଶ୍ୱର ନାଏକ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ମହେଶ୍ୱର ମେହେର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଲୋକନାଥ ମେହେର ପରିଚାଳନା ଓ ଖଗେଶ୍ୱର ମେହେର, ହୀରାଲାଲ ସାହୁ, ବେଣୁଧର ନାଏକ ମାନପତ୍ର ପଠନ କରିଥିଲେ । କାର୍ଯ୍ୟକ୍ରମରେ ସିନାପାଲି ବ୍ଲକର ସମସ୍ତ ଏକ୍ସକେଡ଼ର ଶିକ୍ଷକଙ୍କ ସମେତ ନୂଆପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରୁ ଶିକ୍ଷକ ଯୋଗଦେଇଥିଲେ । ଶେଷରେ ଆଲୋକ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଶିବ ମାଝୀ, ଦଶରଥ ଦଣ୍ଡସେନା, କ୍ଷିତିଶ କାଣ୍ଡ, ସରୋଜ ପାଢ଼ୀ, ପରମାନନ୍ଦ ମାଝୀ, ଲାବଣ୍ୟ ବୈଠାରୁ, ଅର୍ଜୁନ ନାଏକ, ଆନନ୍ଦ ନାଏକ, ଶଶିମୁଖି ପ୍ରଧାନ, ନିଳେନ୍ଦ୍ରୀ ନିଆଲ, ସୁନିତା ମାଝୀ, ପୁଷ୍ପାଞ୍ଜଳି କାନ୍ଥି, ଗୀତିକା ଖମାରୀ, ସୁରଭି ପଣ୍ଡା, କ୍ଷିତିପତି ନାଗ, ଲକ୍ଷ୍ମଣ ହରିଜନ, ସନ୍ତୋଷ ସାହୁ, ପ୍ରସନ୍ନ ସାହୁ, ଟଙ୍କଧର ସା, ରୁଦ୍ରମାଧବ ଭୋଇ, ନୃସିଂହ ଜଟା ପ୍ରମୁଖ ସହଯୋଗ କରିଥିଲେ ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସଫା ହେଲା ରାସ୍ତାର ଡ୍ରେନ

ପାପଡ଼ାହାଣ୍ଡି, ୧୭/୦୮ (ଆ.ପ୍ର) : ପାପଡାହାଣ୍ଡି ବ୍ଲକ ସଦର ମହକୁମାଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସଫା ହେଲା ରାସ୍ତାର ପରିମଳ ଓ ଡ୍ରେନ । ନବରଙ୍ଗପୁର ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ କିଛିଦିନ ତଳେ ପାପଡାହାଣ୍ଡି ଗସ୍ତରେ ଆସିଥିଲେ । ରାସ୍ତା କଡ଼ର ପରିମଳ ଡ୍ରେନରେ ଆବର୍ଜନା ପରିପୂର୍ଣ୍ଣ ରହିଥିବା ନେଇ ବ୍ଲକ କାର୍ଯ୍ୟାଳୟ ଠାରେ ବିଗିଡ଼ିଥିଲେ । ଏହା ପରେ ବ୍ଲକ ପ୍ରଶାସନ ବିଡ଼ିଓ କପିଳଦେବ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା । ଗ୍ରାମର ସମସ୍ତ ଦୋକାନୀକୁ ସୂଚନା ଦିଆଗଲା । ଆସନ୍ତା ୧୩ ତାରିଖରେ ଗ୍ରାମ ସଫେଇ ଓ ଡ୍ରେନ ସଫେଇ ନେଇ ଏକ ବୈଠକ ପାଇ ପ୍ରସ୍ତୁତି ହୋଇଥିଲା । ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରାଙ୍କ ଅଧକ୍ଷତାରେ ବ୍ଲକ ସଭାଗୃହ ଠାରେ ଗତ ୧୩ ତାରିଖ ଏକ ବୈଠକ କରାଯାଇଥିଲା । ଗାଁ ରାସ୍ତା ପାର୍ଶ୍ୱ ଓ ରହିଥବା ଡ୍ରେନ ସଫା କରିବାକୁ ନିଷ୍ପତି କରାଯାଇଥିଲା । ବ୍ଲକ ଉପାଧକ୍ଷ, ବିଡ଼ିଓ, ତହସିଲଦାର ଓ ଜିପିଓ ଗ୍ରାମବାସୀ ମିଳିତ ଭାବେ ଗ୍ରାମରେ ସମସ୍ତ ଦୋକାନ ବଜାର ବୁଲି ସଚେତନ କରିଥିଲେ । ଏହା ପରେ ଉମରକୋଟ ରାସ୍ତାର ଡ୍ରେନ ସଫା କରାଯାଇଥିଲା । ଗାଁର ରାସ୍ତା କଡ଼ରେ ରହିଥିବା ସମସ୍ତ ଅଳିଆ ଆବର୍ଜନା ସଫା କରାଯାଇଥିଲା । ଅଳିଆ ଆବର୍ଜନା ଡ୍ରେନ ସଫା ହୋଇଥିବା ଯୋଗୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ଜଗତସିଂହପୁର, ୧୭/୦୮ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଧୀନତା ଦିବସ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳନ ହୋଇଯାଇଛି । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜାତୀୟ ପତାକା ଉତୋଳନ କରିଥିଲେ । କଂଗ୍ରେସ କର୍ମୀମାନେ ଜାତୀୟ ସଙ୍ଗୀତ 'ଜନ ଗଣ ମନ ଅଧିନାୟକ ଜୟ ହେ' ଗାନ କରିବା ସହ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିବା ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜବାହରଲାଲ ନେହେରୁ, ଲାଲ ବାହାଦୁର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଉତ୍କଳମଣି ଗୋପବନ୍ଧୁ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ସରଳା ଦେବୀ, ଭାଗିରଥି ମହାପାତ୍ର, ପ୍ରାଣକୃଷ୍ଣ ପଡିହାରୀ, ମାଳତୀ ଦେବୀ,ରମା ଦେବୀ, ଜାତୀୟ କବି ବୀରକିଶୋର ଦାସ, ଲୋକନାଥ ରାୟ, ବ୍ରହ୍ମାନନ୍ଦ ଚୌଧୁରୀ, ଗୌରାଙ୍ଗ ଚରଣ ଦାସ, ଶଶିଭୂଷଣ ଦାସ ଓ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ କୁମାର ସାମନ୍ତରାୟ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ପୂର୍ବତନ ପୌରାଧକ୍ଷ ବିପ୍ଲବ ଚୌଧୁରୀ, କଂଗ୍ରେସ ଦଳର କର୍ମକର୍ତ୍ତା ମାନସ କୁମାର ରଥ, ସତ୍ୟବ୍ରତ ଦାସ, ପ୍ରମୋଦ ସାହୁ, ବିଶ୍ୱଜିତ ପୋଥାଳ, ଆର୍ଶୀବାଦ ତ୍ରିପାଠୀ,ଡଃ ଜଗଦାନନ୍ଦ ବେହେରା, ଶରତ ଚନ୍ଦ୍ର ମଲ୍ଲିକ, ହିଫଜୁଲ୍ ରହେମାନ, ଇମତିୟାଜ ଅହମ୍ମଦ ଖାଁ, କୃଷ୍ଣଚନ୍ଦ୍ର ପ୍ରଧାନ, ତ୍ରିନାଥ ମହାନ୍ତି, ଉମେଶ ସ୍ୱାଇଁ, ନିରଞ୍ଜନ ପାଳ, ଅବନୀକାନ୍ତ ମହାରଣା, ଜୀବନ ଜେନା, ଦିଲ୍ଲିପ ମହାଳ, ବୃନ୍ଦାବନ ପ୍ରଧାନ, ବିଜୟ ପଲାଇରୀ, କୁନା ପ୍ରହାଣ, ଜ୍ଞାନ ରଞ୍ଜନ ତୃଷ୍ଟି, ଶୁଶାନ୍ତ କୁମାର ରାୟ, ବ୍ରହ୍ମାନନ୍ଦ ବିଶ୍ୱାଳ,ରମେଶ ବିଶ୍ୱାଳ, ଇଶ୍ୱର ସ୍ୱାଇଁ, ସରୋଜ ମହାପାତ୍ର, ସୁକାନ୍ତ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ

୧୦ ଟନ ବିସ୍ଫୋରଣ ସହ ୪ ଲକ୍ଷ ଟଙ୍କାସହ ୭୯ ମୋବାଇଲ ଜବତ, ୩ ଗିରଫ

ବାଲିଗୁଡ଼ା, ୧୭/୦୮ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ପୁଲିସକୁ ମିଳିଛି ବଡ ସଫଳତା । ଦୁଇ ବର୍ଷ ହେଲା ବେଆଇନ ଭାବେ ଚାଲିଥିଲା ବିସ୍ଫୋରଣ ସାମଗ୍ରୀ ଚାଲାଣ ଗାଡି କୁ ଧରି କରିଛି ବଡ ଖୁଲସା । ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦ ଓ ଥାନା ଅଧିକାରୀ ଆଶୁତୋଷ ଜେନା ସାମ୍ବାଦିକ ସମ୍ମିଳନୀ କରି ଘଟଣା ସମ୍ପର୍କ ରେ କହିଥିଲେ । ତୁମୁଡିବନ୍ଧ ପିଏସ୍ କେସ୍ ନଂ.୧୦୧ / ୧୬.୦୮.୨୦୨୫ ଧାରା ୩୩୧(୩)/୩୦୫(କ)/ ୨୮୮ ବିଏନ୍ଏସ୍ ଆର/ଡବ୍ଲୁ ଧାରା ୪/୫ ବିସ୍ଫୋରକ ପଦାର୍ଥ ଆଇନ ୧୯୦୮ ଆର/ଡବ୍ଲୁ ଧାରା ୯(ଖ) ବିସ୍ଫୋରକ ଆଇନ ୧୮୮୪ ରେ ମାମଲା ରୁଜୁ କରାଯାଇଛି । ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ତାଲିକ ଜିଲାଟିନ୍ ଷ୍ଟିକ୍-୬.୯ ଟନ୍ (ପ୍ରତ୍ୟେକ ପ୍ୟାକେଟ - ୨୫ କିଲୋଗ୍ରାମ ମୋଟ ୨୭୬ କିଲୋଗ୍ରାମ), ଆପେକ୍ସ ବୁଷ୍ଟର୍ ୨.୫ ଟନ୍ (ପ୍ରତ୍ୟେକ ପ୍ୟାକେଟ- ୨୫ କିଲୋଗ୍ରାମ ମୋଟ-୧୦୦ କିଲୋଗ୍ରାମ),ଡେଟୋନେଟର ୪୦୦୦ ପିଏସ,ଇଲେକ୍ଟ୍ରୋନିକ୍ ନିର୍ଣ୍ଣିକପତ୍ର-୪୩, କର୍ଡେକ୍ସ- ୩୮,ବ୍ୟାଟେରୀ-୦୨ ,ନଗଦ ୨,୮୦,୦୦୦/- ଟଙ୍କା, ଅନଲାଇନ୍ ପେମେଂଟ- ଟଙ୍କା ୧,୦୦,୦୦୦, ମୋବାଇଲ- ୯ । ଚାରି ଚକିଆ ଯାନ ୨ଠୁ ଜବତ ହୋଇଛି । ଆନ୍ଧ୍ରର କାକିନାଡାରୁ ଆସି ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅଧୀନ ଜଗନ୍ନାଥପୁର ଗ୍ରାମ ଶିବମନ୍ଦିର ନିକଟ ଏକ ଆଦର୍ଶ ଗାଈଗୁହାଳରେ ଗଚ୍ଛିତ ହୋଇ ସେଠାରୁ ଯାଉଥିଲା ରାଜ୍ୟ ବିଭିନ୍ନ ଜିଲ୍ଲାକୁ ହେଉଥିଲା ବେଆଇନ ଚାଲାଣ । ପୁଲିସ ଖବର ପାଇଁ ଅଗଷ୍ଟ ୧୫ ରାତି ରେ ଗାଡି ମଟର ଚେକିଙ୍ଗ ସମୟରେ OD02-CG-8487 ବିଶିଷ୍ଟ ଏକ ମ୍ୟାକ୍ସ ମହିନ୍ଦ୍ରା ପିକ୍-ଅପ୍ ଦ୍ରୁତ ଗତିରେ ଆସି ପଳାଇବାକୁ ଚେଷ୍ଟା କରିଥିଲା । ସେମାନେ ଉକ୍ତ ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲେ । ଯାଂଚ ସମୟରେ ୧୦୦ ବିସ୍ଫୋରକ କାର୍ଟୁନ ମିଳିଥିଲା, ପ୍ରତ୍ୟେକ କାର୍ଟୁନରେ ୯ କାର୍ଟୁନ ଥିଲା । ଉକ୍ତ ଗାଡ଼ିରେ ଲୋଡ୍ ହୋଇଥିବା ଛୋଟ ପ୍ୟାକେଟ ଆପେକ୍ସ-ବୁଷ୍ଟ ଏପି ବିସ୍ଫୋରକଗୁଡ଼ିକର ପରିମାଣ ଏହା ଲେଖାଯାଇଛି ଯେ ପ୍ରତ୍ୟେକ କାର୍ଟୁନର ନେଟ୍ ଓଜନ ୨୫ କିଲୋଗ୍ରାମ । ସେ ଡ୍ରାଇଭରଙ୍କୁ ୧୦୦ ଟି ଆପେକ୍ସ-ବୁଷ୍ଟ ଏପି ବିସ୍ଫୋରକ ପ୍ରାଇଭେଟ୍ ଲିମିଟେଡ୍ ପରିବହନ ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଖାଇବାକୁ କହିଥିଲେ କିନ୍ତୁ ସେ ବିସ୍ଫୋରକ ପଦାର୍ଥ ସମ୍ପର୍କରେ କୌଣସି କାଗଜପତ୍ର ଦେଖାଇ ପାରିଲେ ନାହିଁ । ପଚରାଯିବାରୁ ଡ୍ରାଇଭର ତାଙ୍କର ନାମ ଏବଂ ଠିକଣା ଆଲୋକ ଅ ଅଲବୁଟ କୁମାର ପାତ୍ର (୧୮) ବୋଲି ପ୍ରକାଶ କରିବା ସହ କହିଥିଲେ ଯେ ଆପେକ୍ସ-ବୁଷ୍ଟ ଏପି ବିସ୍ଫୋରକଗୁଡ଼ିକ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପୁର ପିଏସ୍-ଚାମାଖଣ୍ଡି ଗ୍ରାମରୁ ଲୋଡ୍ କରାଯାଇଥିଲା । ହେମନ୍ତ ସେଠି (୩୧) ପୁଅ ଲଟେ- କୋରା ସେଠି ଗ୍ରାମର ଆମ୍ବାପୁଆ, ଥାନା -ଗୋପାଳପୁର, ଜିଲ୍ଲା-ଗଞ୍ଜାମ ଏବଂ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଅଗ୍ନିମୁଖେ ଶକ୍ତିରଞ୍ଜନ ଦାସ (୫୦) ନାମକ ଜଣେ ବ୍ୟକ୍ତିଙ୍କ ଗୋଦାମରୁ ପରିବହନ କରାଯାଇଥିଲା । ଭବାନୀପାଟଣା, -ଟାଉନ୍, ଥାନା ଜିଲ୍ଲା-କଳାହାଣ୍ଡିର ଜଳେଶ୍ୱର ମନ୍ଦିର ପଡ଼ା ଗ୍ରାମର ସ୍ୱର୍ଗତ ଭାସ୍କର ଦାଶ । ଯେହେତୁ ଆପେକ୍ସ-ବୁଷ୍ଟ ଏପିରେ ଉଚ୍ଚ ବିସ୍ଫୋରକ ଥାଏ ଏବଂ ବିସ୍ଫୋରଣ ଏବଂ ମାନବ ଜୀବନ ପ୍ରତି ବିପଦର ସମସ୍ତ ସମ୍ଭାବନା ଥାଏ । ସେ ବିସ୍ଫୋରକ ପଦାର୍ଥ ସମ୍ପର୍କରେ କୌଣସି କାଗଜପତ୍ର ଉପସ୍ଥାପନ କରିପାରି ନ ଥିବାରୁ ସନ୍ଦେହ ବଢିଥିଲା ଏହା ପରେ ତଦାରଖ ଆରମ୍ଭ ହୋଇଥିଲା ।

ରାୟଗଡ଼ା ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳିତ

ରାୟଗଡ଼ା, ୧୭/୦୮ (ଆ.ପ୍ର) : ୭୯ ତମ ସ୍ୱାଧୀନତା ଦିବସ ରାୟଗଡ ଜିଲ୍ଲା ସଦର ମହକୁମାର ସ୍ଥାନୀୟ ଜିସିଡି ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡିଶା ସରକାର ଯୋଗଦାନ କରି ସକାଳ ଘ. ୯.୧୫ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ ଓ ଜିଲ୍ଲାବାସୀଙ୍କ ଉଦ୍ଦେଶରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଉଦବୋଧନ ଦେଇ କହିଥିଲେ ଯେ, ଯେଉଁ ମାଟିରୁ ଦିନେ ଶୁଭିଥିଲା ମୁକ୍ତିର ଦୁର୍ଯ୍ୟୋନାଦ, ସ୍ୱାଧୀନତାର ରଣଦୁନ୍ଦୁଭି ବଜାଇ ଜାତିପ୍ରେମ ବହ୍ନିକୁ ପ୍ରଜ୍ଜ୍ୱଳିତ କରିଥିଲେ ଯେଉଁ ମାଟିର ସନ୍ତାନ, ସେହି ରାୟଗଡ଼ ମାଟି ମା'କୁ ସର୍ବ ପ୍ରଥମେ ପ୍ରଣାମ କରିଥିଲେ । ମୁକ୍ତି ଯୋଦ୍ଧାର ସହୀଦ ବୀରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଦେଶର ସ୍ୱାଧୀନତା ଯେଉଁ ସଂଗ୍ରାମୀଙ୍କ ଆତ୍ମ ବଳିଦାନ ଦେଇ ସ୍ୱାଧୀନତାର ସୂର୍ଯ୍ୟୋଦୟ ହୋଇଥିଲା ଓ ଯେଉଁ ମାନଙ୍କ ପାଇଁ ଆଜି ଆମେ ନିଜ ନାଆର ନିଜେ ନାଉରି ସାଜିଛେ ସେହି ସଂଗ୍ରାମୀ ମାନଙ୍କୁ ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଦେଉଛି ବୋଲି କହିଥିଲେ । ଏଥି ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା ସୁଭଦ୍ରା ଯୋଜନାରେ ୧ କୋଟି ମହିଳା ଉପକୃତ ହୋଇଛନ୍ତି, ଲକ୍ଷପତି ଦିଦି ସୃଷ୍ଟି କରିବାରେ ଭାରତରେ ଆଗରେ ରହିଛି, ମୁଖ୍ୟମନ୍ତ୍ରୀ କନ୍ୟା ବିଭାହ ପାଇଁ ଗରିବ ଝିଅଙ୍କ ପାଇଁ ବ୍ୟବସ୍ଥା କରାଯାଇଛି, ମାଧସିଂ ହାତ ଖର୍ଚ୍ଚ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା ରେ ସର୍ବାଙ୍ଗୀନ ଉନ୍ନତି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି ଉଦ୍ୟୋଗ ଯୋଜନା, ସିଏମ କିସାନ, ସମୃଦ୍ଧ କୃଷକ ଯୋଜନାରେ ଲୋକଙ୍କୁ ସୁବିଧା ଦିଆଯାଉଥିବା କଥା ଓ ସରକାର କଥା ଦେଇ କଥା ରଖିଲେ କହିଥିଲେ । ସମାଜର ସବୁଠାରୁ ଅବହେଳିତ ଓ ଦୁର୍ବଳତମ ଲୋକଙ୍କ ନିକଟରେ ପହଂଚି ସେମାନଙ୍କ ଓଠରେ ହସ ଫୁଟାଇବା ଆରମ୍ଭ କରିଛି ଲୋକଙ୍କ ସରକାର ବୋଲି ମନ୍ତ୍ରୀ କହିଥିଲେ । ଯେପରି ଲୋକଙ୍କ ପାଖରେ ପହଁଚିବ ସେଥିନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପୋଲିସ ରିଜର୍ଭ ଇନସ୍ପେକ୍ଟର କବିବର ଦେଉରୀଙ୍କ ନେତୃତ୍ୱରେ ୩୬ ଦଳ ପ୍ୟାରେଡ ପରିବେଷଣ କରିଥିଲେ । ପ୍ୟାରେଡ ପ୍ରତିଯୋଗିତାରେ ବରିଷ୍ଠ ଏନ୍‌ସିସି ସିନିୟର ଡିଭିଜନ ମହିଳା ମହାବିଦ୍ୟାଳୟ, ରାୟଗଡ଼ା ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାୟଗଡ, ଜୁନିୟର ଏନ୍‌ସିସି ଏକଲବ୍ୟ ମୋଡେଲ ସ୍କୁଲ, ରାୟଗଡ଼ା, ଜୁନିୟର ଏନସିସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡ଼ା, ଗାଇଡ ଜୁନିୟର ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ, ରାୟଗଡ, ସ୍କାଉଟ ଜୁନିୟର ବାଳକ ଗୋପବନ୍ଧୁ ମୁନିସିପାଲଟି ଉଚ୍ଚ ବିଦ୍ୟାଳୟ, ରାୟଗଡ଼ା, ୟୁଥ ରେଡକ୍ରସ ସେଂଚୁରିୟାନ ପବ୍ଲିକ ସ୍କୁଲ, ରାୟଗଡ, ୟୁଥ ସିଭିଲିୟାନ, ସାକେର୍ଡ ହାର୍ଟ ସ୍କୁଲ, ରାୟଗଡ, ଜୁନିୟର ରେଡକ୍ରସ, ସରସ୍ୱତୀ ଶିଶୁ ମନ୍ଦିର, ରାୟଗଡ, ଜୁନିୟର ରେଡକ୍ରସ, ସାକର୍ଡ଼ ହାର୍ଟ ସ୍କୁଲ,ରାୟଗଡ, ସିଭିଲିୟାନ ବାଳିକା, ଦୀପ୍ତି କନଭେଂଟ ଉଚ୍ଚ ବିଦ୍ୟାଳୟ, ରାୟଗଡ, ସିଭିଲିୟାନ,ଏକଲବ୍ୟ ମୋଡେଲ ରେସିଡେସିୟାଲ, ସିରିଗୁଡା, ରାୟଗଡ଼ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ଲିଖନ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତାର ଛତିଶ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲେ । ଚଳିତ ବର୍ଷ ବାର୍ଷିକ ପରୀକ୍ଷାରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହାପରେ ସ୍ୱର୍ଗତ ତ୍ରିନାଥ ଦାଶ ଗ୍ରାମ- ସିଲିପୁଟ, ଥେରୁବାଲି ଭାରତୀୟ ସେନା ବାହିନିରେ ବିଚକ୍ଷଣ ସିଗନାଲ ମ୍ୟାନର ଦାୟିତ୍ୱ ବହନ କରି ମେନ ସଇନ-ଡେସପାଚ ଉପାଧିରେ ସମ୍ମାନିତ ହୋଇଥିଲେ ତାଙ୍କୁ ମୋରଣଂତର ଭାବରେ ତାଙ୍କ ସ୍ତ୍ରୀ ପ୍ରେମଲତା ଦାଶଙ୍କୁ ଏବଂ ରେଗେଡା ଗ୍ରାମ ପଂଚାୟତର, ଗୁଣୁପୁର ବ୍ଲକର ଜଗୁଲୁ ଶବର ବିହାର ରେଜିମେଂଟ ଦକ୍ଷ ସିପାହୀ ଭାବେ ଦାୟିତ୍ୱ ବହନ କରି ଶୌର ଚକ୍ରରେ ସମ୍ମାନିତ ହୋଇଥିବା ଶବରଙ୍କୁ ସମ୍ମାନୀତ କରାଯାଇଥିଲା । ଏହା ପରେ ମୁଖ୍ୟ ଅତିଥି ମଲ୍ଲିକ, ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଆରକ୍ଷୀ ଅଧୀକ୍ଷକ ଏସ୍ ସ୍ୱାତୀ କୁମାର,ଜିଲ୍ଲା ମୁଖ୍ୟ ଡାକ୍ତର ଖାନା, ଜିଲ୍ଲା କାରାଗାରରେ, ସେବା ସମାଜରେ, ରାୟଗଡ଼ ପୌରପରିଷଦ ପ୍ରଦଂତ ଫଳ ବଂଟନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ସ୍ୱଭାବ ଗୃହରେ ସୁଦର୍ଶନ ପାତ୍ରଙ୍କ, ସମାଜ ସେବୀ, ରାୟଗଡଙ୍କ ପ୍ରଦଂତ ଫଳ ବଂଟନ କରିଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଓ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶକ୍ତି ବୃଦ୍ଧାଶ୍ରମ, ଆର୍ନ୍ତଜାତୀୟ ମାନବ କର୍ମୀ ଅଧିକାରୀ, ଲିନା ସେନାପତିଙ୍କ ପ୍ରଦଂତ ଫଳ ବଂଟନ କରିଥିଲେ ମାତୃଶକ୍ତି ବୃଦ୍ଧାଶ୍ରମ,ରାୟଗଡରେ ଚନ୍ଦ୍ର କାନ୍ତ ମାଝୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ ଦ୍ୱାରା ଅନେତବାସୀ ମାନଙ୍କୁ ଫଳ ଓ ମିଷ୍ଟାନ ବଂଟନ କରିଥିଲେ । ପ୍ରାତଃ ଘ. ୫.୦୦ ଘଟିକା ସମୟରେ ରାୟଗଡ ସହରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପ୍ରଚାର କରାଯାଇଥିଲା । ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ ସହରରେ ଅବସ୍ଥାପିତ ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରୀ ମାନଙ୍କ ସମେତ ଜିଲ୍ଲା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥାର ବନ୍ଦବସ୍ତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଉପ-ନିର୍ଦ୍ଦେଶକ-ତଥା- ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଜିସିଡ଼ି ଉଚ୍ଚ ବିଦ୍ୟାଳୟ ଏନସିସି ଶିକ୍ଷକ ଅଶୋକ ଦାଶ, ମଂଚ ପରିଚାଳନା କରିଥିଲେ । ସନ୍ଧ୍ୟା ସମୟରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ଜିଲ୍ଲାସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ କର୍ମଚାରୀ କୁମୁଦିନୀ ମିଶାଲ, କ୍ଷିପ୍ର ଲେଖିକା, ବରିଷ୍ଠ ଶିକ୍ଷକ ନୀଳାଂଚଳ ମିଶ୍ର, ଡମ୍ବରୁଧର ପଣ୍ଡା, ଗ୍ରନ୍ଥାଗାରିକ, ସୁବାଷ କେରକେଟା ଗ୍ରନ୍ଥାଗାରିକ, ସମ୍ରାଟ ସାହୁ, ପ୍ରକ୍ଷେପକ, ରାଜେନ୍ଦ୍ର ଦୋରା,ଶିକ୍ଷିତ ଚପରାଶି, ରଞ୍ଜିତ ପିରିବାକା, ଚପରାଶି, ଗୁଡଲା ଚନ୍ଦ୍ରଶେଖର, ଚପରାଶି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ବିଭାଗୀୟ କର୍ମଚାରୀ ଶ୍ରୀମତୀ କୁମୁଦିନୀ ମିଶାଲ, କ୍ଷିପ୍ର ଲେଖିକା, ବରିଷ୍ଠ ଶିକ୍ଷକ ନୀଳାଂଚଳ ମିଶ୍ର, ଡମ୍ବରୁଧର ପଣ୍ଡା, ଗ୍ରନ୍ଥାଗାରିକ, ସୁବାଷ କେରକେଟା ଗ୍ରନ୍ଥାଗାରିକ, ସମ୍ରାଟ ସାହୁ, ପ୍ରକ୍ଷେପକ, ରାଜେନ୍ଦ୍ର ଦୋରା, ଶିକ୍ଷିତ ଚପରାଶି, ରଞ୍ଜିତ ପିରିବାକା, ଚପରାଶି, ଗୁଡଲା ଚନ୍ଦ୍ର ଶେଖର, ଚପରାଶି ପରିଚାଳନାରେ ସହଯୋଗ କରିଥିଲେ ।

ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ ପାଳିତ

ଭଦ୍ରକ, ୧୭/୦୮ (ଆ.ପ୍ର) : ଭଦ୍ରକର ଟାଉନ ହଲ ଠାରେ ଗତକାଲି ଶନିବାର ସନ୍ଧ୍ୟା ୬ଘଟିକାରେ ଜିଲ୍ଲା ଯୁବ ଯାଦବ ମହାସଭା ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଯୁବ ଯାଦବ ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉଦଘାଟକ ଓ ଭଦ୍ରକ ଜିଲ୍ଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଭୁ ଶ୍ରୀକୃଷ୍ଣ ଙ୍କର ଲୀଳା ଖେଳା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ, ଜଗା ଟାକର ସଂଘ ପୁରୀର ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଧାମନଗର ବ୍ଲକ ସଭାପତି ସୁବାସ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଯାଦବ ସଂଗଠନର ଇତିହାସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଯୁବ କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡା ଅତିଥି ପରିଚୟ ପ୍ରଦାନ ସହ ସଂଗଠନ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେହିପରି ପ୍ରଥମ ଅଧିବେଶନରେ ରାଜ୍ୟ ଉତ୍କଳ ଯାଦବ ସଭାର ମହିଳା ସମ୍ପାଦିକା ସଂଯୁକ୍ତା ଯାଦବଙ୍କ ସଂଯୋଜନାରେ ଶିକ୍ଷାବିତ ଡ଼. ରମାକାନ୍ତ ନାୟକ, ଅଧ୍ୟାପକ ଜୟନ୍ତ କୁମାର ପରିଡା, ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ବାରିକ, ଶିକ୍ଷକ ଅଶୋକ ଖିଲାର, ରୋ ପବିତ୍ର ମୋହନ ଖିଲାର, ବ୍ଲକ ସଭାପତି ହରିଶ୍ଚନ୍ଦ୍ର ବାରିକ, ପଦ୍ମନାଭ ଦାସ, ମାଧବ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ ଉପସଭାପତି ସଂଜୀବ ନାୟକ, ନିରୁ ବାରିକ, ସାଧୁ ଚରଣ ବାରିକ, ପ୍ରଶାନ୍ତ ବେହେରା, ଜଗନ୍ନାଥ ବେହେରା, ସତ୍ୟବ୍ରତ ଦାସ, ମନୋରଞ୍ଜନ ବାରିକ, ମନୋଜ ବାରିକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ ବାସୁଦେବପୁରରୁ ଆସିଥିବା ଲଉଡ଼ି ଖେଳ, ଚୁନିବା ଉତ୍କଳ ଗ୍ରୁପ ପକ୍ଷରୁ ନାଟକ 'କଂସ ବଧ' ଓ ଜିଲ୍ଲାର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମସ୍ତ ବ୍ଲକ ଯାଦବ ସଭାପତି, ଯାଦବ ମୁରବି ନୃସିଂହ ଚରଣ ଖିଲାର, ଦିବାକର ବାରିକ,ଖବରଦାତା ପ୍ରତାପ ଚନ୍ଦ୍ର ବେହେରା, ଓୟୁଜେ ଜିଲ୍ଲା ସଭାପତି ପ୍ରିୟଦର୍ଶନ ବୋଇତି, ଜଗା ଟାକର ସଂଘ, ପୁରୀ, ପ୍ରାଣୀ ଚିକିତ୍ସକ ନିରାକାର ଜେନା, ସ୍ୱାସ୍ଥ୍ୟ ସେବିକା ନିରୁପମା ଦାଶ, ଶିକ୍ଷୟତ୍ରୀ ଗାୟତ୍ରୀ ସେଠି, ନୃତ୍ୟ ନିର୍ଦ୍ଦେଶକା ଜାଗୃତି ଦାସ ମଲ୍ଲିକ, ମହିଳା ସଂଗଠନର ଅଞ୍ଜନା ମିଶ୍ର, ମନୋରମା ରାୟ, ଦମୟନ୍ତୀ ରାଉତ, ଶଶିକଳା ମିଶ୍ର, ଗଜାନନ ପୂଜା କମିଟି, ରାଜ୍ୟ ମହିଳା ଯାଦବ ସଂଘର ସମ୍ପାଦିକା ସଂଯୁକ୍ତା ଯାଦବ, ଜିଲ୍ଲା ନେତ୍ରୀ ଶାନ୍ତିଲତା ବାରିକଙ୍କ ସମେତ ସମସ୍ତ ନୃତ୍ୟ ନିର୍ଦ୍ଦେଶକା ରିଚିସ୍ମିତା ମହାନ୍ତି, ଶ୍ୱେତପଦ୍ମା ଦାସ ବେହେରା, ପୁଷ୍ପମିତ୍ରା ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି ମିଶନ ଶକ୍ତି ଗୃହ

ଖଣ୍ଡପଡ଼ା, ୧୭/୦୮ (ଆ.ପ୍ର) : ଖଣ୍ଡପଡ଼ା ସହରର ୫ ନଂ ୱାର୍ଡ ଅଧିନ ନୀଳାଂଚଳ ସାହିରେ ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା । ଆଜକୁ ବର୍ଷକ ତଳେ ନିର୍ମାଣ ହୋଇଥିବା ଏହି ଗୃହଟି ଆଜିସୁଦ୍ଧା କାର୍ଯ୍ୟକ୍ଷମ ନହୋଇ ଏବେ ତାଲା ଝୁଲୁଥିବା ବେଳେ ଗୃହର ସମ୍ମୁଖ ଭାଗ ସମେତ ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭରି ହୋଇ ରହିଥିବା ନଜରକୁ ଆସୁଛି । ଫଳରେ ମିଶନ ଶକ୍ତି ଗୃହଟି ବିଷଧର ସରୀସୃପଙ୍କ ନିରାପଦ ଆଶ୍ରୟସ୍ଥଳୀ ପାଲଟିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ମିଶନ ଶକ୍ତି ଗୃହଟି ନିର୍ମାଣ କରାଯାଇଥିଲା ତାହା କାର୍ଯ୍ୟରେ ନ ଲାଗିବାରୁ ସ୍ଥାନୀୟ ୱାର୍ଡର ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାର ମହତ ଲକ୍ଷ୍ୟ ନେଇ ମିଶନ ଶକ୍ତି ଜରିଆରେ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଥିଲେ ହେଁ ବାସ୍ତବରେ ତୃଣମୂଳସ୍ତରରେ ଯୋଜନା ଗୁଡିକର ସଫଳ ରୂପାୟନ ହୋଇ ପାରୁନଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ମିଶନ ଶକ୍ତି ଗୃହ ପ୍ରତି ଏନଏସି ଅଧକ୍ଷ୍ୟ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ୱାର୍ଡବାସୀ ଦାବି କରିଛନ୍ତି ।

ବାହାରିନରେ ପ୍ରବାସୀ ଓଡ଼ିଆ ପାଳିଲେ ପବିତ୍ର ଜନ୍ମାଷ୍ଟମୀ

ଜଗତସିଂହପୁର, ୧୭/୦୮ (ଆ.ପ୍ର) : ପବିତ୍ର ଜନ୍ମାଷ୍ଟମୀ ଅବସରରେ ବାହାରିନରେ କାନୁ ଗାର୍ଡେନ୍ ରେ ଅବସ୍ଥିତ ଶ୍ରୀ ଶ୍ରୀ ରାଧା ଗୋପାଳକୃଷ୍ଣ ଇସ୍କନ ମନ୍ଦିର ପରିସରରେ ପ୍ରଭୁ ଶ୍ରୀ କୃଷ୍ଣଙ୍କ ଜନ୍ମ ଉତ୍ସବ ଧୁମଧାମରେ ପାଳନ କରାଯାଇଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମତିଥି ଅବସରରେ ମନ୍ଦିର ପରିସରରେ ଶହ ଶହ ଶ୍ରଦ୍ଧାଳୁ ଆସି ଧୂପ ଦୀପ ପ୍ରଜ୍ୱଳନ କରିବା ସହିତ ଶୁଭ ମନାସିଥିଲେ । ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସହିତ ବାଳଗୋପାଳଙ୍କ ମୂର୍ତ୍ତି ରେ ବିଭିନ୍ନ ପ୍ରକାର ଫଳ, ମୁଢ଼, ମହୁ, କ୍ଷୀର ଓ ଲହୁଣୀ ପ୍ରଦାନ କରାଯାଇ ପୂଜା ପାଠ ହୋଇଥିଲା । ଏହି ଅବସର ରେ ଓଡ଼ିଆ ସମାଜର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା । ଘଂଟଘଂଟା, ଶଙ୍ଖ ଧ୍ୱନୀରେ ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠିଥିଲା । ମଧ୍ୟରାତ୍ରରେ ନୀତି ସବୁ ସମ୍ପନ ହୋଇଥିଲା । ରୀତିନୀତି ଅନୁସାରେ ପୂଜାଅର୍ଚ୍ଚନା କରାଯିବା ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦୁର୍ଲଭ ବେଶ ଦର୍ଶନ କରିଥିଲେ । ପରେ ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ । ସର୍ବଶେଷରେ ବାହାରିନ ଓଡିଆ ସମାଜର ବରିଷ୍ଠ ସଦସ୍ୟ ବିଷ୍ଣୁ ପ୍ରସାଦ ମହାନ୍ତି ଏବଂ ଶ୍ରୀ ଶ୍ରୀ ରାଧା ଗୋପାଳକୃଷ୍ଣ ମନ୍ଦିରର ସଭାପତି ପ୍ରଶାନ୍ତ ମହାନ୍ତି ବାହାରିନରେ ପବିତ୍ର ଜନ୍ମାଷ୍ଟମୀ ପୂଜା ପାଳନ କରିବା ପ୍ରଭୁ ଶ୍ରୀ କୃଷ୍ଣଙ୍କର ଲୀଳା ଓ କରୁଣା ବୋଲି କହିଥିଲେ । ଶେଷରେ ବାହାରିନ ଓଡ଼ିଆ ସମାଜର ବରିଷ୍ଠ ସଦସ୍ୟ କିଶୋର ଦାସ ସମସ୍ତ ଭକ୍ତ ମାନଙ୍କୁ ଧନ୍ୟବାଦ୍ ଜଣାଇବା ସହ ଭକ୍ତ ମାନଙ୍କ ଗହଣରେ ପବିତ୍ର ଜନ୍ମାଷ୍ଟମୀ ବିଷୟରେ ଆଲୋଚନା କରିଥିଲେ । ଦିନେଶ ମହାନ୍ତି ବିଦେଶରେ ପବିତ୍ର ଜନ୍ମାଷ୍ଟମୀ ପାଳନ କରିବା ପ୍ରତେକ ପ୍ରବାସୀ ଓଡ଼ିଆଙ୍କ ପାଇଁ ସୌଭାଗ୍ୟ ଓ ଗର୍ବର ବିଷୟ ବୋଲି କହିଥିଲେ । ଏଠାରେ ସବୁ ଓଡ଼ିଆଙ୍କ ଘରେ ଘରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଥିଲା । ଶତାଧିକ ଅଣଓଡିଆ ମଧ୍ୟ ଜନ୍ମାଷ୍ଟମୀ ପାଳନ କରି ନିଜକୁ ସୌଭାଗ୍ୟ ମନେ କରିଥିଲେ ।

ମେଗା ପାନୀୟ ଜଳ ପାଇପ ଲାଇନ କାର୍ଯ୍ୟ ଯୋଗୁଁ ରାସ୍ତା ନଷ୍ଟ, ପୂର୍ତ୍ତବିଭାଗ ଦୃଷ୍ଟି ଦେଉ



ଖଣ୍ଡପଡ଼ା, ୧୭/୦୮ (ଆ.ପ୍ର) : ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦିର୍ଘ ୪ ବର୍ଷ ପରେ ବି ମେଗା ପାନୀୟଜଳ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉକ୍ତ ମେଗା ପାନୀୟଜଳ ପ୍ରକଳ୍ପ ପକ୍ଷରୁ ମୁଖ୍ୟ ରାସ୍ତା ପାର୍ଶ୍ୱ ତଳେ ପାଇପ ଲାଇନ ବିଛାଇବା କାର୍ଯ୍ୟ ଚାଲୁ ରହିଛି । ଖଣ୍ଡପଡ଼ାରୁ ନୟାଗଡକୁ ସଂଯୋଗ କରୁଥିବା ରାସ୍ତାର ଗୋଟିଏ ପାର୍ଶ୍ୱକୁ ଜେସିବି ମେସିନ ଯୋଗେ ଖୋଳତାଡ କରି ମାଟି ତଳେ କାଷ୍ଟ ଆଇରନ ପାଇପ ପକାଯାଇଛି । ମାଟି ତଳେ ପାଇପ ପୋତା ଯିବା ପରେ ଉକ୍ତ ସ୍ଥାନରେ ଠିକ୍ ରୂପେ ବାଲି ଫିଲିଂ କରାନଯାଇ ରାସ୍ତା ପାର୍ଶ୍ୱ ସିମେଂଟ କଂକ୍ରିଟକରଣ କରାଯାଇଥିବାରୁ ଭାରି ଯାନବାହାନ ଚଳାଚଳ ବେଳେ ରାସ୍ତା ପାର୍ଶ୍ୱ ଦବିଯାଇ ଏବେ ବିପଦଶଙ୍କୁଳ ହୋଇ ପଡିଛି । ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ପାର୍ଶ୍ୱରେ ପାଣି ଜମି ରହୁଥିବା ନଜରକୁ ଆସୁଛି । ଗତବର୍ଷ ଖଣ୍ଡପଡ଼ା ସହରର ତ୍ରିନାଥ ଛକ ଠାରୁ ନୟାଗଡ ସହରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଲକ୍ଷାଧିକ ଟଙ୍କା ବ୍ୟୟରେ ଶେଷ ହୋଇଥିଲା । ଏବେ କିନ୍ତୁ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଯୋଗୁଁ ରାସ୍ତା ନଷ୍ଟ ହେବାସହ ରାସ୍ତା ପାର୍ଶ୍ୱରେ ପାଣି ଜମି ରହୁଛି । ଏଥିପ୍ରତି ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ନୟାଗଡ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି ।

ସ୍ୱାଧୀନତା ଦିବସ ଅବସରରେ ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସାଇଶ୍ରୀକୁ ଉତ୍କଳ ଗୌରବ ସମ୍ମାନ

ଛତିଆ, ୧୭/୦୮ (ଆ.ପ୍ର) : ସାମାଜିକ ସଙ୍ଗଠନ ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ତରଫରୁ ୭୯ତମ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଇଥା ପଂଚାୟତର ଗୌଡ଼ପାଟଣା ଗାଁର ଶିକ୍ଷକ ଦୀପ୍ତି ରଞ୍ଜନ ରାଉତଙ୍କ ସହଯୋଗରେ ଷଷ୍ଠରୁ ଦଶମ ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ନିଆରା ପ୍ରୟାସ କରାଯାଇଥିଲା । ପିଲାମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ, ଭଜନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ସଙ୍ଗୀତରେ ୧୧ଜଣ ଓ ଚିତ୍ରାଙ୍କନରେ ୧୪ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ୨୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୬ଜଣ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣ ପତ୍ର ଏବଂ ଉପହାର ପ୍ରଦାନ କରା ଯାଇଥିଲା । ଅନ୍ୟ ୧୯ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଛୋଟ ଛୋଟ ପିଲାଙ୍କ ମନରେ ଖୁସି ବାଂଟିବା ସହିତ ବିଭିନ୍ନ କ୍ଷେତ୍ରରେ ଉତ୍ସାହିତ କରିବା ପାଇଁ ସମ୍ଭବ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଏଭଳି ପ୍ରୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୃତ୍ୟ ଗୁରୁ ମହେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶିକ୍ଷକ ଦୀପ୍ତି ରଞ୍ଜନ ରାଉତ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ଏପରି କାର୍ଯ୍ୟକୁ ପ୍ରଶଂସା କରି ଧନ୍ୟବାଦ ଜଣାଇଥିଲେ ।

ଗୀତାଜ୍ଞାନ ଦର୍ଶନ ପରିଷଦ ବାସୁଦେବପୁର ଭଦ୍ରକ ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ବ୍ୟାସପୀଠ ସମ୍ମାନ ୨୦୨୫

ବାସୁଦେବ ପୁର, ୧୭/୦୮ (ଆ.ପ୍ର) : ଗୀତାଜ୍ଞାନ ଦର୍ଶନ ପରିଷଦ ବାସୁଦେବପୁର ଭଦ୍ରକ ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ବ୍ୟାସପୀଠ ସମ୍ମାନ ୨୦୨୫ ରେ ସମ୍ମାନିତ କରାଯାଇଛି, ରାଜ୍ୟ ସ୍ତରୀୟସମ୍ମାନିତ କାର୍ଯକ୍ରମ ଅଭିରାମ ପରମହଂସଙ୍କ ଆଶ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି ୧୭.୮.୨୦୨୫ ରିଖ ରବିବାର ଦିନ ଅମୃତ ଦର୍ଶନ ନିଖିଳ ପ୍ରବକ୍ତା ପରିଷଦ ତରଫରୁ ସମ୍ପାଦିକା ସରସ୍ୱତୀ ବାରିକ୍ ବାସୁଦେବପୁର, ଉପସଭାପତି ପଣ୍ଡିତ ପ୍ରଫୁଲ୍ଲ ଆଚାର୍ଯ୍ୟ ଯାଜପୁର, ସଂଯୋଜିକା ମଂଜୁଲତା ଭଦ୍ରକ, କର୍ମକର୍ତ୍ତା ବିରେନ କୁମାର ବିଶ୍ୱାଳ ଉପସ୍ଥିତ ରହି ଉଚ୍ଚ ଶିକ୍ଷାମନ୍ତ୍ରୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିଲେ । ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଓ ସଂପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ଗୀତା ଜ୍ଞାନ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ । ଏହିପରି ସମାଜରେ ଭଲ କାମ କରି ସୁସ୍ଥ ସମାଜ ଗଠନ ଦିଗରେ ପବିତ୍ର ଶ୍ରୀମଦ ଭାଗବତ ବାଣୀ ଆରାଧୀ ମଂଚ ତଥା ବିଭିନ୍ନ ସ୍ଥାନରେ ପ୍ରଚାର କରୁ ଥିବାରୁ ଆଜି ସମ୍ମାନିତ କରାଯାଇଥିଲା, ଏହା କାର୍ଯ୍ୟକୁ ବୁଦ୍ଧି ଜିବି ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

ସେଇଥୁ ଆରମ୍ଭ
SEITHO ARAMBHA
ସୋମବାର, ୧୮ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା -୭

ମା'ଭଗବତୀଙ୍କ ପୀଠରେ ଜନ୍ମାଷ୍ଟମୀ ମହୋତ୍ସବ ଅନୁଷ୍ଠିତ

ଚିଲିକା/ ବାଣପୁର, ୧୭/୦୮ (ଆ.ପ୍ର) : ଓଡିଶାର ପ୍ରଖ୍ୟାତ ଶକ୍ତିପୀଠ ଖୋର୍ଦ୍ଧା ଜିଲ୍ଲା ବାଣ ପୁରର ମା' ଭଗବତୀ ମନ୍ଦିରରେ ଜନ୍ମାଷ୍ଟମୀର ମଧ୍ୟ ରାତ୍ରରେ ରୋହିଣୀ ନକ୍ଷତ୍ର ବୃଷରାଶି ସଂଯୋଗରେ ଯୋଗମାୟା ଅମ୍ବିକା ଭଗବତୀଙ୍କ ଧରାବତରଣ ପୂଜା ଉତ୍ସବ ସହିତ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱରଙ୍କ ପୀଠରେ ଭଗବାନ ଶ୍ରୀକୃଷ୍ଣ ଗୋପାଳଙ୍କ ଜନ୍ମୋତ୍ସବ ଏକ ସମୟରେ ନିଆରା ଢଙ୍ଗରେ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତର ଦଶମ ସ୍କନ୍ଧର ଦ୍ବିତୀୟ ଅଧ୍ୟାୟରେ ରଚିତ ସ୍ୱୟଂ ଭଗବାନ ନାରାୟଣଙ୍କ ଅନୁରୋଧକ୍ରମେ ଦେବୀ ଦୁର୍ଗେ ଦୁରାଚାରୀ କଂସାସୁରର ନିଧନରେ ସହଯୋଗ କରିବା ପାଇଁ ମର୍ତ୍ତ୍ୟଭୁବନର ଗୋପନଗରୀର ନନ୍ଦରାଜାଙ୍କ ଘରେ ମାତା ଯଶୋଦାଙ୍କ ଗର୍ଭ ମଣ୍ଡନ କରିଥିଲେ । ଏଣେ ଭଗବାନ ନାରାୟଣ ମଥୁରାନଗରୀର ସେହି କଂସାସୁର ବନ୍ଦୀଶାଳାରେ ଥିବା ମାତା ଦେବକୀଙ୍କ ଗର୍ଭ ମଣ୍ଡନ କରି ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିମଧ୍ୟରାତ୍ରରେ ରୋହିଣୀ ବୃଷ ନକ୍ଷତ୍ରରାଶିର ସଂଯୋଗ ଅମୃତବେଳାରେ ଉଭୟେ ଭଗବାନ ଶ୍ରୀକୃଷ୍ଣ ଓ ଜଗତମାତା ଦେବୀ ଯୋଗମାୟା ଭାବରେ ଧରାବତରଣ କରିଥିବାର ଏବଂ ବିଜୁଳି କନ୍ୟା ଭାବରେ କଂସର ମୃତ୍ୟୁସଂପର୍କରେ ଭବିଷ୍ୟବାଣୀ କରିଥିବା କଥାପୁରାଣରେ ବର୍ଣ୍ଣିତ ହୋଇଛି । ଏଣୁ ମାତା ଅମ୍ବିକା ଭଗବତୀଙ୍କ ଆବିର୍ଭାବ ଦିବସ ଭାବରେ ଜନ୍ମାଷ୍ଟମୀ ଦିନ କେବଳ ବାଣପୁରର ଏହି ଶକ୍ତିପୀଠରେ ମାତାଙ୍କ ଜନ୍ମୋତ୍ସବ ମହା ଆଡ଼ମ୍ବରରେ ପାଳନ କରାଯାଉଥିବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି । ପ୍ରଚଳିତ ପରମ୍ପରା ଅନୁସାରେ ଦିନର ସମସ୍ତ ନୀତିକାନ୍ତି ଶେଷ ପରେ ମଧ୍ୟରାତ୍ର ପୂର୍ବରୁ ମା'ଙ୍କୁ ମହାସ୍ନାନକରାଯାଇ ବେଶ ପରେ ଘଂଟା ଘଂଟକାହାଳି ବାଜି ଜନ୍ମ ବିଧି ପାଳନକରାଯାଇଥିଲା । ପୂଜାରୀ ସାଆନ୍ତ ମା'ଙ୍କ ନିକଟରେ ଖଇ, ନଡ଼ିଆ କୋରା,. ରାଶିକୋରା, ଫଳ ମୂଳ ଇତ୍ୟାଦି ସମର୍ପଣ କରାଇ ଜନ୍ମ ଆଳତୀ ବନ୍ଦାଇଥିଲେ । ପରେ ଶଙ୍ଖୁଡ଼ି ପଣା କାନ୍ତି ଧୂପ ହୋଇ ରାତ୍ରପହୁଡ ହୋଇଥିଲା । ସେହି ସମୟରେ ଦକ୍ଷେଶ୍ୱର ମନ୍ଦିରଠାରେ ପ୍ରଭୁ ଗୁହୁଣ୍ଡିଗୋପାଳଙ୍କର ଜନ୍ମ ବିଧି ନିଆରା ଢଙ୍ଗରେ ପାଳିତ ହୋଇଥିଲା । ପରମ୍ପରାକ୍ରମେମନ୍ଦିର ପଲେଇ ସେବକ ସଂଧାରେ ଗୋଟିଏ ଆଟିକା ଦେହରେ ଅଙ୍ଗାର ଚଷ୍ଣ୍ଣ ଓ ପାଳ କୁଟାରେ ତିଆରି ଅଟା ସହିତ ନାହି କଟାପାଇଁ ଶିମପତ୍ର ଯୋଗାଇ ଦେଇଥାନ୍ତି । ପୂଜକ ସାଆନ୍ତ ମନ୍ଦିରରୁ ଶ୍ରୀ ଗୋପାଳଙ୍କୁ ନାହିଁକ ଟା ମଣ୍ଡପରେ ବିଜେ କରାଇବା ପରେ ଜନ୍ମ ବିଧି ମୁତାବକ ନିକଟରେ ବାମିରଜଳ ଯମୁନାର ଜଳସ୍ୱରୂପ ସିଂଚନ (ସ୍ନାନ) କରାଇ ଅଁଗାର ନିଆଁରେ ସେକିବା ପରେ ବେଶ କରାଇ ଆସନରେ ବସାଇବା ପରେ ଘଂଟା ଘଂଟକାହାଳୀ ବାଜି ଖଇ,ନଡ଼ିଆକୋରା, ରାଶି କୋରା ଇତ୍ୟାଦିଧୂପ କରି ଜନ୍ମ ଆଳତିବନ୍ଦାନ୍ତି । ପରେ ରାତ୍ର ଧୂପବଡ଼ି ପହୁଡ଼ କରାଯିବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି । ଚଳିତ ବର୍ଷ ରାତ୍ର ୧୧ଟ ୫୦ ମିନିଟରେ ଅଷ୍ଟମୀ ତିଥି ଲାଗୁଥିବାରୁ ମନ୍ଦିରମାନଙ୍କରେ ଜନ୍ମ ବିଧି ଓ ଅନ୍ୟାନ୍ୟ ନୀତିକାନ୍ତି ରାତ୍ର ୧ ଘଟିକାଯାଏ ଚାଲିଥିବାରୁ ଜନ୍ମାଷ୍ଟମୀ ବ୍ରତଧାରୀମାନେ ସେ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀ ଗୁହୁଣ୍ଡି ଗୋପାଳ ଏବଂ ମା ଭଗବତୀଙ୍କ ଦର୍ଶନ ନିମନ୍ତେ ମନ୍ଦିରମାନଙ୍କରେ ଭିଡ଼ ଜମାଇଥିବାର ଦେଖିବାକୁ ମିଳିଥିଲା ।

ପ୍ରାଦେଶିକ ସଂପାଦକ ଓ ପ୍ରଧାନାଚାର୍ଯ୍ୟ କର୍ମଶାଳା

ଧର୍ମଗଡ଼, ୧୭/୦୮ (ଆ.ପ୍ର) : ଓଡିଶା ରାଜଧାନୀ ଭୁବନେଶ୍ୱରର ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ମହାସଚିବ ଡଃ କରୁଣାକର ପ୍ରଧାନଙ୍କ ନେତୃତ୍ୱରେ ସଂସ୍ଥାନ ଦ୍ୱାରା ସହ ବନ୍ଧିତ ୧୨୦୦ରୁ ଊର୍ଦ୍ଧ୍ୱ ଶିଶୁମନ୍ଦିର ସଂପାଦକ ଓ ପ୍ରଧାନାଚାର୍ଯ୍ୟ ମାନଙ୍କୁ ନେଇ ଏକ ସମ୍ମିଳନୀ କଳିଙ୍ଗ ବୌଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଅତିଥିଭାବେ ବରିଷ୍ଠ ଶିକ୍ଷାବିତ ଡଃ ଦେବିନ୍ଦ୍ର ମହାପାତ୍ର, ଅମରେନ୍ଦ୍ର ସିଂ, ସଂସ୍ଥାନ ସଭାପତି ଡଃ ପ୍ରସନ୍ନ ମହାପାତ୍ର, ସଂଯୋଜକ ଗୌରାଙ୍ଗ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ଓଡ଼ିଶାର କଳା, ସଂସ୍କୃତି ଆଧାରିତ ଶିକ୍ଷା ଓ ଆଦର୍ଶ ଛାତ୍ର ଗଢିତୋଳିବା ସହ ବିଦ୍ୟାଳୟ ଗୁଡିକ ଆର୍ଥିକ, ଶୈକ୍ଷିକ, କ୍ଷେତ୍ରରେ କିପରି ସୁଚାରୁରୂପେ ପରିଚାଳିତ ହେବ ସେ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଦକ୍ଷିଣ ପଶ୍ଚିମ କ୍ଷେତ୍ର ସଂଯୋଜକ ସନତ କୁମାର ଯୋଶୀ ମଂଚ ପରିଚାଳନା କରିଥିବା ବେଳେ ସଂସ୍ଥାନ ପରିଚାଳିକା ଆଲୋକପ୍ରଭା ମହାନ୍ତି, ପ୍ରାନ୍ତ ନିରୀକ୍ଷକ କୁରୁକ୍ଷେତ୍ର ଧଙ୍ଗଡାମାଝୀ, ସାଗରିକା ଦେବରୀ, ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡିରୁ ସୁଧୀର ଗୋପାଳ, ହୃଷିକେଶ ସାହୁ, ସଞ୍ଜୟ ପଟେଲ, ଧନଞ୍ଜୟ ଦାସ, କପୁରଚନ ରାଉତ, ଚନ୍ଦ୍ର ମଣ୍ଡା, ବ୍ରଜବନ୍ଧୁ ନାଏକ ପ୍ରମୁଖ ଯୋଗଦାନ କରିଥିଲେ ।

ଚିଲିକା ଅଂଚଳରେ ମହାଆଡମ୍ବରରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ

ଚିଲିକା /ବାଣପୁର, ୧୭/୦୮ (ଆ.ପ୍ର) : ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ବା ଜନ୍ମାଷ୍ଟମୀ ରୂପେ ପାଳନ କରାଯାଏ । ହିନ୍ଦୁମାନଙ୍କର ଏହା ଏକ ମୁଖ୍ୟ ପର୍ବ । ବେଦବାଣୀ ଓ ଜ୍ୟୋତିଷ ଗଣନାନୁସାରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ଭାଗରେ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ଲୀଳା ଅବଧୀ ଥିଲା ୧୨୫ ବର୍ଷ ୭ ମାସ । ଯେଉଁ ଦିନ କୃଷ୍ଣଙ୍କର ପରଲୋକ ହେଲା ସେଦିନଠାରୁ କଳି ଯୁଗ ଆରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ପାଇକକୁଣ୍ଡହିଂ ଗ୍ରାମର ଶ୍ରୀ ଶ୍ରୀ ରାଧାମୋହନ ଦେବଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଗ୍ରାମବାସୀଙ୍କ ପକ୍ଷରୁ ବହୁ ଆଡ଼ମ୍ବରରେ ପାଳନ କରାଯାଇଅଛି । ସେହିପରି ଆମ୍ବପଡ଼ା, ପ୍ରଣଦେଇପୁର, ନୂଆଗଡ, ଛତ୍ରଗଡ଼, ଏକଡ଼ାଳିଆ ଆଦି ଚିଲିକା ଓ ବାଣପୁର ଅଂଚଳରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ଅଠରବାଟିଆ ପଂଚାୟତ ଚନ୍ଦ୍ରଶପୁଟ ଗ୍ରାମରେ ବଡ଼ ଧୁମଧାମରେ ପାଳିତ ହୋଇଛି ଜନ୍ମାଷ୍ଟମୀ ଉତ୍ସବ, ଏଠାରେ ଥିବା ବାଳମୁକୁନ୍ଦ ଦେବଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ ଓ ପୁରୀ ଜିଲ୍ଲାର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ଆସିଥାନ୍ତି । ନିଜ ନଜର ମାନସିକ ଧାରୀମାନେ, ଶ୍ରଦ୍ଧାଳୁ ମାନଙ୍କ ମନସ୍କାମନା ପୂରଣ ମଧ୍ୟ ହେଉଥାଏ ବୋଲି ଅଂଚଳବାସି ଯାହା କୁହନ୍ତି । ଏତତ ସହିତ ଚନ୍ଦ୍ରଶପୁଟ ଗ୍ରାମର ସମୂହ ସହଯୋଗରେ କୃଷ୍ଣଲୀଳା ଖେଳା ହେବା ସହିତ ନନ୍ଦ ଉତ୍ସବ ମଧ୍ୟ ପାଳନ କରିଥାନ୍ତି ଦୁଇଦିନ ଧରି । ଉକ୍ତ ଉତ୍ସବ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଉତ୍ସବ ପାଳିତ ହୋଇଥିବା ଜଣାଯାଏ । ବର୍ତ୍ତମାନ ଏହି ଉତ୍ସବକୁ ସଭାପତି ଗୋବିନ୍ଦ ଜାଲି, ଉପ ସଭାପତି ଗୋଲଖ ବେହେରା, କ୍ୟାସିଆର ରଙ୍କନାଥ ଜାଲି,ଟ୍ରଷ୍ଟର ଓଘର ବେହେରା, ମୋତିରାମ ଜାଲି ପୂର୍ବତନ ଟ୍ରଷ୍ଟ, ଧରମା ଜେଇ, କୃଷ୍ଣଶ୍ୟାମ ବେହେରା, ଧୁର୍ବ ଚରଣ ବେହେରା ଓ ପ୍ରକାଶ ବେହେରା ପ୍ରମୁଖ ବରିଷ୍ଠ ମୁଖିଆ ମାନଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଆଗେଇ ଚାଲିଥିବା ବେଳେ ସତ୍ୟନାରାୟଣ ଯୁବକ ସଂଘ ସହଯୋଗ ରେ ମହା ଆଡମ୍ବରରେ ପାଳିତ ହେଉଛି । ପର୍ବପର୍ବାଣି ମାନଙ୍କ ଭିତରେ ଜନ୍ମାଷ୍ଟମୀ ଅନ୍ୟତମ । ଓଡ଼ିଶାରେ ବୈଷ୍ଣବ ମତବାଦର ବହୁଳ ପ୍ରଭାବ ରହିଥିବାରୁ ଏହି ପର୍ବ ଓଡ଼ିଆ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଲୋକମାନେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ବହି ପାଠ କରିଥାନ୍ତି । ଜନ୍ମାଷ୍ଟମୀର ପରବର୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ । ନନ୍ଦରାଜ ଓ ଯଶୋଦାରାଣୀଙ୍କ ଆନନ୍ଦକୁ ମନେ ପକାଇବା ପାଇଁ ଏହି ଦିନ ଲୋକେ ଗାୟନ କୀର୍ତ୍ତନ କରିଥାନ୍ତି ଓ ନିଜର ଉପବାସ ଭାଙ୍ଗି ବଡ଼ି ସକାଳୁ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି ଓ ସେବନ କରିଥାନ୍ତି ।

ଗ୍ରାମ୍ୟ ଉନ୍ନୟନ ବିଭାଗର ମନମୁଖୀ କାର୍ଯ୍ୟ ଶୁଣୁନାହାନ୍ତି ଲୋକଙ୍କ ଅଭିଯୋଗ

ଜୟପାଟଣା, ୧୭/୦୮ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଧର୍ମଗଡ଼ ଅଫିସର ଦୁର୍ଦ୍ଦଶା ଏବେ ସାମ୍ନାକୁ ଆସିଛି । କୌଣସି କାର୍ଯ୍ୟକୁ ନେଇ ଲୋକେ ଅଭିଯୋଗ ପାଇଁ ଆସିଲେ ସୁଦ୍ଧା କେହିବି କର୍ମଚାରୀ ଅଫିସରେ ନଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି । କେମିତି ଅଫିସର ସମସ୍ତ କବାଟ ବନ୍ଦ ରହିଛି । ଆମେ ଦୁଇ ଥର ଜୟପାଟଣା ଅଂଚଳରେ ହେଉଥିବା ବିଜୁସେତୁ ଯାହାକି ସାନକର୍ଲାକୋଟ ଠାରୁ ହିରାପୁରକୁ ସଂଯୋଗ କରୁଥିବା କାର୍ଯ୍ୟ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ଅଭିଯୋଗ ନେଇ କି ଯାଇଥିଲୁ । କିନ୍ତୁ ବଡ଼ ଲଜ୍ଜାର କଥା ଅଫିସର ଗେଟ୍ ଖୋଲା ଥିବାବେଳେ ଅଫିସ ମଧ୍ୟ ଖୋଲା ରହିଛି ସେଠାରେ ଜୁନିଅର କ୍ଲର୍କ ବ୍ୟତୀତ କେହି ବାବୁମାନେ ନଥିଲେ । ଏହି ଲାଞ୍ଚଖୋର କର୍ମଚାରୀ ମାନେ ଲୋକଙ୍କ କାମ କରିବା ପାଇଁ ଅଛନ୍ତି ନା ମାସିକ ଦରମା ନେବା ପାଇଁ ? ଆମେ ଯାଇଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଜୁନିଅର କ୍ଲର୍କ ମହାଶୟ ଜଣକ ୧୨ଟା ୨୬ରେ ଆସିଥିଲେ ।ଯାହାକି ସରକାରୀ ଅଫିସ କାର୍ଯ୍ୟ ସମୟର ଉଲଂଘନ ହୋଇଛି । ଦେଖାଯାଉ ଏଥିପ୍ରତି ଡବଲ ଇଞ୍ଜିନ ସରକାର କେଉଁ ଭଳି ପଦକ୍ଷେପ ଗ୍ରହଣ କରିବେ । ଆମେ ଅଧିକ୍ଷଣ ଯନ୍ତ୍ରୀ ଏବଂ ଏସ୍ ଡି ଓ ଶ୍ରୀ ରାଜେନ୍ଦ୍ର ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳି ପାରି ନଥିବା ବେଳେ କେବଳ ଜୁନିଅର କ୍ଲର୍କଙ୍କ ପ୍ରତିକ୍ରିୟା ମିଳିଛି । କିନ୍ତୁ ଛୋଟ କର୍ମଚାରୀ ମାନଙ୍କୁ ମଧ୍ୟ ବାବୁମାନେ ପ୍ରତିକ୍ରିୟା ଦେବାରେ ମନା କରିଛନ୍ତି । କାହାର ଛତ୍ରଛାୟା ତଳେ ବାବୁ ମାନେ ଏପରି ଅବହେଳା କରୁଛନ୍ତି ଏବଂ ଦୁର୍ନୀତିକୁ ଘୋଂଚ ଘୋଡାଉଛନ୍ତି । ଦୁର୍ନିତୀରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ କର୍ମଚାରୀ ଲିପ୍ତ ଅଛନ୍ତି ବୋଲି ଜନ ମହଲରେ ଚର୍ଚ୍ଚା ଜୋର ଧରିଛି । ଦେଖାଯାଉ ଖବର ପ୍ରସାରଣ ହେଲା ପରେ ସରକାର ଓ ପ୍ରଶାସନ କି ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା ।

ବଟବିହାରୀ ଉଚ୍ଚ ବିଦ୍ୟାଳୟରେ ୭୯ତମ ସ୍ୱାଧିନତା ଦିବସ ପାଳିତ

ଜଗତସିଂହପୁର, ୧୭/୦୮ (ଆ.ପ୍ର) : ଜଗତସିଂହପୁର ମଣ୍ଡଳ ଅଧିନ ବଟବିହାରୀ ଉଚ୍ଚ ବିଦ୍ୟାଳୟରେ ୭୯ତମ ସ୍ୱାଧିନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ନାଇକରର ପ୍ରାକ୍ତନ କୁଳସଚିବ ଡ ଅଭୟ ନାୟକ ପତାକା ଉତୋଳନ କରିଥିଲେ ଏବଂ ଛାତ୍ର/ଛାତ୍ରୀ ତଥା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ପତାକା ଉତୋଳନ ପରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱାଧିନତା ଦିବସ ଉପରେ ବକ୍ତୃତା ପ୍ରତିଯୋଗିତା ସଂଗେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗିମାନଙ୍କୁ ଅମୃତା ଫାଉଣ୍ଡେସନ ତଥା ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା । ସଭାରେ ସଭାପତିତ୍ୱ କରିଥିଲେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜବତା ମଂଜରୀ ଗୋଛାୟତ ଏବଂ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ନିର୍ମାଲ୍ୟର ସଂପାଦକ ଶ୍ରୀରବୀନ୍ଦ୍ର ନାଥ ନାୟକ, ଅଧ୍ୟାପିକା ମଧୁସ୍ମିତା ସ୍ୱାଇଁ, ନିରଂଜନ ମହାରଣା । କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ରଶ୍ମିରଂଜନ ରାଉତ, ଅକ୍ଷୟ ତ୍ରିପାଠୀ, ଶ୍ରୀକାନ୍ତ କୁମାର ଦାସ, ଜ୍ୟୋତ୍ସ୍ନାମୟୀ ବାରିକ, ରୁନି ଶତପଥି, ସମିର ସ୍ୱାଇଁ ।

ବ୍ଲକ ଅଧକ୍ଷ, ଅଧକ୍ଷାଙ୍କ କ୍ଷମତା ହେଲା ସଂକୀର୍ଣ୍ଣ, ବିରୋଧି ଚିନ୍ତାରେ

ଦଶପଲ୍ଲା, ୧୭/୦୮ (ଆ.ପ୍ର) : କେନ୍ଦ୍ର ସରକାର ତଥା ରାଜ୍ୟସରକାର ନିଜ ନିଜର କାର୍ଯ୍ୟ ଶୈଳୀକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଥାନ୍ତି । ତେବେ ଜନସାଧାରଣଙ୍କ ହିତ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିବା ତଥା ଉନ୍ନତି ଦିଗରେ ଆଗେଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଥାନ୍ତି । ମାତ୍ର ଏହି ସବୁ କାର୍ଯ୍ୟର ବିଭିନ୍ନ ପ୍ରକାର ବାଟବଣା କରାଯାଉଥିବା ଶୁଣାଯାଉଛି । ପ୍ରତ୍ୟେକ ବ୍ଲକ ଗୁଡିକରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଉଭୟ ବିଡ଼ିଓ ଓ ବ୍ଲକ ଅଧକ୍ଷ, ଅଧକ୍ଷାଙ୍କ ଦସ୍ତଖତ ଦରକାର ହୁଏ । ଯେ କୌଣସି କାର୍ଯ୍ୟର ବିଲ ବା କାର୍ଯ୍ୟ ର ଆଦେଶ ପାଇଁ ଏହି ଦସ୍ତଖତ ଅପରିହାର୍ଯ୍ୟ ଥିଲା । ତେବେ ରାଜ୍ୟରେ ନୂତନ ସରକାର ଆସିବା ପରେ କେତେକ ସଂସ୍କାର ଆଣିବା ପାଇଁ ବର୍ତ୍ତମାନ ର ବ୍ଲକ ଅଧକ୍ଷ ବା ଅଧକ୍ଷାଙ୍କ ଦସ୍ତଖତ କେବଳ ୨୦ ଲକ୍ଷ୍ୟରୁ ଊର୍ଦ୍ଧ୍ୱ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେବ । ତେବେ ପୂର୍ବରୁ ପ୍ରାୟ କାମ ଗୁଡିକ ୫ ଲକ୍ଷ୍ୟ ରୁ ୧୦ଲକ୍ଷ୍ୟ ମଧ୍ୟରେ ହେଉଥିଲା । ମାତ୍ର ବର୍ତ୍ତମାନ ଏହାକୁ ସୀମିତ କରାଯାଇଛି । ତେବେ ଯେହେତୁ ରାଜ୍ୟରେ ଅଧିକାଂଶ ବ୍ଲକ ରେ ବିଜେଡି ଦଳର ଅଧକ୍ଷ ଅଧକ୍ଷା ଥିବା ବେଳେ ଆଗକୁ ପଂଚାୟତ ନିର୍ବାଚନ ଆସୁଥିବା ହେତୁ ବିଜେଡ଼ିର ବ୍ଲକ ଅଧକ୍ଷ ଅଧକ୍ଷାଙ୍କ କ୍ଷମତାକୁ ସଂକୁଚିତ କରିବା ପାଇଁ ଏଭଳି ନିଷ୍ପତି ହୋଇଛି ବୋଲି ଜନସାଧାରଣ ରେ ଆଲୋଚନା ହେଉଛି । ତେବେ ଏ ପ୍ରକାର ନିଷ୍ପତି ଖବର ପରେ ଦଶପଲ୍ଲା ରେ ବିରୋଧି ଚିନ୍ତାରେ ଥିବା ଶୁଣାଯାଉଛି ।

ମାଇକ୍ରୋୱେଭ ଟେକ୍ନୋଲୋଜିରେ ସ୍ୱାଧିନତା ଦିବସ

ଭଦ୍ରକ, ୧୭/ ୦୮ (ଆ.ପ୍ର) : ଭଦ୍ରକସ୍ଥିତ ମାଇକ୍ରୋୱେଭ ଟେକ୍ନୋଲୋଜି, ଏକ ଅଗ୍ରଣୀ କମ୍ପୁଟର ଶିକ୍ଷା ଏବଂ ଇ-ସେବା ପ୍ରଦାନକାରୀ ସଂସ୍ଥାରେ ୭୯ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଅଛି । ଏଥିରେ ନିର୍ଦ୍ଦେଶିକା ନମ୍ରତା ରାୟ ପତାକା ଉତୋଳନ କରିଥିଲେ । ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପ୍ରଦ୍ୟୁମ୍ନ ସାହୁ, ଶୁଭସ୍ମିତା ମଲ୍ଲିକ, ରଶ୍ମି ରଞ୍ଜନ ବେହେରା, ରୁଦ୍ର ନାରାୟଣ ମହାନ୍ତି, ରଶ୍ମିପ୍ରଭା ରାଉତ, ମଧୁସ୍ମିତା ନାୟକ, ସଞ୍ଜୟ ସୋରେନ, ରାଜ କିଶୋର ମହାନ୍ତି, ବିକାଶ କୁମାର ଧଳ, ଅର୍ଶଦ ଅଲ୍ଲୀ ଖାନ, ଜ୍ୟୋତ୍ସ୍ନାରାଣୀ ନାୟକ, ରେବତୀ ବେହେରା, ଶୁଭସ୍ମିତା ସ୍ୱାଇଁ, ସେବାଶ୍ରୀ ସାହୁ, ସୁମନ ପଣ୍ଡା, ତପସ୍ୱିନୀ ସାଏନ୍ତ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରକଳା ପ୍ରଦର୍ଶନ ଆଦି ପରିବେଷଣ କରିଥିଲେ ।

ନେତାଜୀ ମଇଦାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ

ଦଶପଲ୍ଲା, ୧୭/୦୮ (ଆ.ପ୍ର) : ଦଶପଲ୍ଲା ବିଜ୍ଞପିତ ଅଂଚଳ ପରିଷଦ ପକ୍ଷରୁ ନେତାଜୀ ମଇଦାନ ଠାରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏନଏସିର ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଏବଂ ଏନଏସିର ନିର୍ବାଚିତ ସମସ୍ତ କାଉନସିଲର ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବରେ ବିଧାୟକ ପତାକା ଉତୋଳନ କରିବା ସହ ଦଶପଲ୍ଲା ବ୍ଲକ ମଧ୍ୟରେ ଥିବା ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମିଳିତ ପ୍ୟାରେଡ଼ରେ ଅଭିବାଦନ କରିବା ସହିତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହାପରେ ଅତିଥିବୃନ୍ଦ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ରୋଗୀ ମାନଙ୍କୁ ଫଳ ବଂଟନ କରିବା ସହିତ ରୋଗୀଙ୍କ ଭଲ ମନ୍ଦ ବୁଝିଥିଲେ । ଅପରାହ୍ନ ସମୟରେ ଶାସକ ଓ ପ୍ରଶାସକ ମଧ୍ୟରେ ବନ୍ଧୁତା ପୂର୍ଣ୍ଣ ଫୁଟବଲ ପ୍ରତିଯୋଗିତା ହୋଇଥିଲା । ସନ୍ଧ୍ୟା ପୂର୍ବରୁ ପତାକା ଅବତୋରଣ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ, ସମ୍ବର୍ଦ୍ଧିତ ହେଲେ ରାଜଗୁରୁ,ବାଡଗ୍ରାହୀ, ବିଶ୍ୱକର୍ମା, ପ୍ରଶାସକ ଓ ସେବାୟତ

ପୁରୀ, ୧୭/୦୮ (ଆ.ପ୍ର) : ଠାକୁରଙ୍କ ସଫଳ ରଥଯାତ୍ରା ପରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ -୨୦୨୫ ଏକ ଅଭିନବ ଓ ସ୍ୱାଗତଯୋଗ୍ୟ ପ୍ରୟାସ ବୋଲି କହିଛନ୍ତି ସାଂସଦ ସମ୍ବିତ ପାତ୍ର ।ଅନୁଷ୍ଠାନ ପକ୍ଷରୁ ପୁରୀ ଟାଉନ୍ ହଲ୍ ଠାରେ କାର୍ଯ୍ୟକ୍ରମକୁ ଉଦଘାଟନ କରି ସେ କହିଥିଲେ ଯେ ଶ୍ରୀଜଗନ୍ନାଥ ମନ୍ଦିର ର ବିକାଶ ଓ ସୁରକ୍ଷା ସହ ଜଗନ୍ନାଥ ସଂସ୍କୃତିର ସମୃଦ୍ଧି ପାଇଁ ସରକାର ସଂକଳ୍ପବଦ୍ଧ । ରଥଯାତ୍ରା ରେ ସଂପୃକ୍ତ ସେବକ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏପରିକି ପ୍ରତିଟି ଭକ୍ତ ହିଁ ଜଣେ ଜଣେ ଜଗନ୍ନାଥ । କାରଣ ଠାକୁରଙ୍କ ଇଚ୍ଛାରେ ସୃଷ୍ଟି ହୁଏ । ବେଦ, ଉପନିଷଦ ଠାରୁ ଗୀତା ପର୍ଯ୍ୟନ୍ତ ସବୁଥିରେ ଠାକୁର କହିଛନ୍ତି-କରି କରାଉଥାଏ ମୁହିଁ- ମୋ ବିନୁ ଅନ୍ୟ ଗତି ନାହିଁ । ତେବେ ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ, ଆଗାମୀ ବର୍ଷ ଠାରୁ ରାଜ୍ୟ ସରକାରଙ୍କ ସହଯୋଗ ରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ରଥସେବା ସମ୍ମାନ ଉତ୍ସବ ହେବ ବୋଲି ସାଂସଦ ଶ୍ରୀପାତ୍ର କହିଥିଲେ । ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ, ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ବେଳେ, କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସାଂସଦ ଶୁଭାଶିଷ ଖୁଂଟିଆ କହିଥିଲେ ଯେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ନୀରବ ରହୁଥିବା ବେଳେ ଦୀର୍ଘ ପାଂଚ ବର୍ଷ ଧରି ଏକ ବେସରକାରୀ ସଂସ୍ଥା , ବିଶ୍ୱନିୟନ୍ତାଙ୍କ ରଥସେବକ ମାନଙ୍କୁ ସେବା ସମ୍ମାନ ଦେବା କମ୍ କଥା ନୁହେଁ । ଏହି କାର୍ଯ୍ୟକ୍ରମ କୁ ସମଗ୍ର ଭାରତବର୍ଷରେ ପ୍ରସାରିତ କରିବାକୁ ସାଂସଦ ଭାବେ ଉଦ୍ୟମ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ଓ ବିଶିଷ୍ଟ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେଇଥିଲେ ।ପ୍ରାରମ୍ଭ ରେ ଗୀତିକାର , କଥାକାର ତଥା ପରାମର୍ଶଦାତା ଡକ୍ଟର ବହ୍ନି ମିଶ୍ର, ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ପରେ, ଡଃ ପ୍ରଦ୍ୟୁମ୍ନ କୁମାର ସାମ୍ଭୁଆ, ଭରତ କୁମାର ନାୟକ, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ବିଦ୍ରୋହ କେଶରୀ ସିଂ, ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର ଓ ସୂଚନା -ପ୍ରଯୁକ୍ତିବିଦ୍ୟା ସଂପାଦକ ଗିତେଶ କୁମାର ମହାନ୍ତିଙ୍କ ସଂଚାଳନ ରେ ରଥଯାତ୍ରା ସଫଳତା ପାଇଁ ରାଜଗୁରୁ , ଶ୍ରୀମନ୍ଦିର ପୁରୋହିତ, ପତି ମହାପାତ୍ର, ମଠାଧୀଶ, ମୁକ୍ତିମଣ୍ଡପ ସଭା, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ର ସମସ୍ତ ଅଧିକାରୀ,ଛତିଶା ନିଯୋଗ ନାୟକ ପାଟଯୋଶୀ ଜନାର୍ଦ୍ଦନ ମହାପାତ୍ର, ଚାରି ଠାକୁରଙ୍କ ବାଡଗ୍ରାହୀ, ଦଇତା ନିଯୋଗ, ପୁଷ୍ପାଳକ ନିଯୋଗ, ସୁଆର - ମହାସୁଆର ନିଯୋଗ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମାଧବ ପୂଜାପଣ୍ଡା ସାମନ୍ତ, ଛତିଶା ନିଯୋଗର ସମସ୍ତ ସଭାପତି -ସଂପାଦକ, ରଥ ନିର୍ମାଣର ସମସ୍ତ ବିଶ୍ୱକର୍ମା, ଅନବସର ସମୟର ସେବକ, ରଥ ସର୍ଦ୍ଦାର, ରଥଭୋଇ, ଚିତ୍ରକର, କମାର ସେବକଙ୍କ ସମେତ ମାଉସୀ ମାଆଙ୍କ ସେବକ ବିଶ୍ୱନାଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଚନ୍ଦ୍ରବିଜୟୀ ମିଶ୍ର, ଡକ୍ଟର ବିଶ୍ୱନାଥ ମିଶ୍ର, ଶ୍ୟାମପ୍ରକାଶ ସେନାପତି ଓ ଶିବ ସୁନ୍ଦର ମିଶ୍ର । ଧନ୍ୟବାଦ ଦେଇଥିଲେ ଉପସଭାପତି ଭରତ ନାୟକ ।

ନବବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ

ତିର୍ତ୍ତୋଲ, ୧୭/୦୮ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଂଚାୟତ ମୁକୁନ୍ଦ ଶାହିର ସେକ ସାହାବତ ଅଲ୍ଲୀଙ୍କ ପୁଅ ସାବିର ଆଲମଙ୍କୁ ଗତ ୪ ମାସ ଧରି ମୂଳିସିଂହ ପଂଚାୟତର ଓଳେଇପଡାର ରମଜାନ ଅଲ୍ଲୀ ଅନଶାରିଙ୍କ ଝିଅ ଜିନତ୍ ଫତମ୍ମାଙ୍କୁ ବିବାହ କରିଥିଲେ । ଗତକାଲି ସେ ଶାଶୁଘରେ ମୁକୁନ୍ଦସାହିରେ ଶାଶୁଶ୍ୱଶୁର ଥିବା ସମୟରେ ଫ୍ୟାନରେ ଝୁଲି ପଡିଥିବା ଶାଶୁଘର ଲୋକେ ଦେଖି ବା ସହିତ ଫ୍ୟାନରୁ ଖୋଲିଦେଇଥିବା ସୂଚନା ମିଳିଛି ।ଏହାପରେ ଶାଶୁଘର ଲୋକେ ବୋହୂର ପରିବାରକୁ ଜଣାଇଥିଲେ । ପରିବାର ଲୋକେ ପହଞ୍ଚିବା ପରେ ତାଙ୍କର ସନ୍ଦେହ ହୋଇଥିଲା । ଯାହାଫଳରେ ଏ ନେଇ ପରବାର ପକ୍ଷରୁ ଗତକାଲି ସଂଧ୍ୟାରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ ମଧ୍ୟ ହୋଇଥିଲା । ରାତିଯାକ ପୋଲିସ ମୃତ ଦେହକୁ ଜଗି ବସିଥିଲା । ଆଜି ସ୍ଥାନୀୟ ସରପଂଚ ଓ ଆଖପାଖ ଗ୍ରାମର ଲୋକମାନଙ୍କ ଉପସ୍ଥିତି ରେ ଘଟଣା ସ୍ଥଳରେ ତିର୍ତ୍ତୋଲ ପୋଲିସ, ତହସିଲଦାର ଓ ସାଇନଟିଫିକ ଟିମ୍ ତଦନ୍ତ କରିବା ସହିତ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇଥିବା ବେଳେ ତଦନ୍ତ ଜାରି ରଖିଛି ପୋଲିସ ।

ଆୟୁର୍ବେଦିକ ଔଷଧର ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଚିଲିକା/ବାଣପୁର, ୧୭/୦୮ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ପଲଟଣ ପଡିଆ ସ୍ଥିତ ସହିଦ କୃତିବାସ ଭବନ ଠାରେ ତମାମ୍ ବାଣପୁର -ବାଲୁଗାଁ ଅଂଚଳରେ ଦୀର୍ଘ ଦିନ ପୂର୍ବରୁ ପ୍ରସିଦ୍ଧି ଅର୍ଜନ କରିଥିବା କବିରାଜ ସ୍ୱର୍ଗତ ଭାସ୍କର ସେନାପତିଙ୍କ ସୁପୁତ୍ର ରୂପେଶ କୁମାର ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମାଜସେବୀ ଅନନ୍ତ ଚରଣ ଖଟେଇଙ୍କ ସଂଯୋଜନାରେ ରୂପେଶଙ୍କ ବାଣପୁରରେ ପ୍ରତିଷ୍ଠିତ ଏକମାତ୍ର ଆୟୁର୍ବେଦିକ ପ୍ରତିଷ୍ଠାନ ଆରୋଗ୍ୟ ସଦନ ତରଫରୁ ଏକ ଆୟୁର୍ବେଦିକ ଚିକିତ୍ସା ଓ ଔଷଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଦଘାଟକ ତଥା ସ୍ୱତନ୍ତ୍ର ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି, ମୁଖ୍ୟ ଅତିଥି ଭାବେ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷ ମିଟୁ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମୀ ଚରଣ ପ୍ରଧାନ, ପରିଡ଼ା ପାଠାଗାର ତଥା ସାହିତ୍ୟ ସିନ୍ଦୂରା ଅନୁଷ୍ଠାନର ସଭାପତି ଗୋଲଖ ବିହାରୀ ପରିଡ଼ା, ପ୍ରାକ୍ତନ ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ତଥା ସାହିତ୍ୟିକ ସର୍ବେଶ୍ୱର ଷଡ଼ଙ୍ଗୀ, ପରିଚାଳନା ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସଂଯୋଜକ ସ୍ୱଦେଶ କୁମାର ସେଠୀ, ଶିକ୍ଷକ ପ୍ରମୋଦ କୁମାର ପାତ୍ର, ଶିକ୍ଷକ ବିଜୟ କୁମାର ପାତ୍ର, କବି ରବିନ୍ଦ୍ରନାଥ ମାନସିଂହ, Diamond president & Health Coach, Jharkhand ରତନ ସିଂ, ମା ଭଗବତୀ କଳା ନିକେତନ ବାଣପୁର ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ବାରିକ, ମୁଖ୍ୟ ବକ୍ତା ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ଆୟୁର୍ବେଦିକ ଚିକିତ୍ସା ର ଆବଶ୍ୟକତା କିପରି ଅପରିହାର୍ଯ୍ୟ ଆଲୋଚନା କରିଥିଲେ । ପ୍ରାଚୀନ କାଳରୁ ଆୟୁର୍ବେଦିକ ଚିକିତ୍ସା ଉପରେ ହିଁ ମଣିଷ ନିର୍ଭରଶୀଳ ଥିଲା ।ଏଲୋପାଥି, ହୋମିଓପାଥି ଏବଂ ଆୟୁର୍ବେଦିକ ଏହି ତିନୋଟି ଚିକିତ୍ସା ମଧ୍ୟରେ ଆୟୁର୍ବେଦିକ ହିଁ ଶ୍ରେଷ୍ଠ । ଏହି ଚିକିତ୍ସା ପଦ୍ଧତି ରେ ରୋଗ ଭଲ ହେବା ବିଳମ୍ବ ହୋଇପାରେ । ସେଥିପାଇଁ ଧୈର୍ଯ୍ୟ ଧରିବାକୁ ପଡ଼ିଥାଏ । ଯାହା ଦ୍ୱାରା ରୋଗଟି ସମୂଳେ ନିପାତ ହୁଏ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ର ନିକଟରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପରେ ପରେ ଅତିଥି ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ମା ଭଗବତୀ କଳା ନିକେତନ ବାଣପୁର ର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା ।ଇତି ଅବସରରେ ଚିଲିକା ପ୍ରେସ୍ ୟୁନିୟନର ସଭାପତି ଆଇନଜୀବୀ ଅଶୋକ କୁମାର ପାଇକରାୟ, ସଭ୍ୟ ପନ୍ତା କୁଳିଆ କବି ଦିଗମ୍ବର ବିଶ୍ୱାଳ, ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ଜାଲି, ସାମ୍ବାଦିକ ବ୍ରଜକିଶୋର ଜେନା, ସାମ୍ବାଦିକ ରାକେଶ କୁମାର ସାହୁ ପ୍ରମୁଖଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା Tejaswi Herbals Berhampur e Founder ତାରିଣୀ ଚରଣ ପାଢ଼ୀଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଡାକ୍ତର ଓ ଔଷଧ ବିତରକ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।ସର୍ବଶ୍ରୀ ପ୍ରଭାତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

୨୦୨୫ ଏସିଆ କପ୍ ପାଇଁ ପାକିସ୍ତାନ ଟିମ୍ ଘୋଷଣା

ନୂଆଦିଲ୍ଲୀ, ୧୭/୦୮ (ନ୍ୟୁ.ଏ) : ଏସିଆ କପ୍ ୨୦୨୫କୁ ଆଉ କେଇଟା ଦିନ ବାକି ରହିଛି । ଏହି ଟୁର୍ଣ୍ଣାମେଂଟ ପାଇଁ ଅନେକ ଟିମ୍ ଦଳ ଘୋଷଣା କଲେଣି । ଏହି କ୍ରମରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ୨୦୨୫ ଏସିଆ କପ୍ ପାଇଁ ତାର ଦଳ ଘୋଷଣା କରିଛି । ୟୁଏଇରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ-ସିରିଜ ଏବଂ ଏସିଆ କପ୍ ପାଇଁ ପିସିବି ୧୭ ଜଣିଆ ଦଳ ଘୋଷଣା କରିଛି । ଷ୍ଟାର ବ୍ୟାଟର ବାବର ଆଜମ ଏବଂ ବିକିକିଆ ଅଧିନାୟକ ମହମ୍ମଦ ରିଜୱାନଙ୍କୁ ଏହି ଦଳରେ ସାମିଲ କରାଯାଇ ନାହିଁ । ସଲମାନ ଅଲି ଆଗାଙ୍କୁ ଉଭୟ ଟୁର୍ଣ୍ଣାମେଂଟରେ ଅଧିନାୟକ ଘୋଷଣା କରାଯାଇଛି । ସେ ଚଳିତ ବର୍ଷ ଆରମ୍ଭରୁ ଟି-୨୦ ଦଳର ନେତୃତ୍ୱ ନେଉଛନ୍ତି । ପୂର୍ବତନ ଅଧିନାୟକ ବାବର ଆଜମ ଏବଂ ୱିକେଟକିପର ବ୍ୟାଟର ତଥା ବିକିକିଆ ଅଧିନାୟକ ମହମ୍ମଦ ରିଜୱାନଙ୍କୁ ତ୍ରିରାଷ୍ଟ୍ରୀୟ ସିରିଜ୍ ଏବଂ ଏସିଆ କପ୍ ଦଳରେ ସାମିଲ କରାଯାଇ ନାହିଁ । ଅନେକ ରିପୋର୍ଟରେ ଦାବି କରାଯାଇଥିଲା ଯେ ଉଭୟ ଷ୍ଟାର ଖେଳାଳି ଏସିଆ କପ୍ ପାଇଁ ଟି-୨୦ ଦଳକୁ ଫେରିପାରନ୍ତି, କିନ୍ତୁ ପିସିବି ଉଭୟଙ୍କୁ ଏକ ବଡ଼ ଝଟକା ଦେଇଛି । ବାବର ଆଜମ ଶେଷ ଥର ପାଇଁ ୨୦୨୪ ଡିସେମ୍ବରରେ ପାକିସ୍ତାନ ପାଇଁ ଟି ୨୦ ଆନ୍ତର୍ଜାତୀୟ ଖେଳିଥିଲେ । ମହମ୍ମଦ ରିଜୱାନ ମଧ୍ୟ ୨୦୨୪ ଡିସେମ୍ବରରେ ଶେଷ ଥର ପାଇଁ ପାକିସ୍ତାନ ପାଇଁ ଟି-୨୦ ଆନ୍ତର୍ଜାତୀୟ ଖେଳିଥିଲେ । ସଲମାନ ଅଲୀ ଆଗାଙ୍କୁ ଏସିଆ କପରେ ପାକିସ୍ତାନ ଦଳର ନେତୃତ୍ୱ ଦିଆଯାଇଛି । ସେ ଚଳିତ ବର୍ଷ ଆରମ୍ଭରୁ ଟି ୨୦ ଦଳର ଅଧିନାୟକତ୍ୱ କରୁଛନ୍ତି । ପିସିବି ଯୁବ ଖେଳାଳିଙ୍କ ଉପରେ ବିଶ୍ୱାସ ପ୍ରକଟ କରିଛି । ସାମ ଆୟୁବ, ସାହିବଜାଦା ଫରହାନ, ମହମ୍ମଦ ହାରିସ ଏବଂ ହାସନ ନୱାଜଙ୍କ ଭଳି ଯୁବ ଖେଳାଳିଙ୍କୁ ବ୍ୟାଟିଂରେ ସାମିଲ କରାଯାଇଛି । ଦଳରେ ଅଧିନାୟକ ସଲମାନ ଆଗା ଏବଂ ଅଭିଜ୍ଞ ଫଖର ଜମାନ ମଧ୍ୟ ଅଛନ୍ତି । ତାରା ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦି ଏବଂ ହାରିସ ରଉଫଙ୍କୁ ଦ୍ରୁତ ବୋଲିଂରେ ସୁଯୋଗ ଦିଆଯାଇଛି । ମହମ୍ମଦ ୱାସିମ ଏବଂ ଯୁବ ସେନସେସନ୍ ସଲମାନ ମିର୍ଜାଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି । ସ୍ପିନରମାନଙ୍କରେ ମହମ୍ମଦ ନୱାଜ, ସୁଫିୟାନ୍ ମୁକିମ୍ ଏବଂ ଅବରାର ଅହମ୍ମଦଙ୍କୁ ସୁଯୋଗ ଦିଆଯାଇଛି । ସଲମାନ ଆଗା (ଅଧିନାୟକ), ଅବରାର ଅହମ୍ମଦ, ଫହିମ ଅସରଫ, ଫଖର ଜମାନ, ହରିସ ରଉଫ, ହସନ ଅଲୀ, ହସନ ନୱାଜ, ହୁସେନ ତଲାତ, ଖୁଶଦିଲ ଶାହା, ମହମ୍ମଦ ହାରିସ (ୱିକେଟ୍ ରକ୍ଷକ), ମହମ୍ମଦ ନୱାଜ, ମହମ୍ମଦ ୱାସିମ, ସାହିବଜାଦା ଫରହାନ, ସଇମ ଆୟୁବ, ସଲମାନ ମିର୍ଜା, ଶାହୀନ ଆଫ୍ରିଦି ଏବଂ ସୁଫିଆନ୍ ମୁକିମ୍ ।

କ୍ରିକେଟ୍ କିଂବଦନ୍ତି ସିମ୍ପସନ୍‌ଙ୍କ ପରଲୋକ

ସିଡ୍‌ନି, ୧୭/୦୮ (ନ୍ୟୁ.ଏ) : ପୂର୍ବତନ କ୍ରିକେଟ୍ କିଂବଦନ୍ତି ତଥା ଅଷ୍ଟ୍ରେଲିଆ କ୍ରିକେଟ୍‌ର ଅନ୍ୟତମ ପ୍ରଭାବଶାଳୀ ବ୍ୟକ୍ତି ବବ୍ ସିମ୍ପସନଙ୍କର ଶନିବାର ପରଲୋକ ହୋଇଯାଇଛି । ତାଙ୍କୁ ୮୯ ବର୍ଷ ହୋଇଥିଲା । ୧୯୫୭ରୁ ୧୯୭୮ ମଧ୍ୟରେ ୬୨ ଟେଷ୍ଟ ଖେଳି ୪୮୬୯ ରନ୍ କରିବା ସହ ୭୧ ୱିକେଟ୍ କରାୟତ କରିଥିଲେ ସେ । ମାତ୍ର ୧୬ବର୍ଷ ବୟସରେ ନ୍ୟୁ ସାଉଥ୍ ୱେଲ୍‌ସ ପକ୍ଷରୁ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିବା ଆରମ୍ଭ କରିଥିବା ସିମ୍ପସନ୍ ଏହି ଦଳ ପକ୍ଷରୁ ୨୧,୦୨୯ ରନ୍ କରିଥିଲେ । ୧୯୫୭ରୁ ୧୯୬୮ ପର୍ଯ୍ୟନ୍ତ ୧୧ବର୍ଷ ଧରି ଅଷ୍ଟ୍ରେଲିଆ ପକ୍ଷରୁ ଖେଳି ୨୯ଟିରେ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ ସେ । ୧୯୬୮ ମସିହାରେ ଅବସର ଘୋଷଣା କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ କ୍ରିକେଟ୍‌ର ହିତ ଦୃଷ୍ଟିରୁ ପୁନର୍ବାର ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ୧୯୭୮ ପର୍ଯ୍ୟନ୍ତ ସକ୍ରିୟ ରହିଥିଲେ ସିମ୍ପସନ୍ । ୧୯୬୫ ମସିହାରେ ୱିଜଡେନ୍ କ୍ରିକେଟର୍ ଅଫ୍ ଦ ଇୟର ଘୋଷିତ ହୋଇଥିବା ସମ୍ପସନ୍ ୨୦୦୬ରେ ଅଷ୍ଟ୍ରେଲୀୟ କ୍ରିକେଟ୍ ହଲ୍ ଅଫ୍ ଫେମ୍ ଏବଂ ୨୦୧୩ରେ ଆଇସିସି କ୍ରିକେଟ୍ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଥିଲେ । ସେ ଚୟନକର୍ତ୍ତା ଥିଲା ବେଳେ ଅଷ୍ଟ୍ରେଲିଆକୁ ମାର୍କ ଟେଲର, ଇଆନ ହିଲି, ମାର୍କ ୱ', ସେନ୍ ୱର୍ଣ୍ଣ, ଜଷ୍ଟିନ୍ ଲାଙ୍ଗର, ମାଥ୍ୟୁ ହେଡେନ, ଡାମିଏନ ମାର୍ଟିନ, ଗ୍ଲେନ୍ ମ୍ୟାକଗ୍ରା ଓ ରିକି ପଣ୍ଟିଂଙ୍କ ଭଳି ଖେଳାଳି ମିଳିଥିଲେ । ୧୯୮୬ ମସିହାରେ ସେ ମଧ୍ୟ ଅଷ୍ଟ୍ରେଲିଆ ଜାତୀୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରି କଙ୍ଗାରୁ ଦଳକୁ ସଫଳତାର ଶୀର୍ଷରେ ପହଂଚାଇଥିଲେ । ୧୯୯୦ ଦଶକରେ ଭାରତୀୟ କ୍ରିକେଟ୍ ଦଳର ପରାମର୍ଶଦାତା ଥିବା ସିମ୍ପସନ୍ ୨୦୦୪ରୁ ୩ ବର୍ଷ ପାଇଁ ରାଜସ୍ଥାନ ରଣଜୀ ଦଳ ସହ ମଧ୍ୟ କାର୍ଯ୍ୟ କରିଥିଲେ ।

ଫିଟନେସ୍ ଟେଷ୍ଟରେ ପାସ୍ କଲେ ସୂର୍ଯ୍ୟକୁମାର ଯାଦବ

ନୂଆଦିଲ୍ଲୀ, ୧୭/୦୮ (ନ୍ୟୁ.ଏ) : ଭାରତୀୟ କ୍ରିକେଟ୍ ଦଳ ପାଇଁ ଖୁସିର ଖବର । ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଂଟର ଅଫ ଏକ୍ସିଲେନ୍ସରେ ନିଜର ଫିଟନେସ୍ ଟେଷ୍ଟରେ ଉତୀର୍ଣ୍ଣ ହୋଇଛନ୍ତି । ସୂର୍ଯ୍ୟକୁମାର ଯାଦବ ଏବେ ଏସିଆ କପ୍ ଖେଳିବାକୁ ଫିଟ୍ ଘୋଷିତ ହୋଇଛନ୍ତି । ଫିଟନେସ୍ ହାସଲ କରିବା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବେ ମଙ୍ଗଳବାର ମୁମ୍ବାଇରେ ଚୟନ କମିଟି ବୈଠକରେ ସାମିଲ ହେବେ । ଏସିଆ କପ୍ ସେପ୍ଟେମ୍ବର ୯ରୁ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ । ବିସିସିଆଇ ଅନୁଯାୟୀ, ସର୍ଜରୀ ପରେ ସୂର୍ଯ୍ୟକୁମାର ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ, ପେଟର ନିମ୍ନ ଭାଗରେ ସ୍ପୋର୍ଟ୍ସ ହାର୍ଣିଆର ଅସ୍ତ୍ରୋପଚାର କରାଯାଇଛି । ସର୍ଜରୀ ପରେ ମୁଁ ସୁସ୍ଥ ହେଉଛି । ମଇଦାନକୁ ଫେରିବାକୁ ଚାତକ ପରି ଚାହିଁ ରହିଛି । ୩୪ ବର୍ଷୀୟ ଏହି ଖେଳାଳି ଆଇପିଏଲ୍ ୨୦୨୫ରେ ଦମଦାର ପ୍ରଦର୍ଶନ କରି ୭୧୭ ରନ କରିଛନ୍ତି । ଏଥିସହ ସେ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଂଟ ବିବେଚିତ ହୋଇଥିଲେ । ଆସନ୍ତା ୧୯ ତାରିଖରେ ଏସିଆ କପ୍ ପାଇଁ ଭାରତୀୟ ଦଳର ଘୋଷଣା କରାଯିବ । ଏହି ସମୟରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସହ ସୂର୍ଯ୍ୟକୁମାର ଯାଦବ ନଜର ଆସିବେ । ଭାରତୀୟ ଦଳ ଘୋଷଣାରେ ବିଳମ୍ବ ହେବାର ମୁଖ୍ୟ କାରଣ ସୂର୍ଯ୍ୟକୁମାର ଯାଦବ ଆହତ ଥିବା କୁହାଯାଉଥିଲା । ଏବେ ଫିଟନେସ୍ ଟେଷ୍ଟରେ ପାସ୍ ହେବା କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଖୁସିର ଖବର । ସୂଚନାଯୋଗ୍ୟ, ୨୦୨୫ ଏସିଆ କପ୍ ସେପ୍ଟେମ୍ବର ୯ରୁ ଆରମ୍ଭ ହେବ । ଏହାର ଫାଇନାଲ ମ୍ୟାଚ୍ ସେପ୍ଟେମ୍ବର ୨୮ରେ ଖେଳାଯିବ । ଏଥର ଏସିଆ କପରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି । ୨୦୨୫ ଏସିଆ କପ୍ ର ମ୍ୟାଚ୍ ଆବୁଧାବି ଏବଂ ଦୁବାଇରେ ଖେଳାଯିବ । ଟିମ୍ ଇଣ୍ଡିଆ ୧୦ ସେପ୍ଟେମ୍ବରରେ ଟୁର୍ଣ୍ଣାମେଂଟରେ ପ୍ରଥମ ମ୍ୟାଚ୍ ଖେଳିବ । ଗ୍ରୁପ ଏରେ ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଥିବା ବେଳେ ଗ୍ରୁପ ବିରେ ରହିଛନ୍ତି ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ।

ପାରାଙ୍କୁ ଖାଦ୍ୟ ଦେବା ନେଇ ଜନମତ ଲୋଡିଲା ବିଏମସି

ମୁମ୍ବାଇ, ୧୭/୦୮ (ନ୍ୟୁ.ଏ) : ଦିଲ୍ଲୀ ଏନସିଆରରେ ବୁଲା କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି ।କୁକୁରଙ୍କ ଠାରୁ ମଣିଷଙ୍କୁ ସୁରକ୍ଷିତ ରଖିବା ପାଇଁ ଶୀର୍ଷ କୋର୍ଟ ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି । ଏହାକୁ ନେଇ କୁକୁର ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଏବେ କୁକୁର ପରେ ପାରାଙ୍କ ପାଳି ପଡ଼ିଛି । ମୁମ୍ବାଇ ସହରର ସାର୍ବଜନୀନ ସ୍ଥାନରେ ପାରାଙ୍କୁ ଖାଦ୍ୟ ଦେବା ଉପରେ ରୋକ ଲଗାଇବା ପାଇଁ ବୃହନ ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ନାଗରିକଙ୍କ ଠାରୁ ମତାମତ ଲୋଡିଛି । ବିଏମସିକହିଛି,ଏନେଇ ତିନୋଟି ପୃଥକ ପୃଥକ ଆବେଦନ ମିଳିଛି । ଯାହା ଉପରେ ବୃତ୍ତାନ୍ତ ନିଷ୍ପତି ନେବା ପୂର୍ବରୁ ସାଧାରଣ ଲୋକଙ୍କ ମତାମତ ନେବା ଆବଶ୍ୟକ । ବିଏମସି ପ୍ରଶାସନ ଦାଦର ପିଜନ ହାଉସ ଟ୍ରଷ୍ଟ ବୋର୍ଡ, ୟାସମିନ ବଂଶାଳି ଆଣ୍ଡ କୋ ଏବଂ ପଶୁ ଓ ପକ୍ଷୀ ଅଧିକାର କର୍ମୀ ପଲ୍ଲବୀ ପାଟିଲଙ୍କ ଠାରୁ ଆବେଦନ ଗ୍ରହଣ କରିଛି । ଏହି ଆବେଦନ ଗୁଡ଼ିକରେ, ପାରାଙ୍କୁ ନିର୍ବିଚାର ଭାବରେ ଖାଇବାକୁ ଦେବା ପରିବର୍ତ୍ତେ, ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ନିୟନ୍ତ୍ରିତ ପରିମାଣରେ ଖାଦ୍ୟ ଯୋଗାଇବା ଉଚିତ୍ ବୋଲି ପରାମର୍ଶ ଦିଆଯାଇଛି । ବିଏମସି ଏବେ ନାଗରିକମାନଙ୍କୁ ୱେବସାଇଟରେ ଦିଆଯାଇଥିବା ଏହି ଆବେଦନ ଗୁଡ଼ିକର ସମୀକ୍ଷା କରିବାକୁ ଏବଂ ପାରା ଘରେ ନିୟନ୍ତ୍ରିତ ଉପାୟରେ ତଥା ଏକ ନିର୍ଦ୍ଦିଷ୍ଟ ସମୟରେ ପାରାଙ୍କୁ ଖାଇବାକୁ ଦିଆଯିବା ଉଚିତ୍ କି ନାହିଁ ତାହା କହିବାକୁ ଏବଂ ସେମାନଙ୍କର ଆପତି କିମ୍ବା ପରାମର୍ଶ ଦାଖଲ କରିବାକୁ ନିବେଦନ କରିଛି । ଜନସାଧାରଣ ଅଗଷ୍ଟ ୧୯ ରୁ ଅଗଷ୍ଟ ୨୯ ପର୍ଯ୍ୟନ୍ତ ବିଏମସିକୁ ସେମାନଙ୍କର ମତାମତ ପଠାଇପାରିବେ । ଏଥିପାଇଁ ଏକ ଇମେଲ୍ ଆଇଡି ମଧ୍ୟ ଜାରି କରାଯାଇଛି । ଏହା ବ୍ୟତୀତ, ଯଦି କୌଣସି ବ୍ୟକ୍ତି ସେମାନଙ୍କର ଆପତି କିମ୍ବା ପରାମର୍ଶ ଲିଖିତ ଭାବରେ ଦେବାକୁ ଚାହାନ୍ତି,ତେବେ ସେମାନେ କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ଠିକଣାରେ ତାହା ଦାଖଲ କରିପାରିବେ । ଲୋକେ କାର୍ଯ୍ୟନିର୍ବାହୀ ସ୍ୱାସ୍ଥ୍ୟ ଅଧିକାରୀ,ତୃତୀୟ ମହଲା,ଏଫ୍ ଦକ୍ଷିଣ ଡିଭିଜନ କାର୍ଯ୍ୟାଳୟ ଭବନ, ଡକ୍ଟର ବାବାସାହେବ ଆମ୍ବେଦକର ମାର୍ଗ, ପରେଲ, ମୁମ୍ବାଇ - ୪୦୦୦୧୨ ଠିକଣାରେ ମତାମତ ପଠାଇ ପାରିବେ । ସୂଚନାଯୋଗ୍ୟ, ଅଗଷ୍ଟ ଆରମ୍ଭରେ ମୁମ୍ବାଇ ପୁଲିସ ସାର୍ବଜନୀନ ସ୍ଥାନରେ ପାରାଙ୍କୁ ଖାଇବାକୁ ଦେବା ପାଇଁ ସହରରେ ପ୍ରଥମ ଏପରି ଅପରାଧିକ ମାମଲା ପଞ୍ଜିକୃତ କରିଥିଲା । ଏହି ମାମଲା ଅଜଣା ବ୍ୟକ୍ତିଙ୍କ ବିରୁଦ୍ଧରେ ପଞ୍ଜିକୃତ ହୋଇଥିଲା । ଏଭଳି ପାରାଙ୍କୁ ଖାଇବାକୁ ଦେବା ଏବେ ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ । ମାନବ ସ୍ୱାସ୍ଥ୍ୟ ଉପରେ ପାରାଙ୍କର ଅନିୟନ୍ତ୍ରିତ ସଂଖ୍ୟାର ଗମ୍ଭୀର ପ୍ରତିକୂଳ ପ୍ରଭାବକୁ ଦୃଷ୍ଟିରେ ରଖି ସାର୍ବଜନୀନ ସ୍ଥାନରେ ପାରାଙ୍କୁ ଖାଇବାକୁ ଦେବା ଏକ ଅପରାଧ ବୋଲି ବିବେଚନା କରାଯାଏ ବୋଲି ପୁଲିସ ସୂଚିତ କରିଥିଲା ।

ରାହୁଲଙ୍କ ଉପରେ ବର୍ଷିଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୭/୦୮ (ନ୍ୟୁ.ଏ) : 'ଭୋଟ୍ ଚୋରି' ଅଭିଯୋଗ ଆଣି କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କୁ ଘେରିଥିବା ବେଳେ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନ କମିଶନ ନାଁ ନନେଇ ତାଙ୍କ ଉପରେ ବର୍ଷିଛନ୍ତି । ରାହୁଲ ଗାନ୍ଧୀଙ୍କୁ ନିର୍ବାଚନ କମିଶନ ୭ ଦିନ ସମୟ ଦେଇଛନ୍ତି । ଏହି ୭ ଦିନ ମଧ୍ୟରେ ରାହୁଲ ଗାନ୍ଧୀ 'ଭୋଟ୍ ଚୋରି' ନେଇ ସତ୍ୟପାଠ ଦାଖଲ କରନ୍ତୁ ଅବା କ୍ଷମା ମାଗନ୍ତୁ ବୋଲି ନିର୍ବାଚନ କମିଶନ କହିଛନ୍ତି । ଆଜି ଅପରାହ୍ନରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଥିଲେ ଯେ ୭ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରାଯାଉ ଅବା ଦେଶକୁ କ୍ଷମା ପ୍ରାର୍ଥନା କରାଯାଉ । ଏହା ବାଦ୍ ତୃତୀୟ ବିକଳ୍ପ ନାହିଁ । ଯଦି ୭ ଦିନ ମଧ୍ୟରେ ଆମେ ସତ୍ୟପାଠ ନପାଉ, ତା'ହେଲେ ତା'ର ଅର୍ଥ ହେବ ଯେ ଯେଉଁ ସବୁ ଅଭିଯୋଗ ଅଣାଯାଇଥିଲା, ସେଗୁଡ଼ିକ ମିଛ । ମୁଖ୍ୟ ନିର୍ବାଚନ କମିଶନର କହିଥିଲେ ଯେ 'ଭୋଟ ଚୋରି' ଭଳି ଭୁଲ ଶବ୍ଦର ବ୍ୟବହାର କରି ଜନତାଙ୍କୁ ଭ୍ରମିତ କରିବାର ଅସଫଳ ପ୍ରୟାସ କରାଯାଉଛି । ଏହା ଭାରତର ସମ୍ବିଧାନ ପ୍ରତି ଅପମାନ ନୁହେଁ ତ ଆଉ କ'ଣ ? ସେ କହିଥିଲେ, ଆମେ କିଛି ଦିନ ହେଲାଣି ଦେଖୁଛୁ କିଛି ମତଦାତାଙ୍କ ଫଟୋ, ସେମାନଙ୍କ ଅନୁମତି ବିନା ମିଡିଆ ସମ୍ମୁଖରେ ଉପସ୍ଥାପିତ କରାଗଲା । ସେମାନଙ୍କ ବିରୋଧରେ ଅଭିଯୋଗ ମଧ୍ୟ ଅଣାଗଲା । ସେମାନଙ୍କୁ ବ୍ୟବହାର କରାଗଲା । ଆପଣଙ୍କ (ଭୋଟରଙ୍କ ଉଦ୍ଦେଶ୍ୟରେ) ମା', ବୋହୂ, ଝିଅ ସହିତ କୌଣସି ମତଦାତାଙ୍କ ସିସିଟିଭି ଭିଡିଓକୁ ନିର୍ବାଚନ କମିଶନ ସାର୍ବଜନୀନ କରିବା ଉଚିତ୍ କି ? ଭୋଟର ତାଲିକାରେ ଯେଉଁମାନଙ୍କ ନାଁ ଥାଏ, ସେମାନେ ତାଙ୍କର ମନପସନ୍ଦର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ୍ ଦିଅନ୍ତି । ଲୋକସଭା ନିର୍ବାଚନ ପ୍ରକ୍ରିୟାରେ ୧ କୋଟିରୁ ଅଧିକ କର୍ମଚାରୀ , ୧୦ ଲକ୍ଷରୁ ଅଧିକ ବୁଥ୍ ସ୍ତରୀୟ ଏଜେଂଟ ଓ ୨୦ ଲକ୍ଷରୁ ଅଧିକ ପ୍ରତ୍ୟାଶୀଙ୍କ ପୋଲିଂ ଏଜେଂଟ ନିର୍ବାଚନ ପାଇଁ କାର୍ଯ୍ୟ କରନ୍ତି । ଏତେ ପାରଦର୍ଶୀ ପ୍ରକ୍ରିୟାରେ ଏତେ ସବୁ ଲୋକଙ୍କ ଉପସ୍ଥିତିରେ କ'ଣ କୌଣସି ମତଦାତା ଭୋଟ୍ ଚୋରି କରିପାରିବେ ? କିଛି ମତଦାତା ଦୁଇ ଥର ଭୋଟ୍ ଦେଇଥିବା ଅଭିଯୋଗ କରାଯାଉଛି । କିନ୍ତୁ ପ୍ରମାଣ ମାଗିବାରୁ ଜବାବ ମିଳିଲା ନାହିଁ । ଏଭଳି ମିଛ ଅଭିଯୋଗରେ ନିର୍ବାଚନ କମିଶନ ଓ ମତଦାତା ଡରନ୍ତି ନାହିଁ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଥିଲେ, ଯେତେବେଳେ ନିର୍ବାଚନ କମିଶନଙ୍କ କାନ୍ଧରେ ବନ୍ଧୁକ ରଖି ଭାରତର ଭୋଟରଙ୍କୁ ନିଶାନା କରି ରାଜନୀତି କରାଯାଉଛି, ନିର୍ବାଚନ କମିଶନ ସମସ୍ତଙ୍କୁ ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ନିର୍ବାଚନ କମିଶନ ନିର୍ଭୟର ସହିତ ଗରିବ, ଧନୀ, ବୟସ୍କ, ମହିଳା, ଯୁବା ସହିତ ସବୁ ବର୍ଗ ଓ ସବୁ ଧର୍ମର ମତଦାତାଙ୍କ ସହିତ କୌଣସି ଭେଦଭାବ ନରଖି ଚଟାଣ ଭଳି ଛିଡ଼ା ହୋଇଥିଲେ, ଛିଡ଼ା ହୋଇଛନ୍ତି ଓ ଛିଡ଼ା ହୋଇଥିବେ । ସେ କହିଥିଲେ, ଆଇନ ଅନୁଯାୟୀ ସବୁ ରାଜନୀତିକ ଦଳର ଜନ୍ମ ନିର୍ବାଚନ କମିଶନରେ ପଞ୍ଜୀକରଣରୁ ହିଁ ହୋଇଥାଏ । ତା'ହେଲେ ନିର୍ବାଚନ କମିଶନ ସେହି ରାଜନୀତିକ ଦଳଗୁଡ଼ିକ ମଧ୍ୟରେ ପାତରଅନ୍ତର କିଭଳି କରିପାରିବ ? ନିର୍ବାଚନ କମିଶନଙ୍କ ପାଇଁ ନା କେହି ବିପକ୍ଷ ନା କେହି ପକ୍ଷ । ନିର୍ବାଚନ କମିଶନଙ୍କ ପାଇଁ ସମସ୍ତେ ସମାନ । ନିର୍ବାଚନ କମିଶନ ତାଙ୍କ ସାମ୍ବିଧାନିକ କର୍ତ୍ତବ୍ୟରୁ କେବେ ବି ପଛଘୁଂଚା ଦେବେ ନାହିଁ । ଗତ ଦୁଇ ଦଶନ୍ଧି ଧରି ପ୍ରାୟ ସବୁ ରାଜନୀତିକ ଦଳ ଭୋଟର ତାଲିକାରେ ଥିବା ତ୍ରୁଟି ସୁଧାରିବା ପାଇଁ ଦାବି କରି ଆସୁଛନ୍ତି । ସେମାନଙ୍କର ଏହି ଦାବିକୁ ପୂରଣ କରିବା ପାଇଁ ନିର୍ବାଚନ କମିଶନ ଝଓଜ (Special Intensive Revision)ର ପ୍ରାରମ୍ଭ ବିହାରରୁ କରିଛନ୍ତି । SIR ପ୍ରକ୍ରିୟାରେ ସମସ୍ତ ଭୋଟର, ବୁଥ୍ ସ୍ତରୀୟ ଅଧିକାରୀ ଓ ସମସ୍ତ ରାଜନୀତିକ ଦଳ ଦ୍ୱାରା ମନୋନୀତ ୧.୬ ଲକ୍ଷ ବିଏଲ୍‌ଓ ମିଶି ଏକ ପ୍ରାଥମିକ ସୂଚୀ ପ୍ରସ୍ତୁତ କରିଛନ୍ତି ।

ଭାରତ ଫେରିଲେ ସୁନା ପୁଅ ଶୁଭାଂଶୁ ଶୁକ୍ଲା

ନୂଆଦିଲ୍ଲୀ, ୧୭/୦୮ (ନ୍ୟୁ.ଏ) : ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ନିଜ ଜନ୍ମଭୂମିକୁ ଫେରିଛନ୍ତି । ରବିବାର ବିଳମ୍ବିତ ରାତିରେ ତାଙ୍କ ବିମାନ ଦିଲ୍ଲୀର ଆଇଜିଆଇ ବିମାନବନ୍ଦରରେ ଅବତରଣ କରିଥିଲା । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଇସ୍ରୋ ବୈଜ୍ଞାନିକ, ଛାତ୍ରଙ୍କ ଏକ ଟିମ୍ ଏବଂ ବହୁ ସଂଖ୍ୟକ ଲୋକ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଶୁଭାଂଶୁଙ୍କ ପତ୍ନୀ କାମନା ଶୁକ୍ଲା ଏବଂ ପୁଅ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ । ଶୁଭାଂଶୁ ପହଂଚିବା ମାତ୍ରେ ମୁଖ୍ୟମନ୍ତ୍ରୀ ରେଖା ଏବଂ ମନ୍ତ୍ରୀ ଜିତେନ୍ଦ୍ର ତାଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଲୋକମାନେ ଭାରତ ମାତା କି ଜୟ ନାରା ଦେଇ କରତାଳି ମାରିଥିଲେ । ବିମାନବନ୍ଦର ବାହାର ପରିବେଶ ମଧ୍ୟ ବହୁତ ଉତ୍ସାହଜନକ ଥିଲା । ଲୋକମାନେ ହାତରେ ତ୍ରିରଙ୍ଗା ଧରି ଶୁଭାଂଶୁଙ୍କୁ ୱେଲକମ୍ କରିଥିଲେ । ଶୁଭାଂଶୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହା ସହ ତାଙ୍କ ଜନ୍ମସ୍ଥାନ ଲକ୍ଷ୍ନୌ ଯିବେ । ସେ ୨୨-୨୩ ଅଗଷ୍ଟରେ ଜାତୀୟ ମହାକାଶ ଦିବସ ଅବସରରେ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ପୋଷ୍ଟ କରି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଲେଖିଛନ୍ତି, 'ଗଗନଯାନ ମିଶନର ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଆଜି ସକାଳେ ଦିଲ୍ଲୀରେ ପହଂଚିବା ପରେ ଏହା ଭାରତର ମହାକାଶ କାର୍ଯ୍ୟକ୍ରମ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା । ଏହି ଆଗମନ ଭାରତୀୟ ମହାକାଶ କାର୍ଯ୍ୟକ୍ରମରେ ଉପଲବ୍ଧି ଏବଂ ଦେଶର ମହାକାଶ ଯାତ୍ରାରେ ନୂତନ ମାଇଲଖୁଂଟକୁ ପ୍ରତିଫଳିତ କରିଛି ।'

ବିଜେପି କ୍ଷମତାରେ ଥିବା ପର୍ଯ୍ୟନ୍ତ ସମ୍ବିଧାନ ବିପଦରେ : ଖଡଗେ

ସାସାରାମ, ୧୭/୦୮ (ନ୍ୟୁ.ଏ) : ବିହାରର ସାସାରାମରେ ଇଣ୍ଡିଆ ମେଂଟ ଦ୍ୱାରା ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରିବା ସମୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ବିଜେପି ଏବଂ ଆରଏସଏସକୁ କଡ଼ା ଟାର୍ଗେଟ କରିଛନ୍ତି । ଖଡଗେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ବିଜେପି କ୍ଷମତା ଛାଡି ନାହିଁ, ସେପର୍ଯ୍ୟନ୍ତ ଲୋକଙ୍କ ଭୋଟ, ଅଧିକାର ଏବଂ ସ୍ୱାଧୀନତା ସୁରକ୍ଷିତ ନୁହେଁ । ସମ୍ବିଧାନ ବିପଦରେ ଅଛି । ଅନ୍ୟପକ୍ଷରେ, ସଂଘ ସମ୍ପର୍କରେ ଖାର୍ଗେ କହିଛନ୍ତି ଯେ ଆରଏସଏସ ଦେଶର ସ୍ୱାଧୀନତା ବିରୋଧରେ ଥିଲା । ଖଡଗେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଲାଲକିଲ୍ଲାରୁ କହୁଛନ୍ତି ଯେ ଆରଏସଏସ ୧୦୦ ବର୍ଷ ଧରି ଦେଶର ସେବା କରିଆସୁଛି, ଯେତେବେଳେ ସତ୍ୟ ହେଉଛି ସଂଘ ଦେଶର ସ୍ୱାଧୀନତା ବିରୋଧରେ ଥିଲା । ଖଡଗେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଲାଲକିଲ୍ଲାରୁ କହୁଛନ୍ତି ଯେ ଆରଏସଏସ ୧୦୦ ବର୍ଷ ଧରି ଦେଶର ସେବା କରିଆସୁଛି, ଯେତେବେଳେ ସତ୍ୟ ହେଉଛି ସଂଘ ଦେଶର ସ୍ୱାଧୀନତା ବିରୋଧରେ ଥିଲା । ସଂଘର ବିଚାରଧାରା ଥିବା ଲୋକମାନେ ଗାନ୍ଧୀଜୀଙ୍କୁ ହତ୍ୟା କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଆରଏସଏସର କୌଣସି ଅବଦାନ ନଥିଲା । ବିପରୀତରେ, ସଂଘର ଲୋକମାନେ ବ୍ରିଟିଶମାନଙ୍କୁ କ୍ଷମା ଏବଂ ଚାକିରି ମାଗି ଚିଠି ଲେଖିଥିଲେ ।

ଭଗବାନ କଣ ୨ ଥର ଜନ୍ମ ହୋଇଥିଲେ: ଶଶି ଥରୁର

ନୂଆଦିଲ୍ଲୀ: ଗତକାଲି ସାରା ଦେଶରେ କୃଷ୍ଣ ଜନ୍ମାଷ୍ଟମୀ ପର୍ବ ମହା ଆଡମ୍ବରରେ ପାଳନ କରାଯାଇଥିଲା । ତଥାପି, ଏବେ ଏହାକୁ ନେଇ ରାଜନୈତିକ କରିଡରରେ ପ୍ରଶ୍ନ ଉଠାଯାଉଛି । କଂଗ୍ରେସ ସାଂସଦ ଶଶି ଥରୁର କେରଳରେ ଜନ୍ମାଷ୍ଟମୀ ପାଳନ ନକରିବା ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ ଯେତେବେଳେ ସମଗ୍ର ଦେଶରେ ଜନ୍ମାଷ୍ଟମୀ ୧୬ ଅଗଷ୍ଟରେ ପାଳନ କରାଯାଉଥିଲା, ତେବେ କେରଳରେ ୬ ସପ୍ତାହ ପରେ କାହିଁକି ପାଳନ କରାଯିବ ? ପ୍ରକୃତରେ, ମାଲାୟଲମ କ୍ୟାଲେଣ୍ଡର ଅନୁସାରେ, ଏହି ବର୍ଷ ଜନ୍ମାଷ୍ଟମୀ ୧୪ ସେପ୍ଟେମ୍ବର ୨୦୨୫ (ରବିବାର) ରେ ପାଳନ କରାଯିବ । କିନ୍ତୁ, ଶଶି ଥରୁର ଏଥିରେ ଆପତି ଉଠାଇଛନ୍ତି । ଶଶି ଥରୁର କହିଛନ୍ତି ଯେ କେରଳର ଲୋକମାନେ ଅଲଗା ଭାବରେ ଖ୍ରୀଷ୍ଟମାସ ପର୍ବ ପାଳନ କରନ୍ତି ନାହିଁ, ତେବେ ଜନ୍ମାଷ୍ଟମୀରେ କାହିଁକି ଭେଦଭାବ ରହିଛି ? ଶଶି ଥରୁର ଆଜି ସକାଳେ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ଏହି ପ୍ରଶ୍ନ ପଚାରିଛନ୍ତି । କୃଷ୍ଣ ଜନ୍ମାଷ୍ଟମୀର ଭିଡିଓ ସେୟାର କରି ଶଶି ଥରୁର କ୍ୟାପସନରେ ଲେଖିଛନ୍ତି - ଗତକାଲି (ଶନିବାର) ସାରା ଦେଶରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ କରାଯାଉଥିଲା - କେରଳ ବ୍ୟତୀତ ! ମାଲାୟଲମ କ୍ୟାଲେଣ୍ଡରରେ, ଏହି ବର୍ଷ ଜନ୍ମାଷ୍ଟମୀ ୧୪ ସେପ୍ଟେମ୍ବର ୨୦୨୫ (ରବିବାର) ରେ ଅଛି । ଶଶି ଥରୁର ଆହୁରି ଲେଖିଛନ୍ତି, 'କେହି ମୋତେ କହିପାରିବେ କି ଏହା ଏପରି କାହିଁକି ? ଏହା ନିଶ୍ଚିତ ଯେ ଭଗବାନ ଦୁଇଟି ଭିନ୍ନ ତାରିଖରେ ଜନ୍ମ ନେଇପାରିବେ ନାହିଁ, ଥରେ ଏବେ ଏବଂ ଥରେ ଛଅ ସପ୍ତାହ ପରେ ! ଏହା କ'ଣ ସମ୍ଭବ ନୁହେଁ ଯେ ଗୋଟିଏ ଧର୍ମର ସମସ୍ତ ଅନୁଗାମୀ ଏକାଠି ସମସ୍ତ ପର୍ବ ପାଳନ କରିପାରିବେ ? ସର୍ବୋପରି, କେରଳର ଲୋକମାନେ ଅଲଗା ଭାବରେ ଖ୍ରୀଷ୍ଟମାସ ପାଳନ କରନ୍ତି ନାହିଁ ।' ପୂର୍ବରୁ ମଧ୍ୟ ଶଶି ଥରୁର ଏକ ଭିଡିଓ ସେୟାର କରି ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶ ବିଷୟରେ କହିଥିଲେ । ସାଧାରଣତଃ ଇଂରାଜୀ କହୁଥିବା ଶଶି ଥରୁର ହିନ୍ଦୀରେ ଭାଷଣ ଦେଇ କହିଥିଲେ, 'ଭାରତୀୟ ରାଜନୀତି ଏବଂ ନେତାମାନେ ମହାଭାରତ, ଭଗବଦ ଗୀତା ଏବଂ ଭାଗବତ ପୁରାଣରୁ କ'ଣ ଶିଖିବା ଉଚିତ ? ମୁଁ ଭାବୁଛି ଧର୍ମ ସର୍ବୋଚ୍ଚ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das